R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୭
ତିଥି : ଏକାଦଶୀ
୧୨ ନଭେମ୍ବର ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

### ସରକାରୀ କର୍ମଚାରୀଙ୍କୁ ମୁଖ୍ୟ ସଚିବଙ୍କ ତାଗିଦ୍

## ବଦଳି, ପୋଷ୍ଟିଂ ଲାଗି ଚାପ ପକାଇଲେ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୧୧।୧୧ (ସବ୍ୟୁ) : ସରକାରୀ କର୍ମଚାରୀଙ୍କୁ ବଦଳି ଓ ପୋଷ୍ଟିଂ ପାଇଁ ଚାପ ପକାଇଲେ ହେବ କାର୍ଯ୍ୟାନୁଷ୍ଠାନ । ଏଭଳି ଚାପ ପକାଇବା ଓଡ଼ିଶା ସରକାରୀ ଚାକିରି ପରିଚାଳନା ନିୟମର ରୁଲ୍ ୨୩ର ଉଲ୍ଲଂଘନ ବୋଲି ମୁଖ୍ୟ ସଚିବ ମନୋଜ ଆହୁଜା ଦର୍ଶାଇ ସମସ୍ତ ବିଭାଗୀୟ ସଚିବ ଓ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ କୌଣସି ସରକାରୀ କର୍ମଚାରୀ ବଦଳି ଓ ପୋଷ୍ଟିଂ ପାଇଁ ପ୍ରଭାବିତ କରିପାରିବେ ନାହିଁ । ବିଶେଷକରି ଅନ୍ୟ କୌଣସି ଅଣସରକାରୀ ଅଧିକାରୀଙ୍କ ଠାରୁ ଚିଠି ବା ସୁପାରିଶ ଆଣିବେ ନାହିଁ । ବିଶେଷକରି ନେତା ଓ ମନ୍ତ୍ରୀଙ୍କ ଲିଖିତ ସୁପାରିଶରେ ବଦଳି ଓ ପଦୋନ୍ନତି ପାଇଁ ଚାପ ପକାଇବା ଏଣିକି ସରକାରୀ କର୍ମଚାରୀଙ୍କ ଲାଗି ମହଙ୍ଗା ପଡ଼ିବ । (୯ ପୃଷ୍ଠାରେ)

## ସିଜେଆଇ ଭାବେ ଶପଥ ନେଲେ ଜଷ୍ଟିସ୍ ଖାନ୍ନା



ନୂଆଦିଲ୍ଲୀ, ୧୧।୧୧ : ସୁପ୍ରିମ୍‌କୋର୍ଟର ୫୧ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଶପଥ ନେଇଛନ୍ତି । ତାଙ୍କ କାର୍ଯ୍ୟକାଳ ମାତ୍ର ୬ ମାସ ରହିବ । ୨୦୨୫ ମେ' ୧୩ରେ ତାଙ୍କ କାର୍ଯ୍ୟକାଳ ସରିବ । ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ପରେ ଆଜି ସେ ଦାୟିତ୍ୱ ନେଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ରାଷ୍ଟ୍ରପତିଭବନରେ ଏହି ଶପଥ ସମାରୋହ ଅନୁଷ୍ଠିତ ହୋଇଥିଲା ।

ମିଳିଥିବା ସୂଚନା ଅନୁଯାୟୀ ଜଷ୍ଟିସ୍ ଖାନ୍ନା ସବୁବେଳେ ଚର୍ଚ୍ଚାରୁ ଦୂରେଇ ରହିବାକୁ ପସନ୍ଦ କରୁଥିଲେ । ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ସେ ବାସ୍ତବତାକୁ ଅନୁଭବ କରୁଥିଲେ । ୨୦୧୯ ଜାନୁଆରୀ ୧୮ରେ ସେ ପ୍ରଥମେ ସୁପ୍ରିମ୍‌କୋର୍ଟର ବିଚାରପତି ହୋଇଥିଲେ । ୨୦୨୫ ମେ' ୧୩ରେ ତାଙ୍କର ପଦୋନ୍ନତି କରାଯାଇଥିଲା । ସୁପ୍ରିମ୍‌କୋର୍ଟର କିଛି ଜଜ୍‌ଙ୍କ ମଧ୍ୟରେ ସିଜେଆଇ ହେବା ମଧ୍ୟରେ ଏହା ଏକ ଅନ୍ୟତମ । ୧୯୮୩ରେ ଦିଲ୍ଲୀ ବାର୍ କାଉନ୍‌ସିଲ୍‌ରେ ଆଇନ୍‌ଜୀବୀ ଭାବେ ସେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ । ପୂର୍ବରୁ ସେ ଜିଲ୍ଲା କୋର୍ଟରେ ଆଇନ୍‌ଜୀବୀ ଭାବେ କାର୍ଯ୍ୟ କରୁଥିଲେ । ଆୟକର ବିଭାଗର ସିନିୟର ଷ୍ଟାଣ୍ଡିଂ କାଉନ୍‌ସିଲ୍ ଭାବେ ସେ କାର୍ଯ୍ୟ କରିଛନ୍ତି । ୨୦୦୪ରେ ନ୍ୟାସନାଲ କ୍ୟାପିଟାଲ ଟେରାଟେରୀ ଅଫ୍ ଦିଲ୍ଲୀର ଷ୍ଟାଣ୍ଡିଂ କାଉନ୍‌ସିଲ୍ ଭାବେ ନିଯୁକ୍ତି ଦିଆଯାଇଥିଲା । ଜଷ୍ଟିସ୍ ଖାନ୍ନା ଅନେକ କ୍ରିମିନାଲ୍ କେସ୍ ଦିଲ୍ଲୀ ହାଇକୋର୍ଟରେ ଲଢ଼ିଛନ୍ତି । ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଓ ଆମିକସ୍ କ୍ୟୁରି ଭାବେ ସେ ଦିଲ୍ଲୀ ହାଇକୋର୍ଟରେ (୯ ପୃଷ୍ଠାରେ)

## ଆଜି ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୧୧ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି । ସେ ତାଙ୍କ ଦିଲ୍ଲୀଗସ୍ତ ସମୟରେ କେତେକ ସରକାରୀ କାର୍ଯ୍ୟକ୍ରମ ସହ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବୁଧବାର ଦିନ ଅପରାହ୍ଣରେ ସେ ଓଡ଼ିଶା ଫେରିଆସିବେ ବୋଲି ସୂଚନା ମିଳିଛି ।

## ୧୫ରୁ ବଢ଼ିବ ଶୀତ

ଭୁବନେଶ୍ୱର, ୧୧।୧୧ (ସବ୍ୟୁ): ରାଜ୍ୟରେ ବଦଳୁଛି ପାଗ । ୧୫ ତାରିଖ ଅର୍ଥାତ କାର୍ତ୍ତିକ ପୂର୍ଣ୍ଣିମା ଠାରୁ ରାଜ୍ୟର ଶୀତର ପ୍ରକୋପ ବଢ଼ିବା ରାତିର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ସେପଟେ କାର୍ତ୍ତିକ ମାସର ଆଜି ହେଉଛି ଶେଷ ସୋମବାର । ରାଜ୍ୟକୁ ଶୀତ ଋତୁ ଆସିନି । କିନ୍ତୁ ଶୀତର ପ୍ରକୋପ ଆରମ୍ଭ ହେଲାଣି । ବିଳମ୍ବିତ ରାତିରେ ରାଜଧାନୀ ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସାମାନ୍ୟ କୁଡୁଡି ଦେଖିବାକୁ ମିଳୁଥିବା ବେଳେ ଶୀତ ଅନୁଭୂତ ହେଉଛି । ଭୋରୁ ଭୋରୁ ପ୍ରବଳ ଶୀତ ହେଉଛି। ଆସନ୍ତା ୧୫ ତାରିଖରେ କାର୍ତ୍ତିକ ପୂର୍ଣ୍ଣମା ପଡୁଛି । ତା'ପରଠାରୁ ଶୀତର ପ୍ରକୋପ ବୃଦ୍ଧି ପାଇପାରେ ।

ଅନ୍ୟପକ୍ଷରେ ଆସନ୍ତା ୪ଦିନ ଯାଏ ଉପକୂଳ (୯ ପୃଷ୍ଠାରେ)

## ଅତନୁଙ୍କ ବୟାନକୁ ନେଇ ବଢ଼ିଲା ବିବାଦ

ଭୁବନେଶ୍ୱର, ୧୧।୧୧ (ସବ୍ୟୁ) : ନବୀନ ପଟ୍ଟନାୟକ ପୁରିଥରେ ମୁଖ୍ୟମନ୍ତ୍ରୀ ହେବେ । ଏଥିପାଇଁ ସବୁ ପ୍ରସ୍ତୁତି ହୋଇସାରିଛି । ରାଜ୍ୟବାସୀ ଆଉଥରେ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରାଇବାକୁ ପ୍ରସ୍ତୁତ ହେଲେଣି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକଙ୍କ ବୟାନ ବେଶ୍ ବିବାଦ ସୃଷ୍ଟି କରିଛି ।

କେନ୍ଦ୍ରାପଡା ମହାକାଳପଡାରେ ଆୟୋଜିତ ଏକ ସଭାରେ ଦଳୀୟ କର୍ମୀଙ୍କ ମଧ୍ୟରେ ଜୋସ୍ ଧରିବାକୁ ଯାଇ ଅତନୁ କହିଥିଲେ ଯେ ଓଡ଼ିଶା ଲୋକ ନବୀନ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ପ୍ରସ୍ତୁତ ହେଲେଣି । ଆମର ବିଧାୟକଙ୍କ ସଂଖ୍ୟା ୫୧ ଓ କଂଗ୍ରେସର ୧୪ । ସ୍ୱାଧୀନର ୩ ବିଧାୟକଙ୍କ ସମର୍ଥନ ଅଛି । ଆଉ ମାତ୍ର ୮ ରୁ ୧୦ ବିଧାୟକ ଦରକାର । ତାହା ମଧ ଖୁବ୍‌ଶୀଘ୍ର ହୋଇଯିବ ବୋଲି ଅତନୁ କହିଥିଲେ । ଅତନୁଙ୍କ ପୂର୍ବରୁ ସାଂସଦ ମୁନ୍ନା ଖାଁ ଓ ଦେବାଶିଷ୍ ସାମନ୍ତରାୟ ମଧ ପୁଣି ବିଜେପି (୯ ପୃଷ୍ଠାରେ)

## ଝାଡଖଣ୍ଡ ପ୍ରଚାରରେ ଓଡ଼ିଶା ନେତାଙ୍କ ଭିଡ଼



ଭୁବନେଶ୍ୱର, ୧୧।୧୧ (ସବ୍ୟୁ) : ଝାଡଖଣ୍ଡ ବିଧାନସଭା ନିର୍ବାଚନ ପାଖେଇ ଆସୁଛି । ଆସନ୍ତା ୧୩ ଓ ୨୦ରେ ଦୁଇ ପର୍ଯ୍ୟାୟରେ ମତଦାନ ହେବ । ସେଠାରେ ଜେଏମ୍‌ଏମ୍ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ସରକାରରେ ରହିଛି । ତେବେ ଏଥର ଜାଡଖଣ୍ଡ ବିଧାନସଭା ନିର୍ବାଚନରେ ଓଡ଼ିଶା ନେତାଙ୍କୁ ଦେଖିବାକୁ ମିଳୁଛି । ଓଡ଼ିଶା ସୀମାନ୍ତ ୪ ଜିଲ୍ଲାରେ ଓଡ଼ିଆ ଲୋକଙ୍କ ପ୍ରଭାବ ରହିଛି । ଏଠାରେ ହିନ୍ଦୀ ଭାଷାଭାଷୀ ଲୋକଙ୍କ ସଂଖ୍ୟା ସର୍ବାଧିକ ହୋଇଥିଲେ ବି ଦ୍ୱିତୀୟ ରାଜ୍ୟ ଭାଷା ଭାବେ ସେଠି ଓଡ଼ିଆ ରହିଛି । ବିଭିନ୍ନ ନିର୍ବାଚନମଣ୍ଡଳୀରେ ଏବେ ଓଡ଼ିଶା ନେତାଙ୍କୁ ଦେଖିବାକୁ ମିଳୁଛି ।

### ଷଢ଼େଇକଳାରେ ପ୍ରଚାର କଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଝାଡଖଣ୍ଡରେ ନିର୍ବାଚନ ପ୍ରଚାରରେ ଆଜି ସାମିଲ ହୋଇଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମଧ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଲାଗିଛନ୍ତି । ଦୁଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ମଧ ପ୍ରଚାର ଚଳାଇଛନ୍ତି । ପୂର୍ବତନ (୯ ପୃଷ୍ଠାରେ)



ସମୟ

ମଙ୍ଗଳବାର, ୧୨ ନଭେମ୍ବର ୨୦୨୪

ସୌରଭ





## ମଙ୍ଗଳରେ ପାଣିର ରହସ୍ୟ



ମଙ୍ଗଳ ଓ ପୃଥିବୀ ଭିତରେ ଅନେକ ସାମଞ୍ଜସ୍ୟ ରହିଛି । ମଙ୍ଗଳରେ ପୃଥିବୀ ଭଳି ପାଣି,ବାଲି ଓ ପଥରର ସନ୍ଧାନ ମିଳିଛି, ତେଣୁ ଏହାକୁ ପୃଥିବୀ ସହିତ ତୁଳନା କରାଯାଇଥାଏ । ତେବେ ମଙ୍ଗଳରେ କିଭଳି ପାଣିର ସୃଷ୍ଟି ହୋଇଥିବ ଏବଂ ଏହା କିଭଳି ଏଠାରେ ସଂରକ୍ଷିତ ହୋଇ ରହିଥିବ ଏହା ଏକ ପ୍ରଶ୍ନ ପାଲଟିଛି । ଏହି ବିଷୟକୁ ନେଇ ଅନେକ ସମୟରେ ଆଲୋଚନା ହେବା ସହିତ ଏକାଧିକ ବୈଜ୍ଞାନିକ ଏହାକୁ ନେଇ ଗବେଷଣା ମଧ କରିଥାଆନ୍ତି । ପ୍ଲାନିଟାରୀ ରିସର୍ଚ୍ଚ ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁସାରେ ଏହି ପ୍ରଶ୍ନର ଉତ୍ତର ମିଳିଛି । ମିଳିଥିବା ତଥ୍ୟ ଅନୁସାରେ ମଙ୍ଗଳର ସାଉଥ୍ ପୋଲ ରିଜନ୍‌ରେ କାର୍ବୋନ ଡାଇଅକ୍ସାଇଡ୍ ବରଫର ଏକ ସ୍ତର ରହୁଛି । ଯାହା ମଙ୍ଗଳରେ ଥିବା ପାଣିର କାରଣ ହୋଇପାରେ । ଏହି ରିପୋର୍ଟ ଅନୁସାରେ ପାଖାପାଖି ୩.୬ ବିଲିଅନ ବର୍ଷ ପୂର୍ବେ ମଙ୍ଗଳର ବାୟୁମଣ୍ଡଳରେ ଥିବା କାର୍ବୋନ ଡାଇଅକ୍ସାଇଡ୍ ଜମିବା ଆରମ୍ଭ କରିଥିଲା ଯାହା ଏକ ପରତ ଭଳି ମେରୁରେ ଥିବା ବରଫ ଗୁଡିକ ଉପରେ ଯମା ହୋଇଥିଲା । ତେବେ ଏହି ଆସ୍ତରଣ ଫଳରେ ମଙ୍ଗଳର ଭିତର ଭାଗରେ ତାପମାତ୍ରା ବଢିବାରେ ଲାଗିଲା ଏବଂ ଏହାର ପ୍ରଭାବ ସିଧା ବରଫ ଉପରେ ପଡିଥିଲା । ଯାହାଫଳରେ ଏହି ବରଫ ତରଳିବା ସହିତ ନଦୀର ରୂପ ନେଇଥିଲା । ଏହା ମଙ୍ଗଳରେ ଥିବା ଏତେ ମାତ୍ରାରେ ପାଣିର କାରଣ ହୋଇପାରେ ବୋଲି ବୈଜ୍ଞାନିକ ଆଶା ପ୍ରକାଶ କରିଛନ୍ତି । ତେବେ ଏହାକୁ ନେଇ ସେଭଳି କୌଣସି ନିର୍ଦ୍ଧିଷ୍ଟ ପ୍ରମାଣ ନାହିଁ, କିନ୍ତୁ ଏହି କାରଣ ଏକ ସମ୍ଭାବନା ବୋଲି ସେମାନେ ମତ ରଖିଛନ୍ତି ।

## ସୋସିଆଲ କୋଟ୍ସ



ଫିଲ୍ମ କରିବା ପୂର୍ବରୁ ଜଣା ଥିଲା କି ଏହା ଏକ ସେନ୍ସିଟିଭ୍ ଟପିକ୍ ତେଣୁ ଏହାକୁ ନେଇ ବିବାଦ ହେବ । କିଛି ଲୋକ ଏହାକୁ ସମର୍ଥନ କରିବେ ହେଲେ ବେଶି ଏହାର ବିରୋଧ କରିବେ ।

**ବିକ୍ରାନ୍ତ ମେସି, ଅଭିନେତା**



ମୋ ନିଶା ସେବନ ପଛର କାରଣ ଇଣ୍ଡଷ୍ଟ୍ରୀର ଫେମ୍ ନଥିଲା । ଏହାର କାରଣ ଅନ୍ୟ କିଛି ରହିଥିଲା । ମୋ ଘରର ପରିସ୍ଥିତି ଏଭଳି ଥିଲା ଯାହା ମୋତେ ନିଶା ସେବନ ପାଇଁ ବାଧ କରିଥିଲା ।

**ପ୍ରତୀକ ବବ୍ବର, ଅଭିନେତା**



ଭିକ୍କି କ୍ୟାରିୟରରେ ଅନେକ ଷ୍ଟ୍ରଗଲ କରିଛି । ପ୍ରତିଦିନ ସେ ସକାଳ ହେଲେ କାମ ମାଗିବାକୁ ବାହାରି ଯାଇଥାଏ । ଅନେକଥର ସେ ରିଜେକସନ୍‌ର ସାମନା କରିଛି ।

**ଶାମ୍ କୌଶଲ, ଭିକ୍କି କୌଶଲଙ୍କ ବାପା**

## ଇତିହାସ ପୃଷ୍ଠାରୁ

୧୮୯୬– ଭାରତୀୟ ପକ୍ଷୀ ବୈଜ୍ଞାନିକ ସଲିମ ଅଲ୍ଲୀଙ୍କ ଜନ୍ମ । ତାଙ୍କରି ସ୍ମୃତିରେ ଏହି ଦିନକୁ ଜାତୀୟ ପକ୍ଷୀ ଦିବସ ରୂପେ ପାଳନ କରାଯାଏ ।

୧୯୨୫– ଆମେରିକା ଏବଂ ଇଟାଲୀ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେଲା ।

୧୯୩୬– କେରଳର ମନ୍ଦିର ସମସ୍ତ ହିନ୍ଦୁଙ୍କ ପାଇଁ ଖୋଲାଗଲା ।

୧୯୫୩– ଇସ୍ରାଏଲର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡେଭିଡ୍ ବେନ୍ ଗୁରିୟନ୍ ତାଙ୍କ ପଦବୀରୁ ଇସ୍ତଫା ଦେଲେ ।

୧୯୬୩– ଜାପାନରେ ଟ୍ରେନ୍ ଦୁର୍ଘଟଣା କାରଣରୁ ୧୬୪ ଲୋକଙ୍କ ମୃତ୍ୟୁ ।

୨୦୦୯– ଭାରତରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାରଙ୍କର ଅତୁଲ୍ୟ ଭାରତ ଅଭିଯାନକୁ ୱାର୍ଲ୍ଡ ଟ୍ରାଭେଲ୍ ଆୱାର୍ଡ଼ ପ୍ରଦାନ କରାଗଲା ।

## ମାର୍ସାଲ ଆର୍ଟରେ ଗିନିଜ୍ ରେକର୍ଡ



ଦିଲ୍ଲୀର ଏକ ମାର୍ସାଲ ଆର୍ଟିଷ୍ଟ ନିଜ ନାଁକୁ ଗିନିଜ୍ ରେକର୍ଡରେ ସାମିଲ କରି ଭାରତ ପାଇଁ ସୌଭାଗ୍ୟ ଆଣିଦେଇଛନ୍ତି । ଦିଲ୍ଲୀର ଏହି ଯୁବକ ୬ଫୁଟ ୯ ଇଞ୍ଚର ୩୬୦ଟି କିକ୍ ମାରି ଏହି ରେକର୍ଡ କରିଛନ୍ତି । ଗିନିଜ୍ ରେକର୍ଡର ଅଫିସିଆଲ ୱେବ୍ ସାଇଟ୍‌ରେ ଏନେଇ ସୂଚନା ଦିଆଯାଇଛି । ଭିଡ଼ିଓରେ ବ୍ୟକ୍ତିଜଣଙ୍କ ଖୁବ କୁଶଳୀ ଭାବେ ଏହି କିକ୍ ମାରୁଥିବାର ଦେଖିବାକୁ ମିଳୁଛି । ଏହି କୌଶଳ ଏକ କୋରିଆନ୍ ମାର୍ସାଲ ଆର୍ଟ ଷ୍ଟାଇଲ୍‌ରୁ ପ୍ରେରିତ ହୋଇଥିବାବେଳେ ଏହାକୁ ପାଖାପାଖି ୧୫ ବର୍ଷ ହେଲା ସେ ଅଭ୍ୟାସ କରୁଛନ୍ତି । ସୋସିଆଲ ମିଡିଆରେ ଲୋକମାନେ ଏହାର ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି । ତାଙ୍କର କୌଶଳ ଖୁବ ୟୁନିକ୍ ହୋଇଥିବାରୁ ଏହାକୁ ଲୋକମାନେ ଖୁବ ଭଲ ପାଇବା ଦେବାରେ ଲାଗିଛନ୍ତି । ଏହି ଆର୍ଟିଷ୍ଟ ଜଣଙ୍କ ନିଜର ଏକ ଅର୍ଗାନାଇଜେସନ୍‌ରେ କିଛି ଛାତ୍ରଙ୍କୁ ମାର୍ସାଲଆର୍ଟ ଶିକ୍ଷା ମଧ ଦେଉଛନ୍ତି ।



## କ୍ରେଭିଂର ସକରାତ୍ମକ ଦିଗ



କ୍ରେଭିଂ ସମସ୍ତଙ୍କର ହୋଇଥାଏ । ଛୋଟ ହୁଅନ୍ତୁ କି ବଡ ସମସ୍ତଙ୍କୁ କ୍ରେଭିଂ ପାଇଁ ଭିନ୍ନଭିନ୍ନ ସମସ୍ୟାର ସାମନା କରିବାକୁ ପଡିଥାଏ । ତେବେ କ୍ରେଭିଂର ଯେ କେବଳ ଖରାପ ପ୍ରଭାବ ରହିଛି ତାହା ନୁହେଁ । କ୍ରେଭିଂକୁ ବୁଝି ଆମେ ଏହାର ଫାଇଦା ମଧ ପାଇପାରିବା । ଆସନ୍ତୁ ଜାଣିବା କିଭଳି କ୍ରେଭିଂକୁ ଆମେ ସକରାତ୍ମକ ଉପାୟରେ ଲଗାଇପାରିବା । କ୍ରେଭିଂକୁ ଯେ ସବୁବେଳେ ଆଭୋଏଡ୍ କରିବାକୁ ହୋଇଥାଏ ଏହା ଭାବିବା ଭୁଲ । କ୍ରେଭିଂ ସାହାଯ୍ୟରେ ଆମେ ଆମ ଭିତରେ ଲୁଚି ରହିଥିବା ଇଚ୍ଛାକୁ ଜାଣିଥାଉ । ଏହା ଆମର ବଡିର ପଜିଟିଭ ସାଇଡ୍‌କୁ ଆଗକୁ ଆଣିଥାଏ, ସେହିଭଳି ଫୁଡ କ୍ରେଭିଂ ମାଧ୍ୟମରେ ଆମେ ନିଜ ବ୍ୟକ୍ତିତ୍ୱକୁ ନିଜେ ସମୀକ୍ଷା କରିପାରୁ । ଫୁଡ କ୍ରେଭିଂକୁ ପ୍ରଥମେ ଭଲ ଭାବେ ବୁଝନ୍ତୁ । ଆପଣଙ୍କ ଶରୀର କେଉଁ ଖାଦ୍ୟ ପାଇଁ ଆଗ୍ରହ ପ୍ରକାଶ କରୁଛି ଏହା ଜାଣିବାପରେ ଫୁଡ କ୍ରେଭିଂକୁ ବୁଝିବା ସହଜ ହୋଇଯାଏ । ତେଣୁ ଏହାକୁ ହଠାତ୍ ଆଭୋଏଡ ନକରି ବୁଝିବାକୁ ଚେଷ୍ଟା କରନ୍ତୁ । ଫୁଡ କ୍ରେଭିଂ ସାହାଯ୍ୟରେ ଆପଣ ନିଜ ଶରୀର ବିଷୟରେ ମଧ କିଛି ଅଜଣା କଥା ଜାଣିପାରିବେ । ସେହିଭଳି କ୍ରେଭିଂ ବିଷୟରେ ବୁଝି ଏହାକୁ ଧ୍ୟାନରେ ରଖି ଖାଦ୍ୟ ଖାଇଲେ ମାନସିକ ଶାନ୍ତି ମଧ ମିଳିଥାଏ । ତେଣୁ ସବୁବେଳେ ଫୁଡ କ୍ରେଭିଂକୁ ନକରାତ୍ମକ ଢଙ୍ଗରେ ନଦେଖି ଏହାର ସକରାତ୍ମକ ଦିଗରେ ମଧ ଧ୍ୟାନ ଦିଅନ୍ତୁ । ହେଲେ ଯଦି ଆପଣ କୌଣସି ରୋଗରେ ପୀଡିତ ଏବଂ ଆପଣଙ୍କୁ କ୍ରେଭିଂର ସମସ୍ୟା ଅଛି, ତେବେ ଡାକ୍ତରଙ୍କ ପରାମର୍ଶ ଖାଦ୍ୟ ଗ୍ରହଣ କରନ୍ତୁ । ଏଭଳି କ୍ଷେତ୍ରରେ କ୍ରେଭିଂ ସମସ୍ୟା ସୃଷ୍ଟି କରିପାରେ ।

## ଅସୁସ୍ଥ ଥାଇ ବି କରିଥିଲେ ସୁଟିଂ



ସାମନ୍ଥା ରୁଥ୍ ପ୍ରଭୁ ନିକଟରେ ନିଜର ପର୍ସନାଲ ଲାଇଫ୍‌କୁ ନେଇ ଅନେକ ଲାଇମ୍ ଲାଇଟ୍‌ରେ ରହୁଥିଲେ । ତେବେ ବର୍ତ୍ତମାନ ନିଜର ୱେବ୍ ସିରିଜ୍‌କୁ ନେଇ ଚର୍ଚ୍ଚାରେ ଅଛନ୍ତି ଅଭିନେତ୍ରୀ । ନିକଟରେ ରିଲିଜ୍ ହୋଇଥିବା ସିଟାଡେଲ୍ ସେ ବରୁଣ ଧୱନଙ୍କ ସହିତ ନଜର ଆସିଛନ୍ତି । ଏହି ସିରିଜ୍‌ର ସୁଟିଂ ସମୟରେ ସାମନ୍ଥା ଖୁବ ପରିଶ୍ରମ କରିଥିବାନେଇ ବରୁଣ ଧୱନ ପ୍ରକାଶ କରିଛନ୍ତି । ସେ ଏହି ସମୟରେ ଆହତ ହୋଇ ମଧ ସୁଟିଂ ଜାରି ରଖିଥିଲେ । ସେ ଏତେ ଅସୁସ୍ଥ ଥିଲେ କି ଗୋଟିଏ ଥର ସେଟ୍‌ରେ ବେହୋସ ମଧ ହୋଇ ଯାଇଥିଲେ । ହେଲେ ଏହା ପରେ ବି ସେ ସିରିଜ୍‌ର ସୁଟିଂ ସାରିଥିଲେ । ଏହା ତାଙ୍କର ଷ୍ଟ୍ରଙ୍ଗ୍ କମିଟ୍‌ମେଣ୍ଟକୁ ଦର୍ଶାଉଛି ବୋଲି ବରୁଣ ମତ ଦେଇଛନ୍ତି । ସାମନ୍ଥା ସବୁବେଳେ ନିଜ କାମକୁ ନେଇ ଖୁବ ସିରିଏସ୍ ରହିଥାଆନ୍ତି ଏବଂ ସମସ୍ତ ଫିଲ୍ମ ପାଇଁ ଖୁବ ପରିଶ୍ରମ କରନ୍ତି ବୋଲି ବରୁଣ ମତ ଦେଇଛନ୍ତି । ସାମନ୍ଥା ଅସୁସ୍ଥା ଥିବାରୁ ପୁରା ସେଟ୍ ତାଙ୍କ ପାଇଁ ଖୁବ ଚିନ୍ତିତ ଥିଲା ଏବଂ ବିଶେଷଭାବେ ବରୁଣ ତାଙ୍କପାଇଁ ଖୁବ ବ୍ୟସ୍ତ ରହୁଥିଲେ । ସୂଚନା ଅନୁସାରେ ସାମନ୍ଥା ନିକଟରେ ଏକ ବିରଳ ରୋଗ ମାୟୋସାଇଟିସ୍‌ରେ ପିଡିତ ଥିବା ଜଣା ପଡିଥିଲା । ସେହିଭଳି ଏହି ସମୟରେ ଶୋ'ର ମେକର୍ସ ଓ ପୁରାୟୁନିଟ୍ ସାମନ୍ଥାଙ୍କୁ ଖୁବ ସାହାଯ୍ୟ କରିଥିଲେ । ସେମାନଙ୍କ ସହଯୋଗ ଓ ସାମନ୍ଥାଙ୍କ ଇଚ୍ଛା ଶକ୍ତି ବଳରେ ଏହି ସିରିଜ୍‌ର ସୁଟିଂ ସରିଥିଲା ବୋଲି ବରୁଣ ମତ ଦେଇଛନ୍ତି ।

## ରାଶି ଅନୁସାରେ ରତ୍ନ

**ସୂର୍ଯ୍ୟ :** ସୂର୍ଯ୍ୟଙ୍କ ସମ୍ବନ୍ଧିତ କିଛି ବି ସମସ୍ୟାର ନିରାକରଣ ପାଇଁ ଆପଣ ମାଣିକ୍ୟ ରତ୍ନ ଧାରଣ କରନ୍ତୁ । ତେବେ ତୁଳା, ମକର, କୁମ୍ଭ ଓ କନ୍ୟା ଲଗ୍ନର ବ୍ୟକ୍ତିମାନେ ଏହି ରତ୍ନ ଧାରଣ କରିବା ଅନୁଚିତ୍ । ଯଦି ମୁଣ୍ଡ କିମ୍ବା ଗଣ୍ଠିରେ ପୀଡା ଅନୁଭୂତ ହୁଏ ତେବେ ମାଣିକ୍ୟ ରତ୍ନ ପିନ୍ଧିବା ଉଚିତ୍ ନୁହେଁ ।

**ଚନ୍ଦ୍ର :** ମାନସିକ ସମସ୍ୟାର ଉପଚାର ପାଇଁ ମୋତି ରତ୍ନ ଧାରଣ କରନ୍ତୁ । ଏହା ଚନ୍ଦ୍ର ଗ୍ରହକୁ ଶାନ୍ତ କରିଥାଏ । ହେଲେ ବୃଷ, ମିଥୁନ, କନ୍ୟା, ମକର ରାଶିର ଲୋକ ଏହାକୁ ପିନ୍ଧିବା ଅନୁଚିତ୍ । ତେବେ ମୋତି ରତ୍ନ ଯଦି କ୍ଷତି ପହଞ୍ଚାଏ ତେବେ ମାନସିକ ସ୍ଥିତି ବଦଳିଥାଏ ।

**ମଙ୍ଗଳ :** ମଙ୍ଗଳ ଗ୍ରହ ପାଇଁ ଲାଲ ଓ ନାରଙ୍ଗୀ ରଙ୍ଗର ମୂଙ୍ଗ ରତ୍ନ ବ୍ୟବହାର ହୋଇଥାଏ । ହେଲେ ମିଥୁନ ଓ କନ୍ୟା ଲଗ୍ନର ଲୋକଙ୍କ ପାଇଁ ଏହା ଛୁଇଁବା ମନା । ଏହି ରତ୍ନ ସେମାନଙ୍କ ପାଇଁ ଅଶୁଭକର ହୋଇଥାଏ । ତେବେ ଯେଉଁମାନେ କ୍ରୋଧୀ ସେମାନେ ଏହି ରତ୍ନ ଧାରଣ କରିବା କଥା ନୁହେଁ । ଯଦି ଦୁର୍ଘଟଣା କିମ୍ବା ରକ୍ତ ସମସ୍ୟା ଦେଖାଯାଇଥାଏ । ତେବେ ଏହି ରତ୍ନ ପିନ୍ଧିବା ଉଚିତ୍ ନୁହେଁ ।

**ବୁଧ :** ବୁଧ ଗ୍ରହ ପାଇଁ ରତ୍ନର ନାଁ ହେଲା ପନ୍ନା । ଏହି ରତ୍ନ ମୁଣ୍ଡ ଓ ମନକୁ ଶକ୍ତିଶାଳୀ କରିଥାଏ । ମେଷ, କର୍କଟ ଲଗ୍ନର ଲୋକ ଏହାକୁ ଧାରଣ କରନ୍ତୁ ନାହିଁ । ତେବେ ଏହାକୁ ପିନ୍ଧିବା ପରେ ଯଦି ତ୍ୱଚାରେ ସମସ୍ୟା ଦେଖାଦିଏ , ତେବେ ଏହାକୁ କାଢି ଦିଅନ୍ତୁ ।

**ବୃହସ୍ପତି :** ବୃହସ୍ପତିଙ୍କର ହଳଦିଆ ପୁଖରାଜ ରତ୍ନ ଶରୀରରେ ଶକ୍ତି, ଧର୍ମ ଓ ଜ୍ଞାନ ବୃଦ୍ଧି କରିଥାଏ । ବୃଷ, ତୁଳା, ମକର, କୁମ୍ଭ ଆଦି ଲଗ୍ନର ଲୋକ ଏହାକୁ ଧାରଣ କଲେ ଖରାପ । ସେହିଭଳି ଯେଉଁ ମାନଙ୍କର ପେଟ ସମସ୍ୟା ଥିବ ସେମାନେ ଏହାକୁ ପିନ୍ଧିବା ସୁରକ୍ଷିତ ନୁହେଁ ।



**ଶୁକ୍ର :** ଶୁକ୍ରଙ୍କର ରତ୍ନ ହେଉଛି ହୀରା । ଏହା ପ୍ରେମ, ସୌନ୍ଦର୍ଯ୍ୟ ଓ ଖୁସିର ପ୍ରତୀକ । ହେଲେ ଏହାକୁ ଧାରଣ କରିବା ସମୟରେ ସାବଧାନତା ଅବଲମ୍ବନ କରିବାକୁ ହୋଇଥାଏ । ଏହା ଯଦି କ୍ଷତି ପହଞ୍ଚାଇଥାଏ ତେବେ ଦାମ୍ପତ୍ୟ ଜୀବନରେ କଳହ ଲାଗିଥାଏ । ଏହାକୁ ମେଷ, କର୍କଟ, ସିହଁ,ମୀନ ଆଦି ଲଗ୍ନର ଲୋକ ଲଗାଇବା ଶୁଭଙ୍କର ନୁହେଁ ।

**ଶନି:** ଶନିଙ୍କର ରତ୍ନ ହେଉଛି ନିଲମ । ଏହାକୁ ନିଜ ରାଶି ସହ ମିଶାଇ ପିନ୍ଧନ୍ତୁ । କାରଣ ଏହା ଖୁବ୍ ଶକ୍ତିଶାଳୀ ହୋଇଥାଏ । ଏହାକୁ ସିଂହ ଲଗ୍ନର ବ୍ୟକ୍ତି ପିନ୍ଧିବା ଉଚିତ୍ ନୁହେଁ

**ରାହୁ :** ଗୋମେଦ ରତ୍ନ ରାହୁଙ୍କର ରତ୍ନ ଭାବେ ପରିଚିତ । କିଛି ସାମାନ୍ୟ ସମସ୍ୟା ଥିଲେ ଏହାକୁ ପିନ୍ଧିବା ଉଚିତ୍ ନୁହେଁ । ଏହାକୁ ସତର୍କତାର ସହ ପିନ୍ଧନ୍ତୁ । ଏହାର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡି ପାରେ ।

**କେତୁ :** କେତୁଙ୍କ ରତ୍ନ ଲହସୁନିଆ । ଯଦି ରାଶିରେ କେତୁ ଅନୁକୂଳ ଅଛି ତେବେ ଏହି ରତ୍ନ ଧାରଣ କରନ୍ତୁ । ଯଦି କେତୁ ଅନୁକୂଳ ନଥାଇ ଆପଣ ଏହାକୁ ଧାରଣ କରନ୍ତି ତେବେ ସ୍ନାୟୁ କିମ୍ବା ଚର୍ମ ଜନିତ ରୋଗ ହେବାର ଆଶଙ୍କା ରହିଥାଏ ।

## ହାଃ...ହାଃ...

**ଶିକ୍ଷକ :** 'ଖୁସିର ଠିକଣା ନାହିଁ' ଏହି ଢଗକୁ ସରଳ କର ।

**ଗପୁ :** ଖୁସି ଘର ଲୋକଙ୍କୁ ଲୁଚେଇକି ପ୍ରତିଦିନ ନିଜ ପୁଅ ସାଙ୍ଗକୁ ଦେଖା କରିବାକୁ ଯାଉଥିଲା । ଦିନେ ଘରଲୋକ ତାକୁ ସେହି ପୁଅ ସହ ଦେଖିନେଲେ । ଏହାପରେ ତା ବାପା ତାକୁ ବାଡେଇ ବାଡେଇ ଘରୁ ବାହାର କରିଦେଲେ । ବର୍ତ୍ତମାନ 'ଖୁସିର ଠିକଣା ନାହିଁ' ।



## ଜେଲ ଗଲା ନିଶାଶକ୍ତ ଯୁବକ

ବାରଙ୍ଗ (ସବ୍ୟୁ) ନିଶାସକ୍ତ ଅବସ୍ଥାରେ ମଦ ବାରରେ ପଶି ମଦଦେବାକୁ ଧମକଦେବା ସହିତ ଦାଦବାଟି ପାଇଁ ଦାବୀ କରିବା, ମାରଧର କରିବା ଓ ଗାଡି ଭଙ୍ଗାରୁଜା କରିବା ଜଣେ ଯୁବକକୁ ମହଙ୍ଗା ପଡ଼ିଛି । ଶେଷରେ ସୋମବାର ଦିନ ନନ୍ଦନ କାନନଥାନା ପୋଲିସ ଯୁବକ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି ।

ଗିରଫ ଯୁବକ ହେଉଛନ୍ତି ରଘୁନାଥ ପୁର ଗ୍ରାମର ରୋହନପାଣି ଓରଫ ବିଟୁ ବୋଲି ସୂଚନା ମିଳିଛି । ବିଭିନ୍ନସ୍ଥାନରେ ଚଢଉକରି ରବିବାର ରାତିରେ ବିଟୁକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ରହିଛ।ପୋଲିସ ବିଟୁଠାରୁ ଗୋଟିଏ ଖଣ୍ଡା,ଗୋଟିଏ ପ୍ଲାଷ୍ଟିକ ପାଇପ ଓ ଏକ ବାଇକ ଜବତ କରିଛି ।୨୯୩/୨୪ କେଶ ନମ୍ବର ରେ ଏକ ମାମଲା ରୁଜୁକରି ବିଟୁକୁ ଗିରଫ କରି ସୋମବାର ପୋଲିସ କୋର୍ଟଚାଲାଣ କରିଛି ପୋଲିସ ତାଠାରୁ ଗୋଟିଏ ଖଣ୍ଡା,ଗୋଟିଏ ପ୍ଲାଷ୍ଟିକପାଇପ ଓ ଏକ ବାଇକ ଜବତ କରିଛି ।

### ସୁରଟର ଜୈନ ବିଶ୍ୱଭାରତୀ ଅନୁଷ୍ଠାନର ସମାବର୍ତ୍ତନ ସମାରୋହ

## ଚରିତ୍ର ନିର୍ମାଣ ଓ ଦକ୍ଷତା ବୃଦ୍ଧି ଶିକ୍ଷାର ମୂଳ ଉଦ୍ଦେଶ୍ୟ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଚରିତ୍ର ନିର୍ମାଣ ଓ ଦକ୍ଷତା ବୃଦ୍ଧି କରିବା ହେଉଛି ଶିକ୍ଷାର ମୂଳ ଉଦ୍ଦେଶ୍ୟ । ଭାରତୀୟତା ମୂଲ୍ୟବୋଧ ଉପରେ ଆଧାରିତ ରାଷ୍ଟ୍ରୀୟ ଶିକ୍ଷା ନୀତି ଭବିଷ୍ୟତର ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବା ଦିଗରେ ଏକ ଅନନ୍ୟ ପଦକ୍ଷେପ ବୋଲି ସୋମବାର ଗୁଜୁରାଟର ସୁରଟରେ ଜୈନ ବିଶ୍ୱଭାରତୀ ଅନୁଷ୍ଠାନର ୧୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ମାନ, ଡିଗ୍ରୀ ଏବଂ ପଦକଧାରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଯେ ଜୈନ ବିଶ୍ୱଭାରତୀ ଇନଷ୍ଟିଚ୍ୟୁଟ୍ ହେଉଛି ଅନୁଭୂତିମୂଳକ ଶିକ୍ଷାର ଏକ ବୃହତ ପ୍ରୟୋଗଶାଳା । ବିଶ୍ୱବିଦ୍ୟାଳୟ ସମାବର୍ତ୍ତନର ପରମ୍ପରା ଏହାର ଏକ ଜୀବନ୍ତ ଉଦାହରଣ । ଜୈନ ବିଶ୍ୱ ଭାରତୀ ଅନୁଷ୍ଠାନ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର




ବଟବୃକ୍ଷ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାକୃତ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି । ଏହି ଅନୁଷ୍ଠାନରେ ପ୍ରାକୃତ ଭାଷା ଉପରେ ଏକ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ଆମର ଦାୟିତ୍ୱ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ଯେ ଜୈନ ଧର୍ମର ମୂଲ୍ୟବୋଧ ଓ ଜୀବନ ଦର୍ଶନ ଆଜି ଏକ ବୈଶ୍ୱିକ ଆବଶ୍ୟକତା । ଜୈନ ବିଶ୍ୱଭାରତୀ ଅନୁଷ୍ଠାନ ବିକଶିତ ଭାରତର ଲକ୍ଷ୍ୟ ନେଇ ଆଗକୁ ବଢିବା ପାଇଁ ପ୍ରଚେଷ୍ଟା କରୁଥିବା ଏକ ସମ୍ମାନସ୍ପଦ ଶିକ୍ଷାନୁଷ୍ଠାନ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନେଇ ଯେଉଁ ସବୁ ଲକ୍ଷ୍ୟ ରଖାଯାଇଛି, ସେ ସବୁକୁ ନିଶ୍ଚୟ ପୂରଣ କରାଯିବ । ତେବେ ପରିବର୍ତ୍ତିତ ଟେକ୍ନୋଲୋଜି ଯୁଗରେ ଏକ ବଡ ଆହ୍ୱାନ ରହିଛି । ଆହ୍ୱାନଟି ହେଉଛି, ଆଗାମୀ ଦିନରେ 'ବିଜ୍ଞାନ ମଣିଷକୁ ଚଳାଇବ ନା ମଣିଷ ବିଜ୍ଞାନର ନିୟନ୍ତ୍ରକ ହେବ? ତେବେ ମୂଲ୍ୟବୋଧ, ସଂସ୍କାର ଓ ଉତ୍ତମ ବ୍ୟକ୍ତିତ୍ୱ ଦ୍ୱାରା ହିଁ ଏହି ଦ୍ୱନ୍ଦ୍ୱକୁ ଦୂର କରାଯାଇପାରିବ । ତେଣୁ ଏହି ଆଧାରରେ ଉକ୍ତ ଆହ୍ୱାନର ସମାଧାନ ଦିଗରେ ଆଗଭର ହେବା ପାଇଁ କେନ୍ଦ୍ରମନ୍ତ୍ରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଛନ୍ତି । ଜୈନ ବିଶ୍ୱଭାରତୀ ଅନୁଷ୍ଠାନ ଜ୍ଞାନର ବଡ ପୁଞ୍ଜି ହୋଇ ମାନବତାକୁ ଏକ ନୂଆ ଜୀବନ ପ୍ରଦାନ କରିବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି । ଜୈନ ବିଶ୍ୱ ଭାରତୀ ଅନୁଷ୍ଠାନର ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ପ୍ରଧାନ ପରମ ପୂଜ୍ୟ ଆଚାର୍ଯ୍ୟ ଶ୍ରୀ ମହାଶ୍ରମଣଜୀଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ ।

## ୨୧ଗ୍ରାମ ବ୍ରାଉନସୁଗର ଜବତ : ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ବ୍ରାଉନସୁଗର କାରବାର ବଢିଚାଲିଛି । ଜିଲ୍ଲା ପୋଲିସ ପକ୍ଷରୁ ଚାଲିଥିବା ନିଶା ମୁକ୍ତି ଅଭିଯାନକୁ ମିଳିଛି ଆଉ ଏକ ସଫଳତା । ଶିଳ୍ପାଂଚଳ ଥାନା ପୋଲିସ ଜଟଣୀ ବାଇପାସ ରୋଡ ଗୋଶାଳା ପଡିଆ ରେ ଚଢ଼ାଉ କରି ୨୧.୧୬ଗ୍ରାମ ବ୍ରାଉନସୁଗର ଜବତ ସହ ଜଣେ ଯୁବକ କୁ ଗିରଫ କରିଛନ୍ତି । ଅନ୍ୟଜଣେ ଯୁବକ ପୋଲିସ କୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଗିରଫ ଜଣକ ହେଲେ ଶାଗୁଆନ ବଗିଚାର ସନ୍ତୋଷ ରାଉତରାୟ ଓରଫ ପିଂଟୁ(୨୫) । ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ତାଙ୍କ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୋମବାର ଗିରଫ ଅଭିଯୁକ୍ତ ବେପାରୀ ଙ୍କୁ ଅପେକ୍ଷା କରିଥିବା ବେଳେ



କୌଣସି ସୁତ୍ରରୁ ଖବରପାଇ ଏସଆଇଆଇ ବାସୁଦେବ ଜୟସିଂଙ୍କ ତତ୍ୱାବଧାନରେ ଏସଆଇ ସସ୍ମିତା ବେହେରାଙ୍କ ନେତୃତ୍ୱ ରେ ଏକ ଟିମ ଚଢାଉ କରିଥିଲା । ଅଭିଯୁକ୍ତଙ୍କ ଠାରୁ ୨ବାଇକ, ଗୋଟିଏ ମୋବାଇଲ ଫୋନ, ପ୍ୟାନକାର୍ଡକୁ ଜବତ କରିଛି । ଏନେଇ ଥାନାରେ ଏନଡିପିଏସ ଆକ୍ଟରେ ୨୫୪/୨୪ରେ ଏକ ମାମଲା ରୁଜୁ ହୋଇଛି ।

### ଜିଲ୍ଲାର ପ୍ରବେଶ ପଥରେ

## ସ୍ୱାଗତ ଫାଟକ ନିର୍ମାଣ କାର୍ଯ୍ୟ ତଦାରଖ କଲେ ବିଧାୟକ

ବେତନଟୀ (ସବ୍ୟୁ) : ମୟୁରଭଞ୍ଜ-ବାଲେଶ୍ୱର ଜିଲ୍ଲାର ସୀମାନ୍ତ ତଥା ୧୮ ନଂ ଜାତୀୟ ରାଜପଥର ବୈଶିଙ୍ଗା ଥାନା ଅଧୀନ କଳମା ଠାରେ ମୟୁରଭଞ୍ଜ ଜିଲ୍ଲାର ପ୍ରବେଶ ପଥରେ ଏକ ମୟୂରଭଞ୍ଜ ସଂସ୍କୃତି ସମ୍ପନ୍ନ ସ୍ୱାଗତ ଫାଟକ ର୍ନିମାଣ ନିମନ୍ତେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳି ଅକ୍ଟୋବର ମାସରେ ଶହ ଶହ କର୍ମୀ ସାଧାରଣ ଜନତାଙ୍କ ଉପସ୍ଥିତିରେ ଶିଳାନ୍ୟାସ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ର ସଂସ୍କୃତି ତଥା ପର୍ଯ୍ୟଟନ ସ୍ଥଳୀ ପାଇଁ ଏହା ଅନ୍ୟ ଜିଲ୍ଲା ମାନଙ୍କଠାରୁ ଭିନ୍ନ ଅଟେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଅତିଥି ପର୍ଯ୍ୟଟକ ତଥା ସମସ୍ତଙ୍କୁ ସ୍ୱାଗତ କରିବ ଏହି ଫାଟକ । ବଡ଼ସାହି ନିର୍ବାଚନ ମଣ୍ଡଳୀ ର୍ନିମାଣ ହେବା ଠାରୁ ଅନେକ ବିଧାୟକ ଭାବେ ନିର୍ବାଚନ ହୋଇ ଶାସନ ଗାଦିରେ ବସି ଚାଲିଗଲେ ସତ ଏହି ଗ୍ରାମଟି ଭଳି ଉନ୍ନତି କାର୍ଯ୍ୟରେ କେହି ମନ ନିବେଶ କରି ନଥିଲେ । ବଡ଼ସାହି ବିଧାୟକ ସନାତନ ବିଜୁଳି ୨୦୧୯ ମସିହାଠାରୁ ପ୍ରଚେଷ୍ଟା ଜାରି ରଖିଥିବେ ବେଳେ ଏବେ ଏହା ସଫଳ ରୂପାୟନ ନିମନ୍ତେ ଶିଳାନ୍ୟାସ ପଡ଼ିଥିଲା ମୟୁରଭଞ୍ଜ କଳାସଂସ୍କୃତି ଜଡିତ ସୁଉଚ ଫାଟକ ର ର୍ନିମାଣ ପ୍ରକ୍ରିୟା ଚାଲିଥିବା ବେଳେ ସୋମବାର ବିଧାୟକ ସନାତନ ବିଜୁଳି ନିଜ ସମର୍ଥକଙ୍କ ସହ ନିର୍ମାଣ ସ୍ଥଳରେ ପହଞ୍ଚି କାର୍ଯ୍ୟ ତଦାରଖ କରିଥିଲେ । ଆଜି କ୍ରେନ ସାହାଯ୍ୟରେ କଳା ସଂସ୍କୃତି ସମ୍ପନ୍ନ ଥିବା ଚାରୋଟି ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇଥିଲା । ଏହି ସମୟରେ ବୈଶିଙ୍ଗା ପୁଲିସ ର୍ନିମାଣ ସ୍ଥଳରେ ପହଞ୍ଚି ରାଜପଥର ଯାତାୟତକୁ ନିୟନ୍ତ୍ରଣ କରିଥିବାର ଦେଖିବାକୁ ମିଳିଥିଲା । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ର୍ନିବାହୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ ମଧ୍ୟ ଉପସ୍ଥିତ ଥିବା ଜଣାଯାଇଛି ।



### ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଉଦ୍‌ଯାପିତ

## ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ରୋଡ୍‌ମ୍ୟାପ ପ୍ରସ୍ତୁତି ପାଇଁ ନିଷ୍ପତ୍ତି

ଭୁବନେଶ୍ୱର,(ସବ୍ୟୁ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଉଦଯାପିତ ହୋଇଯାଇଛି । ଓଡ଼ିଶାର ଶ୍ରୀ ଅନ୍ନ ଓ କୃଷି ଐତିହ୍ୟ ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ନେଇ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରୁ ଯୋଗ ଦେଇଥିବା ଅଂଶଗ୍ରହଣକାରୀମାନେ ମତବ୍ୟକ୍ତ କରିଥିଲେ । ଉଦଯାପନୀ ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଜଳବାୟୁ ସହନଶୀଳ ଓ ପାରମ୍ପରିକ ଖାଦ୍ୟକୁ ପୁନରୁଦ୍ଧାର କରିବା ଦିଗରେ ପ୍ରୟାସ ଜାରି ରଖିବୁ । ଚିରନ୍ତନ କୃଷି ଓ ଖାଦ୍ୟ ନିରାପତ୍ତାକୁ ସୁଦୃଢ କରିବା ନେଇ ମିଳିମିଶି କାର୍ଯ୍ୟ କରିବୁ । ବିଭାଗର ଏହି ପ୍ରୟାସକୁ ସମର୍ଥନ କରୁଥିବା ହିତାଧିକାରୀ ଓ ସଂଗଠନମାନଙ୍କୁ ସେ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମିଳନୀରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ



ପ୍ରଭାତୀ ପରିଡା ଯୋଗଦେଇ କହିଛନ୍ତି ଯେ, ଶ୍ରୀ ଅନ୍ନ ଆମ ପାଇଁ ଖାଦ୍ୟର ଉତ୍ସ ହେବା ସହ ଏହା ଆମର ଐତିହ୍ୟ ଓ ଭବିଷ୍ୟତ ଅଟେ ବୋଲି କହିଥିଲେ । ଏହାକୁ ପୁନରୁଦ୍ଧାର କରିବା ନିମନ୍ତେ ସମସ୍ତଙ୍କ ଖାଦ୍ୟଥାଳିରେ ସାମିଲ କରିବାକୁ ହେବ । ଗର୍ଭବତୀ ଓ ପ୍ରସୂତୀ ମା ମାନଙ୍କୁ ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଖାଦ୍ୟରେ ମାଣ୍ଡିଆ ଦିଆଯିବା ପାଇଁ ସରକାର ଯୋଜନା କରୁଛନ୍ତି । ମିଲେଟ୍ ଶକ୍ତି କାଫେ, ଟିଫିନ ସେଣ୍ଟର ଏବଂ ମିଲେଟ୍ ମଦର କାର୍ଯ୍ୟକ୍ରମରେ ଆମେ ଆଦିବାସୀ ସମ୍ପ୍ରଦାୟଙ୍କୁ ସାମିଲ କରି ଏହି ଜଳବାୟୁ ସହନଶୀଳ ଶସ୍ୟକୁ ଆହୁରି ବ୍ୟାପକ କରିପାରିବା । ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀମାନେ ୩୦ଟି ଜିଲ୍ଲାରେ ୧୭୭ଟି ବ୍ଲକ୍‌ରେ ମିଲେଟ୍‌ର ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ଯୋଗାଇ ଦେଉଛନ୍ତି ଏବଂ ମିଶନ ଶକ୍ତି ଦ୍ୱାରା ପରିଚାଳିତ ୨୬୩ଟି ମିଲେଟ୍ ଟିଫିନ୍ ସେଣ୍ଟର ରାଜ୍ୟରେ ରହିଥିବାବେଳେ ୩୩ଟି ମିଲେଟ୍ କାଫେ ଖୋଲାଯାଇଛି । ସମ୍ମିଳନୀରେ ଅନ୍ୟତମ ଅତିଥିଭାବେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ, ମିଳିତ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଷ୍ଟ୍ର ନିର୍ଦ୍ଦେଶିକା ଏଲିଜାବେଥ ଫୌର, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପଓ୍ୱନ କଲ୍ୟାଣ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀ ପ୍ରଭାତ କୁମାର ରାଉଳ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମ୍ମିଳନୀ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକଉତ୍ପାଦକ ସଂଗଠନ, ନୀତି ନିର୍ଦ୍ଧାରକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ, ଗବେଷଣା ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ଅନୁଷ୍ଠାନ, ହୋଟେଲ ଆସୋସିଏସନ୍, ସେଫ୍ ସଂଗଠନ, ବ୍ଲଗର୍ ଏବଂ ଛାତ୍ରଛାତ୍ରୀଙ୍କ ସମେତ ବହୁ ହିତାଧିକାରୀଙ୍କୁ ସାମିଲ କରାଯାଇ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ନେଇ ଲକ୍ଷ୍ୟ ରଖାଯାଇଥିଲା ।

### ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଘର ବାର୍ଷିକ ସାଧାରଣ ବୈଠକ

## ୨୬ ଗୋଟି ଜିଲ୍ଲା ପଞ୍ଚାୟତ ଅଧିକାରୀ, ୧୬୪ ଅତିରିକ୍ତ ବିଡିଓ ପଦବୀ ଖାଲି

ଭୁବନେଶ୍ୱର, (ସବ୍ୟୁ) : ନିଖିଳ ଓଡ଼ିଶା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଘର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ସଂଘର ସଭାପତି ନିରୋଦ କୁମାର ସାମଲ କହିଛନ୍ତି ବର୍ତ୍ତମାନ ରାଜ୍ୟରେ ୨୬ଗୋଟି ଜିଲ୍ଲା ପଞ୍ଚାୟତ ଅଧିକାରୀ ଓ ୧୬୪ ଅତିରିକ୍ତ ବିଡିଓ ପଦବୀ ଖାଲି ପଡିଛି । ରାଜସ୍ୱ ବିଭାଗ ନିଜ ବିଭାଗର ସ୍ୱତନ୍ତ୍ରତା ବଜାୟ ରଖିବା ସହ ଅନ୍ୟ ବିଭାଗର ପଦବୀରେ ନିଜର ଅଧିକାରୀଙ୍କ ନିମନ୍ତେ ପଦବୀ ସଂରକ୍ଷିତ ରଖି ପଞ୍ଚାୟତିରାଜ ବିଭାଗରେ ନିଜର ପଦୋନ୍ନତି ପ୍ରାପ୍ତ ଅଧିକାରୀଙ୍କୁ ବିଡିଓ ପଦବୀରେ ନିଯୁକ୍ତି ଦେବାରେ ସକ୍ଷମ ହେବା ଦ୍ୱାରା ପଞ୍ଚାୟତିରାଜ କର୍ମଚାରୀଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି । ସେହି ଅତିରିକ୍ତ ବିଡିଓ ପଦବୀରେ ବାଧ୍ୟତାମୂଳକ ଭାବେ ଅବସର ଦିଆଯାଉଛି ।



୨୦୨୩ ମସିହା ମାର୍ଚ୍ଚ ମାସରେ ପ୍ରଥମକରି ଉନ୍ମୋଚନ ହୋଇଥିବା ଓଡ଼ିଶା ପଞ୍ଚାୟତିରାଜ ସେବା କ୍ୟାଡ଼ରରେ ଗୁରୁତର ତ୍ରୁଟି ଯୋଗୁଁ ଆଜି ସୁଦ୍ଧା ୩୦ ଗୋଟି ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦବୀରୁ ୨୬ ଗୋଟି ପଦବୀ ଖାଲି ପଡ଼ିଛି । ପଞ୍ଚାୟତିରାଜ ବିଭାଗର ଟାଳଟୁଳ ନୀତି ଯୋଗୁଁ ପଞ୍ଚାୟତିରାଜ ସେବା କାଡ଼ରରେ ଥିବା ତ୍ରୁଟି ସଂଶୋଧନ ହୋଇପାରୁ ନାହିଁ କି ଅର୍ଥ ବିଭାଗ ଦ୍ୱାରା ଅନୁମୋଦନ ହୋଇଥିବା ୩୦ ଶତକଡ଼ା ଅତିରିକ୍ତ ବିଡିଓ ପଦବୀ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଚୟନ ପର୍କ୍ରିୟା ଏପର୍ଯ୍ୟନ୍ତ ନୋଟିଫିକେଶନ ହୋଇପାରୁ ନାହିଁ । ଅନେକ ବରିଷ୍ଠ ଅତିରିକ୍ତ ବିଡିଓ ଓ ଉପଖଣ୍ଡ ପଞ୍ଚାୟତ ଅଧିକାରୀମାନେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଭାବେ ପଦୋନ୍ନତି ପାଇବାରୁ ବଞ୍ଚିତ ହେବା ସହିତ ବାଧ୍ୟହୋଇ ନିଜ ନିଜ ପଦବୀରୁ ଅବସର ନେଉଛନ୍ତି । ଅର୍ଥ ବିଭାଗ ଦ୍ୱାରା ଅନୁମୋଦନ ହୋଇଥିବା ଓଡ଼ିଶା ପଞ୍ଚାୟତିରାଜ ସେବା କ୍ୟାଡ଼ରକୁ ଯଥା ଶୀଘ୍ର ନୋଟିଫିକେସନ ନିମନ୍ତେ ବିହିତ ପଦକ୍ଷେପ ନେବା ଲାଗି ପଞ୍ଚାୟତିରାଜ ସେବା କ୍ୟାଡ଼ରର ଅଧିକାରୀମାନେ ପଞ୍ଚାୟତିରାଜ ମନ୍ତ୍ରୀ / ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସଂଜୟ କୁମାର ଦାସ, ସାଧାରଣ ସମ୍ପାଦକ ଜିତେନ୍ଦ୍ରିୟ ମୁଣ୍ଡା, ଶ୍ରୀଧର ପଣ୍ଡା, ପଲ୍ଲବୀ ରାଉତଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଅଙ୍ଗନବାଡୀ କେନ୍ଦ୍ରର ନବୀକରଣ, ରାସ୍ତା ଓ ଡ୍ରେନର ଶିଳାନ୍ୟାସ

କଟକ, (ସ୍ୱପ୍ର) : ସ୍ଥାନୀୟ ୫୨ନଂ ୱାର୍ଡ କର୍ପୋରେଟର ସୌଭାଗିନୀ ଜେନାଙ୍କ ନେତୃତ୍ୱରେ ରାଜେନ୍ଦ୍ରନଗର ଅଙ୍ଗନବାଡୀ କେନ୍ଦ୍ରର ନବୀକରଣ ପାଇଁ ସିଏମସି ପକ୍ଷରୁ ୧୦ ଲକ୍ଷ ଟଙ୍କା ଏବଂ ଗର୍ନ୍ଧବ ସାହୁ ଲେନର ଫେଭରବ୍ଲକ ରାସ୍ତା ଓ ଢ଼ଳେଇ ଡ୍ରେନ ପାଇଁ ୭ ଲକ୍ଷ ଟଙ୍କା ମଂଜୁର କରାଯାଇଛି । ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରକଳ୍ପକୁ ନଡିଆ ବାଡେଇ ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁରବୀ ଡଃ ବିପିନ ବିହାରୀ ଭୋଳ, ମନିନ୍ଦ୍ର ଗୋଛାୟେତ, ପୂର୍ଣ୍ଣେନ୍ଦୁ ଜେନା, ନଗେନ ଦାସ, ସୁଶାନ୍ତ ବେହେରା, ରାଜେନ୍ଦ୍ର ମହାପାତ୍ର, ଲୁଲିଆ ସାହୁ, ନିରଞ୍ଜନ ସାହୁ, ପ୍ରଦୀପ ସେଠୀଙ୍କ ସମେତ ସ୍କୁଲର ଶିକ୍ଷକ, ଅଙ୍ଗନବାଡୀ ଦିଦି ଓ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଗଜପତିରେ ଆଇନଜୀବୀଙ୍କୁ ଏସିଡ୍ ଆକ୍ରମଣ

## ରାଜ୍ୟ ଆଇନଜୀବୀ ପରିଷଦର ନିନ୍ଦା : ଗଠନ ହେଲା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

କଟକ,(ସବ୍ୟୁ): ଗଜପତି ଜିଲ୍ଲାର ଆଇନଜୀବୀ ରାମାରାଓଙ୍କ ଉପରେ ଏସିଡ୍ ଆକ୍ରମଣ ଘଟଣାକୁ ନେଇ ରାଜ୍ୟ ଆଇନଜୀବୀ ପରିଷଦ ଦୃଢ଼ ଭାବରେ ନିନ୍ଦା କରିଛ । ଏହି ପରିପ୍ରେକ୍ଷୀରେ ଉକ୍ତ ଆଇନଜୀବୀଙ୍କ ପରିବାରକୁ ରାଜ୍ୟ ସରକାର ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ପରିଷଦ ପକ୍ଷରୁ ଦାବି ହୋଇଛି । ଏଥିସହ ଆଇନଜୀବୀଙ୍କ ସୁରକ୍ଷା ପାଇଁ 'ଆଇନଜୀବୀ ସୁରକ୍ଷା ଆଇନ' ପ୍ରଣୟନ କରିବାକୁ କହିଛି । ଆହୁରିମଧ୍ୟ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ଏକ ପରିଷଦର କିଛି ସଦସ୍ୟଙ୍କୁ ନେଇ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମଧ୍ୟ ଗଠନ କରାଯାଇଛିଛ ଆଜି ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅକ୍ଷତାରେ ବୈଠକ ବସିଥିଲା । ଏହି ବୈଠକରେ ଆଇନଜୀବୀ ରାମାରାଓଙ୍କ ଉପରେ ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଥିଲା । ଏଥିପାଇଁ ଏକ୍ଜିକ୍ୟୁଟିଭ୍ କମିଟି ଅଧ୍ୟକ୍ଷ ଅରୁପାନନ୍ଦ ଦାସ, ଆଇନଜୀବୀ ମାନସ କୁମାର ଚାନ୍ଦ, ଆଇନଜୀବୀ ପୀତବାସ ପଣ୍ଡା, ଆଇନଜୀବୀ ସଞ୍ଜିତ କୁମାର ପାଣିଗ୍ରାହୀ, ଆଇନଜୀବୀ ରମେଶ ପାତ୍ର ଏବଂ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟମାନେ ପାରଳାଖେମୁଣ୍ଡି ଯାଇ ଘଟଣାର ତଦନ୍ତ କରି ଏକ ରିପୋର୍ଟ ପସ୍ତୁତ କରିବାକୁ ଆଲୋଚନାରେ ପ୍ରସ୍ତାବ ପାରିତ ହୋଇଥିଲା । ଏହି ବୈଠକରେ ଶ୍ରୀ ଦ୍ୱିବେଦୀଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ ।

## ହବିଷ୍ୟାଳୀ ଶିବିରରେ ଭଜନ ପରିବେଷଣ

ପୁରୀ, (ସବ୍ୟୁ) : ହବିଷ୍ୟାଳୀ ମା ମାନେ ରହୁଥିବା ଶିବିର ମାନଙ୍କ ରେ ପ୍ରତ୍ୟହ ଭଜନ, ସଂକୀର୍ତ୍ତନ, ପାଲା , ଦାସକାଠିଆ, ପ୍ରବଚନ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା ଓ ମୋଚି ସାହି କଲ୍ୟାଣ ମଣ୍ଡପ ରେ ରହୁଥିବା ହବିଷ୍ୟାଳୀ ମା ମାନେ ସଂଧ୍ୟାରେ ମହାପ୍ରସାଦ ସେବନ ପରେ ଏହି ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରୁଛନ୍ତି । ହୁଳହୁଳି ଧ୍ୱନିରେ ମା ମାନେ କଳାକାର ମାନଙ୍କୁ ଉତ୍ସାହିତ କରୁଛନ୍ତ । ସେହିପରି ନିଜ ନିଜ ମଧ୍ୟରେ ରାଇ ଓ ଦାମୋଦର ବେଶ ହୋଇ ମଧ ମା ମାନେ ନୃତ୍ୟ ପରିବେଷଣ କରି ଅଭିଭୂତ ହେଉଛନ୍ତିଛ ସୋମବାର ସଂଧ୍ୟାରେ ମୋଚି ସାହି କଲ୍ୟାଣ ମଣ୍ଡପରେ ସିଦ୍ଧ ମହାବୀର ସଂଗୀତ ପରିଷଦ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ମା ମାନେ ଭଜନକୁ ମନ ଭରି ଉପଭୋଗ ସହ ଆଧ୍ୟାତ୍ମିକତାରେ ମଗ୍ନ ହୋଇ ନୃତ୍ୟ କରିଥିଲେ ।

### ୱାଇଆଇ ପକ୍ଷରୁ ମାରଥନ୍‌ର ଦ୍ୱିତୀୟ ସଂସ୍କରଣ

## ୧୭ରେ ରନ୍ ଭୁବନେଶ୍ୱର ବାଇନାଇଟ




ଭୁବନେଶ୍ୱର (ସବ୍ୟୁ): ସିଆଇଆଇ ୟଙ୍ଗ ଇଣ୍ଡିଆନ୍ସ ପକ୍ଷରୁ ଦ୍ୱିତୀୟ 'ୱାଇଆଇ ରନ୍-ଭୁବନେଶ୍ୱର' ଆୟୋଜନ କରାଯାଇଛି । 'ୱାଇଆଇ ରନ୍-ଭୁବନେଶ୍ୱର-ରାଇଜ ଏବୋଭ ଆଡିକ୍ସନ ଆଣ୍ଡ ବ୍ରେକ ଦି ସାଇଲେନ୍ସ'ଥିମ ରହିଛି । ଚଳିତମାସ ୧୭ ତାରିଖ ଅର୍ଥାତ ରବିବାର ସନ୍ଧ୍ୟା ୭ଟାରେ କଳିଙ୍ଗ ଷ୍ଟାଡିୟମରେ ଏହି ଗଣଦୌଡ଼ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ନିଶା ଦ୍ରବ୍ୟ ସେବନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ସମସ୍ତଙ୍କ ପାଇଁ ସୁସ୍ଥ ଓ ନିଶାମୁକ୍ତ ଜୀବନ ପାଇଁ ପ୍ରେରଣା ଦେବା ନିମନ୍ତେ ୱାଇଆଇ ପକ୍ଷରୁ 'ରନ ଭୁବନେଶ୍ୱର ବାଇ ନାଇଟ୍' ମାରାଥନ୍‌ର ଲକ୍ଷ୍ୟ ରହିଛି ।

କଳିଙ୍ଗ ଷ୍ଟାଡିୟମ ସ୍କାଏ ୱାକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ୟଙ୍ଗ ଇଣ୍ଡିଆନ୍ସ (ଭୁବନେଶ୍ୱର) ଅଧ୍ୟକ୍ଷ ସୋନାଲ ଏନ୍ ମୋରେ କହିଛନ୍ତି, ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣର ବରିଷ୍ଠ ଅଧିକାରୀ, ଅଭିନେତା, ସାମାଜିକ କର୍ମୀ ଏବଂ ଜାତୀୟ ରଗ୍‌ବୀ ଖେଳାଳି ରାହୁଲ ବୋଷ ପତାକା ଦେଖାଇ ଶୁଭାରମ୍ଭ କରିବେ । କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସମର୍ଥନ କରିଛି ।

ଏହି ମାରାଥନରେ ସମସ୍ତ ସମ୍ପ୍ରଦାୟର ସଦସ୍ୟ, ସଂଗଠନ, ଫୋରମ୍, ଡାକ୍ତରୀ ଜଗତ ଏବଂ ଫିଟନେସ୍ ପ୍ରେମୀ, ସ୍କୁଲ ଓ କଲେଜ, ବରିଷ୍ଠ ନାଗରିକ ଓ କର୍ପୋରେଟ୍‌ମାନଙ୍କୁ ଏକାଠି ହୋଇ ନିଶାମୁକ୍ତ ଓଡ଼ିଶା ପାଇଁ ଦୌଡ଼ିବାକୁ ନିମନ୍ତ୍ରଣ କରାଯାଇଛି । ପ୍ରତିଯୋଗୀମାନେ ୨.୫ କିଲୋମିଟର ଫନ୍ ରନ୍ (ନନ୍-ଟାଇମଡ୍), ୫ କିଲୋମିଟର ଟାଇମଡ୍ ରନ୍, ୧୦ କିଲୋମିଟର ଟାଇମଡ୍ ରନ୍ ଦ୍ୱାରା ତିନୋଟି ବର୍ଗରେ ମୋଟ ୧,୦୨,୦୦୦ ଟଙ୍କା ନଗଦ ପୁରସ୍କାର ଜିତିବାର ସୁଯୋଗ ପାଇବେ । ଆସନ୍ତୁ ଆମର ଯୁବବର୍ଗଙ୍କୁ ବଞ୍ଚାନ୍ତୁ, ଆମର ପିଲାମାନଙ୍କୁ ବଞ୍ଚାନ୍ତୁ ଓ ଆମର ପରିବାରକୁ ବଞ୍ଚାନ୍ତୁ ବୋଲି ଏନ୍ ମୋରେ କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ସିଆଇଆଇ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ୱାଇଆଇ ଭୁବନେଶ୍ୱର ଉପାଧ୍ୟକ୍ଷ ଆୟୁଷ ଜାସୋରିଆ ଓ ୱାଇଆଇ ଭୁବନେଶ୍ୱରର ପୂର୍ବତନ ଅଧ୍ୟକ୍ଷ ବିଶଲ ଡାଲମିଆ ପ୍ରମୁଖ ଉପସ୍ଥିତ ଥିଲେ ।

**ନିଶାମୁକ୍ତ ଜୀବନ, ନିଶା ଦ୍ରବ୍ୟ ସମ୍ପର୍କରେ କରାଯିବ ସଚେତନତା**

**୨.୫, ୫, ୧୦ କିମି ତିନି ବର୍ଗରେ ହେବ ମାରଥନ ଦୌଡ଼**

## ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ହେବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ଖଣ୍ଡଗିରି ବାହାଦଲପୁର ଅଞ୍ଚଳରେ ଥିବା ନିଶା ନିବାରଣ କେନ୍ଦ୍ରରେ ରବିବାର ରାତିରେ ସୁମନ୍ତ ପଣ୍ଡା ଆଡମିଶନ ହୋଇଥିଲେ । ସେ ପ୍ରବଳ ନିଶାଶକ୍ତ ଥିବାରୁ ଉତ୍ପାତ କରିଥିବା ସନ୍ଦେହ କରାଯାଉଛି । ଉତ୍ପାତ ସହିନପାରି ନିଶା ନିବାରଣ କେନ୍ଦ୍ର ରକ୍ଷଣାବେକ୍ଷଣ କରୁଥିବା ଯୁବକମାନେ ତାକୁ ମାଡ ମାରିବାରୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁ ରହସ୍ୟ ସ୍ପଷ୍ଟ ହେବ ।

ସୁମନ୍ତଙ୍କ ଅନ୍ୟ ଜଣେ ସମ୍ପର୍କୀୟଙ୍କ କହିବାନୁଯାୟୀ ପ୍ରବଳ ନିଶାରେ ତାକୁ ଆଡମିଶନ କରାଯାଇଥିଲା । ଆଡମିଶନ ପରେ ସୁମନ୍ତର ପ୍ରଚୁର ଝାଡା ହୋଇଥିଲା । ରକ୍ଷଣାବେକ୍ଷଣା କରୁଥିବା ଯୁବକମାନେ ତାକୁ ଧୁଆଧୋଇ କରି ଶୁଆଇ ଦେଇଥିଲେ । ସକାଳୁ ଡାକିବାରୁ ସେ ଉଠିନଥିଲା । ପରେ ଜଣାପଡିଥିଲା ଯେ, ତା'ର ମୃତ୍ୟୁ ହୋଇଛି ବୋଲି । ସୁମନ୍ତଙ୍କ ପତ୍ନୀ ଓ ଅନ୍ୟମାନଙ୍କ କହିବା କଥା ରକ୍ଷଣାବେକ୍ଷଣ କରୁଥିବା ଯୁବକଙ୍କ ମାଡରେ ତା'ର ମୃତ୍ୟୁ ହୋଇଛି। ପୂର୍ବରୁ ବିଭିନ୍ନ ନିଶା ନିବାରଣ କେନ୍ଦ୍ରରେ ୫ଜଣ ଅନ୍ତେବାସୀଙ୍କ ମୃତ୍ୟୁ ହୋଇଛି । ସେଥିମଧ୍ୟରୁ ତିନୋଟି ହତ୍ୟାକାଣ୍ଡ ବୋଲି ପ୍ରମାଣିତ ହୋଇସାରିଛି । ଡିସିପି ପିନାକ ମିଶ୍ରଙ୍କ କହିବା କଥା ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ନିଶା ନିବାରଣ କେନ୍ଦ୍ର ମୃତ୍ୟୁର ତର୍ଜମା କରାଯିବ । ସିସି କ୍ୟାମେରା ସବୁ ନିଶା ନିବାରଣ କେନ୍ଦ୍ରରେ ଅଛି କି ନାହିଁ ତା'ମଧ୍ୟ ଯାଞ୍ଚ ହେବ । ଏନ୍‌ଜିଓ, ବ୍ୟକ୍ତିବିଶେଷ ନିଶା ନିବାରଣ କେନ୍ଦ୍ର କରି ସରକାରଙ୍କ ଠାରୁ ଟଙ୍କା ମଧ୍ୟ ପାଉଛନ୍ତି । ଯାଞ୍ଚ ପରେ ଯେଉଁ ନିଶା ନିବାରଣ କେନ୍ଦ୍ର ନିୟମ ଉଲ୍ଲଙ୍ଘନ କରିଥିବା ଜଣାପଡିବ, ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିସିପି କହିଛନ୍ତି ।

## ରାଉଣ୍ଡ ଟେବୁଲ୍ ୨୩୦ର ପଦକ୍ଷେପ
# ହଜାର ହଜାର ପିଲାଙ୍କ ପାଇଁ ଚଳଚ୍ଚିତ୍ରର ମଜା

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ନାଇଟ୍ସ ରାଉଣ୍ଡ ଟେବୁଲ୍ ୨୩୦ ଏବଂ ଭୁବନେଶ୍ୱର କୁଇନ୍ସ ଲେଡିଜ୍ ସର୍କଲ୍ ୧୩୦ ସ୍ଥାନୀୟ ସିନେପୋଲିସ୍ ର ସହଯୋଗରେ ୩୫୦ଜଣ ବିଶେଷ ସୁବିଧାରୁ ବଞ୍ଚିତ ପିଲାଙ୍କ ପାଇଁ ଚଳଚ୍ଚିତ୍ର ଦେଖେଇବାର ସୁବିଧା କରିଥିଲେ ସଚେତନତା ସହିତ ଏକ ସ୍ୱତନ୍ତ୍ର ଚଳଚ୍ଚିତ୍ର ସ୍କ୍ରିନିଂ ସହ ସେମାନଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱର ଆୟୋଜନ କରାଯାଇଥିଲା ଏହି କାର୍ଯ୍ୟକ୍ରମ ବାର୍ଷିକ ସିଏସ୍ ଆର୍ ପଦକ୍ଷେପର ଏକ ଅଂଶ ଥିଲା, 'ଚାଲ ସିନେପୋଲିସ୍ ଯିବା' ଏବଂ ଏହା ଛୋଟ ଛୋଟ ପିଲାମାନଙ୍କ ପାଇଁ ଉତ୍ସର୍ଗୀକୃତ ସିନେପୋଲିସ୍ ଇଣ୍ଡିଆ ଏହି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିଆସୁଛି, କେବଳ ଏହି ବର୍ଷ ନୁହେଁ ଏହା ଦୀର୍ଘ ୫ବର୍ଷ ହେବ ଆରମ୍ଭ ହେଲାଣି । ୨୦୨୪ ସଂସ୍କରଣ ମହତ୍ୱପୂର୍ଣ୍ଣ ଥିଲା, ଓଡ଼ିଶା ସମେତ ଦେଶର ୧୦,୦୦୦ ରୁ ଅଧିକ ପିଲା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ରାଉଣ୍ଡ ଟେବୁଲ୍ ଇଣ୍ଡିଆ ସହ ମିଳିତ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୪୭ ଟି ସିନେମା ହଲ ସମେତ ଭାରତର ୩୬ ଟି ସହରରେ ପ୍ରଭାବ ପକାଇବା ପାଇଁ ରାଉଣ୍ଡ ଟେବୁଲ୍ ଇଣ୍ଡିଆ ଗର୍ବିତ ଏହି ପଦକ୍ଷେପ ସେମାନଙ୍କର କଳ୍ପନାକୁ ବାସ୍ତବ ରୂପ ଦେବା ସହ ସିନେମାର ଚିତ୍ତାକର୍ଷକ



ଅନୁଷ୍ଠିତ ହୋଇଥିଲା । ରାଉଣ୍ଡ ଟେବୁଲ୍ ଇଣ୍ଡିଆ ହେଉଛି ଏକ ଅଣ-ଲାଭକାରୀ ସଂସ୍ଥା ଯାହାକି ପିଲାମାନଙ୍କର କଲ୍ୟାଣ ତଥା ସମାଜର ଉନ୍ନତି ପାଇଁ ଜଣାଶୁଣା । ଏହି ପଦକ୍ଷେପ ବର୍ଷ ବର୍ଷ ଧରି ହଜାର ହଜାର ପିଲାଙ୍କ ମୁହଁରେ ହସ ଫୁଟାଇବା ସହ ଆନନ୍ଦ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ପିଲାମାନଙ୍କ ଜୀବନରେ ଏକ ସକରାତ୍ମକ ଦୁନିଆକୁ ଅନୁଭବ କରିବାର ଉପହାର ଦେବାର ଲକ୍ଷ୍ୟ ରଖିଛି । ଏହିଅବସରରେ ଚେୟାରମ୍ୟାନ୍, ଭୁବନେଶ୍ୱର ନାଇଟ୍ସ ରାଉଣ୍ଡ ଟେବୁଲ୍ ୨୩୦, ଅମିତେଶ ଗୁଗାନି, ଚେୟାରମ୍ୟାନ୍, ଭୁବନେଶ୍ୱର କୁଇନ୍ସ ଲେଡିଜ୍ ସର୍କଲ୍ ୧୩୦, ଉପାସାନା ଚାୱଲା ଏବଂ ସଂଗଠନର ଅନ୍ୟ ସଦସ୍ୟମାନେ ମଧ ପିଲାମାନଙ୍କ ସହିତ ସ୍କ୍ରିନିଂ ଉପଭୋଗ କରିଥିଲେ ।

## ବିଶ୍ୱ ଦକ୍ଷତା କେନ୍ଦ୍ରର ଚତୁର୍ଥ ସମାବର୍ତ୍ତନ ଉତ୍ସବ
# ୭ଟି ଟ୍ରେଡର ଶ୍ରେଷ୍ଠ ୨୧ ଛାତ୍ରଛାତ୍ରୀ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ ଦକ୍ଷତା କେନ୍ଦ୍ରର ଚତୁର୍ଥ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୨୩-୨୪ ବ୍ୟାଚରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ୱେଲ୍ଡିଂରେ ହୋଇଥିବା ସେଣ୍ଟର ଅଫ୍ ଏକ୍ସିଲେନ୍ସ ବା ଉତ୍କର୍ଷ କେନ୍ଦ୍ରକୁ ଉଦଘାଟନ କରିଥିଲେ । ସେହିପରି ତୃଣମୂଳ ସ୍ତରରେ ବିଭିନ୍ନ ବ୍ୟବସାୟ ସ୍ଥାପନ କରିବାକୁ ଚାହୁଁଥିବା ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ନାନୋ ୟୁନିକର୍ଣ୍ଣ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ । ଏହା ଅଧୀନରେ ଯୁବପିଢ଼ିଙ୍କୁ ୧ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ରାଜ୍ୟ ସରକାରଙ୍କ ସ୍କିଲ୍ଡ ଇନ୍ ଓଡ଼ିଶା ଅଧୀନରେ ଯୁବପିଢ଼ିଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି । ନୂଆ ନୂଆ ଉଦ୍ଭାବନ କ୍ଷେତ୍ରରେ ଯୁବପଢ଼ି କିପରି ସଫଳତା ପାଇବେ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ୱେଲ୍ଡିଂରେ ଉତ୍କର୍ଷ କେନ୍ଦ୍ର ସ୍ଥାପନା ଏବଂ ନାନୋ ୟୁନିକର୍ଣ୍ଣ ଭଳି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ଦକ୍ଷତା ବିକାଶରେ ସହାୟକ ହେବା ସହିତ ସେମାନଙ୍କ ଭିତରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରିବ ବୋଲି କହିଛନ୍ତି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ।

ବିଶ୍ୱ ଦକ୍ଷତା କେନ୍ଦ୍ର କ୍ୟାମ୍ପସରେ ସୋମବାର



ଦିନ ଏହି ସମାବର୍ତ୍ତନ ଉତ୍ସବ ଆୟୋଜନ କରାଯାଇଥିଲା । ଏଥିରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ଟ୍ରେନି ଭାବେ ସମ୍ମାନିତ କରାଯାଇଥିଲା । ଏହାସହ ୭ଟି ଟ୍ରେଡରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ୯୦୯ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ବିଶ୍ୱ ଦକ୍ଷତା କେନ୍ଦ୍ରରେ ପ୍ରତ୍ୟେକ ଟ୍ରେଡର ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା । ଏହିଭଳି ୨୧ ଜଣ ଛାତ୍ରଛାତ୍ରୀଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ୍ ବି ଏସ୍ ରାଜପୁତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଉତ୍ସବରେ ଫ୍ରୋନିୟୋସ୍ ଇଣ୍ଡିଆ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଭି ଭି କାମାଥ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀମତୀ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ପାଠ୍ୟକ୍ରମ ଶେଷ କରୁଥିବା ଛାତ୍ରଛାତ୍ରୀ ପ୍ଲେସମେଣ୍ଟ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କମ୍ପାନିରେ ନିଯୁକ୍ତି ସୁଯୋଗ ପାଉଛନ୍ତି । ସମାବର୍ତ୍ତନ ଉତ୍ସବରେ ପ୍ରମୁଖ କମ୍ପାନିର ବରିଷ୍ଠ ଅଧିକାରୀମାନେ ଅତିଥି ଭାବେ ଯୋଗ ଦେଇଥିଲେ । ଟାଟା ଷ୍ଟାଇଭର ସିଓଓ ଅମେୟ ବନଜାରୀ, ଏଏମ/ଏନଏସର ଏଚଆର୍ ମୁଖ୍ୟ ସୁନୀଲ ଦାସ, ଏଏମ/ଏନଏସ ପୂର୍ବ ଭାରତର ଏଚଆର୍ ମୁଖ୍ୟ ଡକ୍ଟର ଦେବବ୍ରତ ଦାଶ, ପଲ୍ୟୁଟେକର ସିଓଓ ବିଭାସ ମହାନ୍ତି, ଅରୋମା ଗ୍ରୁପର ନିର୍ଦ୍ଦେଶକ ଅରୂପ ରଞ୍ଜନ ମିଶ୍ର, ଜେଏସପିଏଲର ଜେନେରାଲ ମ୍ୟାନେଜର (ଏଚଆର) ତଥା ଏମ୍ପ୍ଲୋଇ ରିଲେସନ୍ସ ବନବାସ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧକ୍ଷ ଟି ଥମ୍ପିରାଜା ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଧାୟିକା ସୋଫିଆ ଫିରଦୋସଙ୍କ ବିଡାନାସୀ ବଡନାଳ କାମ ପରିଦର୍ଶନ



କଟକ (ସବ୍ୟୁ): ବିଧାୟିକା ସୋଫିଆ ଫିରଦୋସ ବିଡାନାସୀରେ ଚାଲୁଥିବା ବଡନାଳ ନିର୍ମାଣ କାର୍ଯ୍ୟର ତଦାରଖ ଓ ଅଗ୍ରଗତି ସଂପର୍କରେ ନାଳ କାମ ବୁଲି ଦେଖିଥିଲେ । ଖୁବଶୀଘ୍ର ନାଳ କାମ ଶେଷ କରିବାକୁ ବିଧାୟିକା ସୋଫିଆ ଉପସ୍ଥିତ ପଦାଧିକାରୀ ଓ ଯନ୍ତ୍ରୀ ଏବଂ କଣ୍ଟ୍ରାକ୍ଟରଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କାମ ଚାଲୁଥିବା ସମୟରେ ଧସି ଯାଇଥିବା ମୁଖ୍ୟ ରାସ୍ତାକୁ ତୁରନ୍ତ ନିର୍ମାଣ କରିବାକୁ କହିଥିଲେ । ଏହି ଅବସରରେ କଟକମହାନଗର ନିଗମ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଭାଷ ସାହୁ, ୱାଟକୋ ମ୍ୟାନେଜର ସୁଜାତା ମ୍ୟାଡାମ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଭାନୁ ସେନାପତି, ଟୁକୁନା ସେନାପତି, କିଶୋର କୁମାର କର, ମଧୁସୂଦନ ମଲ୍ଲିକ,ସୁବାସ ଚନ୍ଦ୍ର ସାହୁ,ସତ୍ୟଶ୍ରୀ ବେହେରା,ଭଗବାନ ଚାନ୍ଦ, ସନ୍ତୋଷ ପାତ୍ର, ବିବେକ ସାମନ୍ତରାୟ, ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଣ ଗୋଦାମରେ ବିସ୍ଫୋରଣ
# ମାଲିକ ଫେରାର

ଭୁବନେଶ୍ୱର, (ସବ୍ୟୁ) : ଇଫୋସିଟି ଥାନା ଅନ୍ତର୍ଗତ ଚୁନୁକୋଳି ବସ୍ତିରେ ଥିବା ଏକ ବାଣ ଗୋଦାମରେ ସୋମବାର ବିସ୍ଫୋରଣ ହୋଇଛି । ବିସ୍ଫୋରଣରେ ଘର ଛାତ ଉଡିଯାଇଥିବା ବେଳେ ମାଲିକ ଫେରାର ହୋଇଯାଇଛି ।

ଚୁନୁକୋଳି ବସ୍ତିର ଲିଙ୍ଗରାଜ ପଟ୍ଟନାୟକଙ୍କ ଘରେ ବାଣ ତିଆରି ସାଙ୍ଗକୁ ଗଚ୍ଛିତ ରଖାଯାଇଥିଲା । ସେଠାରେ ନିଜେ ରହିବା ସହ ୨୧ଜଣ କର୍ମଜୀବୀ ମହିଳାଙ୍କୁ ରଖି ହଷ୍ଟେଲ ଚଳାଇଥିଲେ । ବାଣ ବିସ୍ଫୋରଣରେ କେହି ମୃତାହତ ହୋଇନଥିବା ବେଳେ ଘର ଛାତ ଓ କାନ୍ଥ ଭୁଶୁଡି ପଡିଛି । ମାଲିକ ଫେରାର ହୋଇଯିବା ପରେ ସମ୍ପର୍କୀୟମାନଙ୍କୁ ସେଠାକୁ ପଠାଇ ଥିବା ସୂଚନା ମିଳିଛି । ସମ୍ପର୍କୀୟମାନେ ଦେଖିବା ପରେ ଘର ମାଲିକକୁ ରିପୋର୍ଟ ଦେବେ। ଲିଙ୍ଗରାଜଙ୍କୁ ପିଇସା କହୁଥିବା ଜଣେ ମହିଳାଙ୍କ କହିବାନୁଯାୟୀ ସେ ବାଣ ତିଆରି ପାଇଁ ଘର ଭଡାକୁ ଦେଇଥିଲେ । ପ୍ରକୃତରେ ଘର ଭଡାକୁ ଦେଇଥିଲେ ନା ମିଳିମିଶି ବାଣ କାରଖାନା ଚଳାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ ।

ଦୀପାବଳି ସମୟରେ ଯାହା ବାଣ ବିକ୍ରି ହୋଇନଥିଲା ତାହା ସେଠାରେ ଗଚ୍ଛିତ ଥିଲା । ଏତେ ପରିମାଣର ବାଣ ଗଚ୍ଛିତ ଥିଲା ଯେ, ପରିମାଣ ଆକଳନ କରିବା କଷ୍ଟଦାୟକ । ବିସ୍ଫୋରଣ କିପରି ହେଲା ସ୍ପଷ୍ଟ ହୋଇନଥିବା ବେଳେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ନିଆଁ ହୁହୁ ହୋଇ ଜଳିବା ସହ ବହୁ ବାଣ ଫୁଟିଯାଇଛି । ନିଆଁଲିଭା ପରେ ସେଠାରେ ଦେଖିବାକୁ ମିଳିଥିଲା ଯେ, ଆହୁରି ବିପୁଳ ପରିମାଣର ବାଣ ରହିଛି । ଯାହା ଅଗ୍ନିଶମ ବାହିନୀ ପାଣି ମାଡରେ ଓଦା ହୋଇ ରହିଛି । ବେଆଇନ ବାଣ ତିଆରି କରି ଗଚ୍ଛିତ ରଖିଥିବାରୁ ମାଲିକ ଫେରାର୍ ହୋଇଯାଇଥିବା କୁହାଯାଉଛି । ସେ ବେସରକାରୀ ଚାକିରି କରିବା ସାଙ୍ଗକୁ ବାଣ ତିଆରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ । ବିସ୍ଫୋରଣ ପରେ ଘଟଣାସ୍ଥଳକୁ ଶୈଳଶ୍ରୀବିହାର ଓ ଆଖପାଖ ଅଞ୍ଚଳର ବହୁ ଲୋକ ଦେଖିବା ପାଇଁ ସେଠାରେ ପହଞ୍ଚିଥିଲେ ।

# ମହିଳା କମିଶନ ଅଧକ୍ଷା ପଦରୁ ହଟିଲେ ମୀନତି ବେହେରା

ଭୁବନେଶ୍ୱର(ସବ୍ୟୁ): ମହିଳା କମିଶନ ଅଧକ୍ଷା ପଦରୁ ହଟିଲେ ମୀନତି ବେହେରା । ପଦଚ୍ୟୁତ ନେଇ ମହିଳା ଓ ଶିଶୁ ବିକାଶ ବିଭାଗର ବିଜ୍ଞପ୍ତି ପ୍ରକାଶ ପାଇଛି । ମିନତୀଙ୍କ କାର୍ଯ୍ୟ ସନ୍ତୋଷଜନକ ନଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । କାହିଁକି ପଦଚ୍ୟୁତି କରାନଯିବ, ସେନେଇ ଜାରି ହୋଇଥିଲା ନୋଟିସ୍ । ହେଲେ ମୀନତିଙ୍କ ଜବାବ ସନ୍ତୋଷଜନକ ନୁହେଁ ବୋଲି ଦର୍ଶାଇଛି ବିଭାଗ ।

ଅକ୍ଟୋବର ୨୦୨୨ରୁ ମହିଳା କମିଶନ ଅଧକ୍ଷା ଥିଲେ ଶ୍ରୀମତୀ ବେହେରା । ଏହି ସମୟରେ ମହିଳା କମିଶନଙ୍କ ପ୍ରଦର୍ଶନ ସହ ମାମଲା ଫଇସଲା ଓ କ୍ୟାମ୍ପ-କୋର୍ଟ ଆୟୋଜନ ସନ୍ତୋଷଜନକ ନଥିଲା ବୋଲି ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ ରାଜ୍ୟ ସରକାର । ପଦଚ୍ୟୁତ ନେଇ ମୀନତି ବେହେରା କହିଛନ୍ତି, ଆମକୁ ପ୍ରକ୍ରିୟା ଅନୁସାରେ ଏକ ଶୁଣାଣି କରି ପକ୍ଷ ରଖିବାକୁ ଗୋଟିଏ ସୁଯୋଗ ନଦେଇ ପଦଚ୍ୟୁତ କରାଯାଇଛି । ତେବେ ସେ ନିଜ କାମକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ।

ସେପଟେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ଯେଉଁ ଢଙ୍ଗରେ ମହିଳା କମିଶନ ଆସିବା କଥା, ଆସି ପାରିନଥିଲା । ମହିଳା କମିଶନଙ୍କ ଭୂମିକାକୁ ନେଇ ସରକାର ନୋଟିସ କରିଥିଲେ । ଏନେଇ ତାଙ୍କୁ ସୋ-କଜ୍ ମଗାଯାଇଥିଲା । ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ କାଲି ନିବୃତ୍ତ କରାଯାଇଛି । ଖୁବଶୀଘ୍ର ନୂଆ ମହିଳା କମିଶନ ଦେଖିବ ଓଡ଼ିଶା ।

# ସୋଆ ଆଇଏଚ୍ଏସ୍ଇ ପକ୍ଷରୁ ଦୁଇଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଯୁକ୍ତ ୨ ମହାବିଦ୍ୟାଳୟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହାୟର୍ ସେକେଣ୍ଡାରୀ ଏଜୁକେସନ୍ (ଆଇ.ଏଚ୍.ଏସ୍.ଇ) ଓ ଶିକ୍ଷା ସୋପାନ ପକ୍ଷରୁ ମିଳିତ ଭାବେ ରବିବାର ଦିନ ଦୁଇ ଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ଏଥିରେ ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି କରିବା ସହ ଶିକ୍ଷକମାନେ କିଭଳି ଭାବେ ପ୍ରାକ୍ଟିକାଲ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବେ ସେ ନେଇ ଆଲୋଚନା କରାଯାଇଥିଲା। ଓଡିଶାର ବିଭିନ୍ନ ସ୍କୁଲ ଓ କଲେଜରେ ବିଜ୍ଞାନ ପଢାଉଥିବା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଆଇଟି କାନପୁରର ପଦାର୍ଥ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପଦ୍ମଶ୍ରୀ ହରିଶ ଚନ୍ଦ୍ର ବର୍ମା ଯୋଗ ଦେଇ କହିଥିଲେ ଯେ କେବଳ ପୁସ୍ତକ ପ୍ରସୂତ ଜ୍ଞାନ ଆହରଣ କରିବା ଯଥେଷ୍ଟ ନୁହେଁ ବରଂ ଏଥି ସହିତ ବାହ୍ୟ ଜ୍ଞାନ ଆହରଣ କରିବା ଜରୁରୀ। ଚିରାଚରିତ ଢଙ୍ଗରେ ଚାଲିଥିବା ବିଜ୍ଞାନ ପାଠ୍ୟକ୍ରମକୁ ପ୍ରକୃତି ସହ କେମିତି ପଢା ଯାଇପାରିବ ଏହା ଉପରେ ଗୁରୁତ୍ୱ ଦିଆଯାଉ ବୋଲି ପ୍ରଫେସର ବର୍ମା କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ



ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଲମ୍ବୋଦର ପ୍ରସାଦ ସିଂ କହିଥିଲେ ଯେ ପ୍ରକୃତି କିଛି ନୂଆ ଶିଖିବାକୁ ପ୍ରେରଣା ଦେଇଥାଏ। ନିଜର ମନୋବୃତ୍ତି ଓ ଆଗ୍ରହ ଦ୍ୱାରା ଅସମ୍ଭବକୁ ବି ସମ୍ଭବପର କରିହୁଏ। ଅନ୍ୟତମ ସମ୍ମାନିତ ଅତିଥି କଲିକତାର ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଆଇଏସ୍ଇଆର୍)ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ ପାଣିଗ୍ରାହୀ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

ପ୍ରଥମ ଦିନରେ ମୁଖ୍ୟ ଅତିଥି ପ୍ରଫେସର ବର୍ମା ଓଡିଶାର ବିଭିନ୍ନ ସ୍କୁଲ୍‌ରୁ ଯୋଗ ଦେଇଥିବା ନବମ ଓ ଦଶମ ଶ୍ରେଣୀର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଆଲୋଚନା କରିଥିଲେ। ସେହିପରି ଦ୍ୱିତୀୟ ଦିନରେ ପ୍ରଫେସର ବର୍ମା ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ପାଠ ପଢାଉଥିବା ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

## ବିଶ୍ୱସ୍ତରରେ ଓଡ଼ିଶାର ଗୌରବ
# କିଟ୍ ଫେସନ୍ ସ୍କୁଲ୍ ଛାତ୍ରୀ ତ୍ରିଷ୍ଣା ରାୟଙ୍କୁ ମିସ୍ ଟିନ୍ ୟୁନିଭର୍ସ ମୁକୁଟ

ଭୁବନେଶ୍ୱର, (ସବ୍ୟୁ): ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ମିସ୍ ଟିନ୍ ୟୁନିଭର୍ସ ୨୦୨୪ ସୁନ୍ଦରୀ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ଫେସନ୍ ସ୍କୁଲ୍ ଛାତ୍ରୀ ତ୍ରିଷ୍ଣା ରାୟ ବିଜୟୀ ହୋଇ ମିସ୍ ଟିନ୍ ୟୁନିଭର୍ସ ୨୦୨୪ ଟାଇଟଲ୍ ହାସଲ କରିଛନ୍ତି । କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ୍‌ର ଛାତ୍ରୀ ତ୍ରିଷ୍ଣା ଏହି ଟାଇଟଲ୍ ହାସଲ କରି କିଟ୍ ତଥା ଓଡ଼ିଶା ଓ ଭାରତକୁ ଗୌରବ ଆଣି ଦେଇଛନ୍ତି । ନଭେମ୍ବର ୧ରୁ ୯ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ



ସମଗ୍ର ବିଶ୍ୱରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ । କର୍ଣ୍ଣେଲ୍ ଦିଲ୍ଲୀପ କୁମାର ରାୟ ଏବଂ ରାଜଶ୍ରୀଙ୍କ ଝିଅ ତ୍ରିଷ୍ଣା ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ପ୍ରୟାସ କରିଆସୁଥିଲେ । ତାଙ୍କର ଭିସା ସମସ୍ୟା ଯୋଗୁଁ ସେ ଗତବର୍ଷ କଲମ୍ବିଆ ଓ ଡ଼ୋମିନିକାନ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରି ନ ଥିଲେ । ତାଙ୍କର କଠିନ ଅଧ୍ୟବସାୟ ଓ ନିଷ୍ଠା ପାଇଁ ସେ ଏହି ଅନ୍ତର୍ଜାତୀୟ ସଫଳତା ପାଇପାରିଛନ୍ତି । ତ୍ରିଷ୍ଣାଙ୍କ ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ମ୍ୟାରିଟାଇମ୍ ମ୍ୟୁଜିୟମରେ ବ୍ୟାପକ ଦୁର୍ନୀତି
# ଉଚ୍ଚସ୍ତରୀୟ ତଦନ୍ତ ଦାବୀକଲା ମୋ କଟକ ସୁରକ୍ଷା ମଞ୍ଚ

କଟକ, (ସବ୍ୟୁ): ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟରେ ବ୍ୟାପକ ଅନିୟମିତତା,ଦୁର୍ନୀତି ଦେଖାଯାଉଛିଛସଠିକ ରକ୍ଷଣାବେକ୍ଷଣ ହେଉନଥିବା ଏବଂ କର୍ମଚାରୀଙ୍କ ମନରେ ଅସନ୍ତୋଷ ଯୋଗୁଁ ଦିନକୁ ଦିନ ପର୍ଯ୍ୟଟକ,ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ହେବା ବଦଳରେ କମିବାରେ ଲାଗିଛିଛଏହା ଯେଉଁ ମହତ୍ତ୍ୱ ପୂର୍ଣ୍ଣ ଉଦ୍ଦେଶ୍ୟରେ ନିର୍ମାଣ ହୋଇଛି ପ୍ରକୃତରେ ଏହା କାର୍ଯ୍ୟ କରୁନାହିଁଛଏହାର ଉଚ୍ଚସ୍ତରୀୟ ତଦନ୍ତ କରି ବ୍ୟାପକ ଅନିୟମିତତା, ଦୁର୍ନୀତି,କର୍ମଚାରୀଙ୍କ ଟଙ୍କା ହଡପ୍ କରୁଥିବା ଅଧିକାରୀ କର୍ମଚାରୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ,କାର୍ଯ୍ୟରେ ଅବହେଳା କରୁଥିବା ଠିକାସଂସ୍ଥାକୁ କଳାତାଲିକାଭୁକ୍ତ କରିବା ଦାବୀରେ ମୋ କଟକ ସୁରକ୍ଷା ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରି ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଅତିରିକ୍ତ ଜିଲ୍ଲାପାଳ ଶ୍ରୀକାନ୍ତ କୁମାର ବେହେରାଙ୍କୁ ଦିଆଯାଇଛି । ଆଜି କାର୍ଯ୍ୟକ୍ରମରେ ସଭାପତି ଅକ୍ଷୟ କୁମାର ପଣ୍ଡା,ନାରୀନେତ୍ରୀ ନମିତା ମଞ୍ଜରୀ ସାହୁ,ଆଇନଜୀବୀ ସ୍ମୃତିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ରୁତତମ ଗାଡି ଧକ୍କାରେ ଟ୍ରଲି ଚାଳକଙ୍କ ମୃତ୍ୟୁ

ବେତନଟୀ (ସବ୍ୟୁ) : ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ଛକ ନିକଟରେ ରବିବାର ରାତ୍ରି ୧୦ ଘଟିକା ସମୟରେ ଏକ ଅଜଣାଗାଡି ଧକ୍କାରେ ଜନୈକ ଟ୍ରଲି ଚାଳକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲାଛ ମୃତ ଟ୍ରଲି ଚାଳକ ହେଲେ ବୈଶିଙ୍ଗା ଥାନା ଅଧୀନ ବିଦୁକୁଡ଼ିଆ ଗ୍ରାମର ଭାଗିରଥୀ ସିଂ(୪୫) । ପ୍ରାପ୍ତ ସୂଚନା ମୁତାବକ ଟ୍ରଲି ସହ ଭାଗିରଥୀ ରଙ୍ଗାମାଟିଆ ଅଭିମୁଖେ ଯାଉଥିବା ସମୟରେ ଏକ ଦୃତତମ ଗାଡି ଧକ୍କା ଦେଇଥିଲା । ଟ୍ରଲିକୁ ଧକ୍କାଦେବା ଘଟଣାସ୍ଥଳରୁ ଗାଡିଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲାଛ ଦୁର୍ଘଟଣାରେ ଟ୍ରଲି ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଚାଳକ ଜଣକଙ୍କର ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ଘଟିଥିଲା ଛ ସେହି ସମୟରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ରାଜପଥ ଉପରେ ଗାଡିଗୁଡିକ ଅଟକି ରହିଥିଲା । ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ରାସ୍ତା ଉପରୁ ଦୁର୍ଘଟଣାଗ୍ରସ୍ତ ଟ୍ରଲି କୁ ରାଜପଥ ଉପରୁ ହଟାଇବା ପରେ ଯାଇ ଯାତାୟତ ସ୍ୱାଭାବିକ ହୋଇଥିଲା । ଏନେଇ ବୈଶିଙ୍ଗା ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ଦୁର୍ଘଟଣାର ତଦନ୍ତ ଚଳାଇଥିବା ବେଳେ ଦୁର୍ଘଟଣା ଘଟାଇ ମାରିଥିବା ଗାଡିକୁ ଧରିବାକୁ ପୁଲିସ ଉଦ୍ୟମ ଆରମ୍ଭ କରିଛି । ଏ ତେବେ ଏକ ଦ୍ରୁତଗାମୀ ଭ୍ୟାନ ଧକ୍କା ଦେଇଥିବାର ଅନୁମାନ କରାଯାଉଛ ।

# ବେଦାନ୍ତ ଲାଞ୍ଜିଗଡ଼ର ଉଦ୍‌ଘାଟନୀ ଜୋନାଲ ସ୍ପୋର୍ଟସ ମିଟ ୨୦୨୪

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ ଲିମିଟେଡ, ଲଞ୍ଜିଗଡ଼, ଭାରତର ଅଗ୍ରଣୀ ସ୍ମେଲଟର ଗ୍ରେଡର ଆଲୁମିନିୟମ ନିର୍ମାତା ବେଦାନ୍ତ ଲାଞ୍ଜିଗଡ଼, ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ପରିସରରେ ପ୍ରଥମ ବିଦ୍ୟାଳୟ ଭାବରେ ସ୍ତରୀୟ କ୍ରୀଡ଼ା ଜୋନାଲ ମିଟ ୨୦୨୪ ଆୟୋଜନ କରିଥିଲା । ପ୍ରଥମ ଇଂରାଜୀ ବିଦ୍ୟାଳୟ ଭାବରେ ଏହି ଅଂଚଳରେ ୪୦୦୦ରୁ ଅଧିକ ପିଲାଙ୍କୁ ଏହା ଗୁଣମାନର ଶିକ୍ଷାଦାନ କରିଆସୁଛି । ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଦଶଟି ସ୍କୁଲ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା ବେଳେ ଚାରୋଟି ବିଦ୍ୟାଳୟ ତୀରନ୍ଦାଜରେ ସେମାନଙ୍କ ଉତ୍କର୍ଷତା ପ୍ରତିପାଦନ କରିଥିଲେ । ଏହି ପ୍ରତିଯୋଗିତାର ଲକ୍ଷ୍ୟ ହେଉଛି ଆଥଲେଟିକ ପ୍ରତିଭା ପୋଷଣ ସହ କ୍ରୀଡ଼ା ପ୍ରତି ଯୁବକମାନଙ୍କୁ ଆକୃଷ୍ଟ କରାଇବା । ଏହି କ୍ରୀଡ଼ା କାର୍ଯ୍ୟକ୍ରମ ବହୁ ଉତ୍ସାହର ସହ ଆୟୋଜନ କରାଯାଇଥିଲା ଯେଉଁଥିରେ ୮ଟି ଜିଲ୍ଲାର ୧୯୦ଜଣ ଛାତ୍ର ଛାତ୍ରୀ ଏକତ୍ରିତ ହୋଇ ବିଭିନ୍ନ ଇଭେଂଟରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ ।

ଜିଲ୍ଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଉଦଘାଟନ କରିଥିଲେ । ସାମଗ୍ରିକ ବିକାଶରେ ଶାରୀରିକ ସୁସ୍ଥତା



ଓ ଦଳଗତ କାର୍ଯ୍ୟର ଭୂମିକାକୁ ମଧ ଆଲୋକିତ କରିବା ସହିତ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଏହି ପଦକ୍ଷେପ ଉପରେ ମତ ଦେଇ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ସିଇଓ ଆଲୁମିନା ବିଜିନେସ, ବେଦାନ୍ତ ଲିମିଟେଡ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ଏହା ବିଶ୍ୱାସ କରୁଯେ ଉଜ୍ଜ୍ୱଳ ବିକାଶ ଲାଗି ଆବଶ୍ୟକୀୟ ଦକ୍ଷତା ବିକାଶ ଓ ସହାୟତା ମାଧ୍ୟମରେ ଆମେ ଯୁବକମାନଙ୍କୁ ସଶକ୍ତ କରିବା । ଦକ୍ଷତା ବିନିଯୋଗ କରି ଆମର ଯୁବକମାନଙ୍କ ପ୍ରତିଭା ସେମାନଙ୍କୁ କେବଳ ପୂର୍ଣ୍ଣ ସାମର୍ଥ୍ୟରେ ପହଁଚାଏ ନାହିଁ ବରଂ ଆମ ଗୋଷ୍ଠୀ ତଥା ଦେଶର ଅଭିବୃଦ୍ଧିରେ ମଧ ସହାୟକ ହୁଏ । ଯାହା ପ୍ରତିଭା ପ୍ରତିପୋଷଣ ଜରୀଆରେ ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସେମାନଙ୍କୁ ଆଗେଇ ନେବା ଆମର ଉଦ୍ଦେଶ୍ୟ । ଉଦଘାଟନୀ ମ୍ୟାଚରେ ଡିଏଭି ଲାଞ୍ଜିଗଡ଼ ଓ ଡିଏଭି ତାଳଚେର ମଧ୍ୟରେ ପ୍ରଦର୍ଶନ କରାଯାଇଥିଲା ଯେଉଁଥିରେ ପିଲାମାନେ ସେମାନଙ୍କ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ଡିଏଭି ଲାଞ୍ଜିଗଡ଼ ଉଭୟ ୧୯ ବର୍ଷରୁ କମ ଓ ୧୪ ବର୍ଷର ଫୁଟବଲ ଟୁର୍ନାମେଂଟରେ ବିଜୟୀ ହୋଇଥିଲାବେଳେ ଡିଏଭି ଟିଟିଲାଗଡ଼ର ୧୭ ବର୍ଷରୁ କମ ବର୍ଗରେ ବିଜୟ ହାସଲ କରିଥିଲା ।

ଏହି କ୍ରୀଡ଼ା ନୈପୁଣ୍ୟ ହେଉଛି ବେଦାନ୍ତ ଆଲୁମିନିୟମର କ୍ରୀଡ଼ା ମାଧ୍ୟମରେ ଗୋଷ୍ଠୀର ବିକାଶ, ସ୍ୱାସ୍ଥ୍ୟ, ଅନୁଶାସନ ଏବଂ ଗୋଷ୍ଠୀର ସଶକ୍ତିକରଣ ଏବଂ ବିଭିନ୍ନ ଉପାୟ ମାଧ୍ୟମରେ ଜୀବନର ଗୁଣବତାରେ ଉନ୍ନତି ଆଣିବା ଲାଗି କମ୍ପାନିର ବ୍ୟାପକ ପ୍ରୟାସର ଏକ ଅଂଶ। କମ୍ପାନି କେବଳ ସାତ ବର୍ଷ ମଧ୍ୟରେ ଆଗାମୀ ହକି ଇଣ୍ଡିଆ ଲିଗରେ କଳିଙ୍ଗ ଲାନସର୍ସ ଦଳ ହାସଲ କରିନାହିଁ ବରଂ ନିୟମିତ ଭାବରେ ସ୍ଥାନୀୟ କ୍ରୀଡ଼ା ଇଭେଣ୍ଟ, ଟୁର୍ଣ୍ଣାମେଣ୍ଟ ଓ ଛାତ୍ର ପ୍ରଶିକ୍ଷଣ ଆୟୋଜନ କରିଥାଏ। ଇଭିନ୍ନ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ଗୋଷ୍ଠୀଙ୍କୁ ସଶକ୍ତିକରଣ କରିବାକୁ ବେଦାନ୍ତ ଲାଞ୍ଜିଗଡ଼ ପ୍ରତିଶ୍ରୁତିବଦ୍ଧ। ବର୍ତମାନ ୧୦୦ରୁ ଅଧିକ ଛାତ୍ର ତୀରନ୍ଦାଜ ତାଲିମ ନେଉଛନ୍ତି । କମ୍ପାନିର ଏହି ପଦକ୍ଷେପ ତୃଣମୂଳ କ୍ରୀଡ଼ାର ବିକାଶ ଦିଗରେ ଯୁବ ପ୍ରତିଭାଧାରୀଙ୍କୁ ଶୀର୍ଷ ସ୍ଥାନରେ ପହଁଚାଇବା ଲାଗି ପ୍ରତିଶ୍ରୁତି ଦେଇଥାଏ।

## ଅତ୍ୟାବଶକୀୟ ଜିନିଷର ଅହେତୁକ ଦର ବୃଦ୍ଧି ଯୋଗୁଁ
# ଖାଉଟି ହନ୍ତସନ୍ତ, ସରକାର ନିଦାବିଷ୍ଟୁ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଅତ୍ୟାବଶକୀୟ ଜିନିଷର ଦର ଅହେତୁକ ବୃଦ୍ଧି ପାଇ ରାଜ୍ୟବାସୀ ହନ୍ତସନ୍ତ ହେଉଥିବାବେଳେ ରାଜ୍ୟ ସରକାର ନିଦାବିଷ୍ଟୁ ସାଜିଛନ୍ତି ବୋଲି ଏକ ପ୍ରେସ ବିବୃତିରେ ବିଜେଡ଼ି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଅଭିଯୋଗ କରିଛନ୍ତି । ଏହି ଅହେତୁକ ଦର ବୃଦ୍ଧି ଦାଉରୁ ରାଜ୍ୟବାସୀଙ୍କୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ, ରାଜ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେବଳ ବିଭିନ୍ନ ବୟାନ ବାଜିରେ ବ୍ୟସ୍ତ ଅଛନ୍ତି । ରାଜ୍ୟ ସରକାର ପିଡିଏସ ବଣ୍ଟନ ମାଧ୍ୟମରେ ଦିଆଯାଉଥିବା ଚାଉଳ ଲୋକଙ୍କ ପାଖରେ ପହଞ୍ଚାଇବାରେ ବିଫଳ ହେବାକାରଣରୁ କନ୍ଧମାଳ ଜିଲ୍ଲାରେ ଦୁଇଜଣ ମହିଳାଙ୍କ ଆମ୍ବ ଟାକୁଆଖାଇମୃତ୍ୟୁହୋଇଥିଲା। ଅପର ପକ୍ଷରେ, ବିଜେପି ରାଜ୍ୟରେ କ୍ଷମତାକୁ ଆସିବା ପରେ, ଅର୍ଥାତ ଗତ ପାଞ୍ଚ ମାସରେ ଅତ୍ୟାବଶକୀୟ ଜିନିଷର ଦର ହୁହୁ ହୋଇ ବଢ଼ିଚାଲିଛି। ଗତ ଜୁନ ମାସରେ ଆଳୁ ଦର ପ୍ରତିକିଲୋ ୨୦ ଟଙ୍କା ଥିଲାବେଳେଏହାଏବେ ୩୫ ଟଙ୍କାରହିଛି। ରାଜ୍ୟରେ ପିଆଜକିଲୋ, ଯାହାଜୁନ ମାସରେ ୨୦ ଟଙ୍କା ଥିଲାତାହାଏବେ ୬୦ ଟଙ୍କାରହିଛି। ସେହିପରି, ହରଡ଼ଡାଲି ଦର ୧୩୦ ଟଙ୍କାରୁ ୧୮୦ ଟଙ୍କାରେ, ମୁଗଡାଲି ଦର ୧୦୦ ଟଙ୍କାରୁ ୧୨୫ ଟଙ୍କାରେ, ବିରିଡାଲି ଦର ୧୨୦ ଟଙ୍କାରୁ ୧୪୫ ଟଙ୍କାରେ, ସୋରିଷତେଲ ଦର ୧୫୦ ଟଙ୍କାରୁ ୧୮୦ ଟଙ୍କାରେ, ରିଫାଇନ ତେଲ ଦର ୧୧୪ ଟଙ୍କାରୁ ୧୪୪ ଟଙ୍କାରେ ପହଁଚିଛି। ଆଳୁ ପିଆଜଛଡା ଅନ୍ୟ ପନିପରିବା ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣକରିବା ପାଇଁ କୌଣସିତ ତ୍ୱରତା ଦେଖାଇ ନାହାନ୍ତି ।

## ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ମିଳନୀ କକ୍ଷ ଓ ଇ-ଲାଇବ୍ରେରୀ ଉଦ୍‌ଘାଟିତ




ବାରିପଦା, (ସବ୍ୟୁ) : ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ସମ୍ମିଳନୀ କକ୍ଷ ଓ ଇ-ଲାଇବ୍ରେରୀ ଓଡିଶା ସରକାରଙ୍କର ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ଉଦଘାଟନୀ ସଭାରେ ଆୟୋଜନ କରାଯାଇଥିଲା । ଏଥିରେ ମନ୍ତ୍ରୀ ଛାତ୍ରଛାତ୍ରୀ ମାନଙ୍କୁ କର୍ତ୍ତବ୍ୟନିଷ୍ଠ, ପଠନଶୀଳ ଏବଂ ନିଜର ଶିକ୍ଷା ଗୁରୁଙ୍କୁ ଯଥୋଚିତ୍ ସମ୍ମାନ ପ୍ରଦାନ କରି ବିଦ୍ୟାଧ୍ୟୟନରତ ହେବାକୁ ପରାମର୍ଶ ଦେଇଥିଲେ । ଇତ୍ୟବସରରେ ମନ୍ତ୍ରୀ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା, ନିଶା ନିବାରଣ ଏବଂ ମା ପାଇଁ ଗଛଟିଏ ରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ । ପରିଶେଷରେ ଅଧ୍ୟକ୍ଷ ମନ୍ତ୍ରୀ ଉପଢୌକନ ଓ ଆଦିବାସୀ ଚିତ୍ରକଳା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବର ପ୍ରାରମ୍ଭରେ ଅଧ୍ୟାପିକା ସ୍ମିତା ଦାସ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଅଧ୍ୟାପକ ସଞ୍ଜୟ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରିଚାଳନାରେ ଡଃ ଅଞ୍ଜଳୀ ପଣ୍ଡା, ଅଟଳ କୁମାର ମହାନ୍ତ, ଡଃ ସଂଯୁକ୍ତ ରାଣୀ ସୁର, ତାପସ କୁମାର ସାମଲ ତଥା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ସରକାରଙ୍କ ପ୍ରତିଶ୍ରୁତି ପୂରଣ ଦାବିରେ ସିପିଆଇର ବିକ୍ଷୋଭ




ବାରିପଦା, (ସବ୍ୟୁ) : ବିଜେପି ଦଳ କ୍ଷମତାକୁ ଆସିବା ପୂର୍ବରୁ ଯେଉଁ ପ୍ରତିଶୃତି ଦେଇ କ୍ଷମତା ହାତେଇ ଥିଲେ, କ୍ଷମତାରେ ବସିବା ପରେ ସେ ପ୍ରତିଶୃତି ଭୁଲିଯାଇଥିବାରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆଜି ଶହଶହ ଲୋକ ବାରିପଦା ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ବନ୍ଦ କର, ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ହୀତାଧିକାରୀଙ୍କୁ ମାସିକ ୩ହଜାର ଟଙ୍କା ଭତ୍ତା, କୃଷକଙ୍କ ଧାନ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କାର ସହାୟକ ମୂଲ୍ୟ ପ୍ରଦାନ, ପ୍ରତ୍ୟେକଙ୍କ ମାସିକ ୩ଶହ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ମାଗଣାରେ ପ୍ରଦାନ, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ତହସିଲ ଜରିଆରେ ଚିହ୍ନଟ କରି ଜମା ଟଙ୍କା ଫେରସ୍ତ କର, ପ୍ରତ୍ୟେକ ମହିଳାଙ୍କୁ ପ୍ରତିଶୃତି ଭିତ୍ତିରେ ଦୁଇ କିସ୍ତିରେ ୫୦ହଜାର ଟଙ୍କା ପ୍ରଦାନ, ମାଇକ୍ରୋ ଫାଇନାନ୍ସ ମାନଙ୍କ ଚକ୍ରବୃଦ୍ଧି ସୁଦ୍ଧର ଲୁଣ୍ଠନ ଓ ଋଣ ଆଦାୟ ଜୁଲମ ବନ୍ଦ କରିବା, ନିର୍ମାଣ ଶ୍ରମିକ ମାନଙ୍କ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ପାଇଁ ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶ ଦାବି ନେଇ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ବାରିପଦା ବିଡିଓଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ଆଜି ପୂର୍ବାହ୍ନରେ ପାଲବଣୀ ଗୋଲେଇ ଛକ ଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଶହ ଶହ ପୁରୁଷ ମହିଳା ଆସି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପାର୍ଟିର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ଜୟନ୍ତ ଦାସ, ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଜିଲ୍ଲାର ନେତା ପରମେଶ୍ୱର ମହାନ୍ତ, ବଳରାମ ମୁର୍ମୁ, ଶ୍ରୀକାନ୍ତ ସାମଲ, ମହେଶ୍ୱର ବେହେରା ଉଦ୍‌ବୋଧନ ଦେଇଥିବାବେଳେ ଏହି ବିକ୍ଷୋଭ ସମାବେଶରେ କାହ୍ନୁଚରଣ ବେହେରା ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବାଷିନୀ ବିନ୍ଧାଣୀ, ସୋମବାରୀ ପାତ୍ର, ପତି ହେମ୍ବ୍ରମ, ମୁଗୁନୀ ସିଂ ଓ ରେବତୀ ମହାନ୍ତ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ଯୋଗ ଓ ଜୀବନ ସଚେତନତା କାର୍ଯ୍ୟକ୍ରମ

ଆଗରପଡ଼ା,(ସବ୍ୟୁ):ଆଗରପଡା ନିକଟସ୍ଥ ସାହୁପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଯୋଗ ଓ ଜୀବନ ଶୈଳୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ପତଞ୍ଜଳୀ ଯୋଗ ପ୍ରଚାରକ ତଥା ଜିଲ୍ଲା ଯୋଗଗୁରୁ ଧରଣୀଧର କର ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମାମାନଙ୍କୁ ଯୋଗାସନ, ପ୍ରଣାୟାମ, ଧ୍ୟାନ ଆଦି ଶିକ୍ଷା ପ୍ରଦାନ କରିବା ସହିତ ସେଥିରୁ ମିଳୁଥିବା ଲାଭ ଆଦି ବିଷୟରେ ଆଲୋକପାତ କରିଥିଲେ। ଅଷ୍ଟାଙ୍ଗ ଯୋଗ ସାଧନା ମାଧ୍ୟମରେ ସମ୍ପୁର୍ଣ୍ଣ ନିରୋଗ ଜୀବନ ଯାପନ ସମ୍ଭବ ବୋଲି ସେ କହିଥିଲେ। କେବଳ ଧ୍ୟାନ ଓ ଶାରିରୀକ କ୍ରୀୟା ମାଧ୍ୟମରେ ଛାତ୍ରଛାତ୍ରୀମାନେ ସୁସ୍ଥ ରହିବା ସହିତ ପାଠପଢ଼ାରେ ସଫଳତା ଅର୍ଜନ କରିପାରିବା ନେଇ ମଧ୍ୟ ସେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତ୍ନାକର ନାୟକ, ସମ୍ପାଦକ ମଦନମୋହନ ପାଣିଗ୍ରାହୀ, ପ୍ରଧାନଆଚାର୍ଯ୍ୟ ମାୟାଧର ଦାସଙ୍କ ସହିତ ଗୁରୁଜୀ ରମାକାନ୍ତ ମହୁରୀ, ପ୍ରଦୀପ ପାଣିଗ୍ରାହୀ,ଗୁରୁମା ମମତା ରାଣୀ ମିଶ୍ର,ସୁମତୀ ସେଠୀ, ରାଜଶ୍ରୀ ବେହେରା, ମମତା ରାଣୀ ମହାନ୍ତି,ରଶ୍ମୀତା ପାଣିଗ୍ରାହୀ, ରୁନୁଲତା କଟୁଆଳ, ସ୍ୱର୍ଣ୍ଣଲତା ଦଳେଇ,ଅପା ମନ୍ଦୋଦୋରୀ ମହାକୁଡ଼ ପ୍ରମୁଖ ଅଂଶଗ୍ରହଣ କରିବା ସହିତ କାର୍ଯ୍ୟ ପରିଚାଳନା ଓ ସହଯୋଗ କରିଥିଲେ।

## ମୋଟାବାଡି ସରପଞ୍ଚଙ୍କୁ ଆକ୍ରମଣ ଘଟଣା
## ଅଭିଯୁକ୍ତଙ୍କୁ ଗିରଫ ଦାବି କଲା ସରପଞ୍ଚ ସଂଘ

ବୁଗୁଡ଼ା, (ସବ୍ୟୁ): ବୁଗୁଡା ବ୍ଲକ ମୋଟାବାଡି ପଞ୍ଚାୟତର ସରପଞ୍ଚ ତଥା ସରପଞ୍ଚ ସଂଘର କୋଷାଧ୍ୟକ୍ଷ ପିଣ୍ଟୁ କୁମାର ସେଠୀଙ୍କୁ ଗତକାଲି ଦୀପକ ରାଉତ ନାମକ ଜନୈକ ଯୁବକ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ। ସରପଞ୍ଚ ପିଣ୍ଟୁ ବୁଗୁଡା ମେଡିକାଲରେ ଚିକିତ୍ସିତ ହେବା ସହ ଏନେଇ ଥାନା ଅଭିଯୋଗ କରିବା ପରେ ପୋଲିସ କେସ ନଂ ୫୨୧/୨୪ରେ ଏକ ମାମଲା ରୁଜୁ କରିଥିଲା। ତେବେ ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୋଲିସ ଅଭିଯୁକ୍ତକୁ ଗିରଫ କରିନଥିବା ହେତୁ ଆଜି ବୁଗୁଡ଼ା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଯଥାଶୀଘ୍ର ଅଭିଯୁକ୍ତକୁ ଗିରଫ କରିବା ପାଇଁ ଏକ ଦାବିପତ୍ର ପୋଲିସକୁ ପ୍ରଦାନ କରାଯାଇଥିବା ଜଣାଯାଇଛି। ପ୍ରକାଶଯୋଗ୍ୟ ଯେ, ଗତକାଲି ସରପଞ୍ଚ ପିଣ୍ଟୁ ମୋଟାବାଡି-ନାଗିରି ରାସ୍ତାରେ ଥିବା ଝାଞ୍ଜିରୀ ଗାଡ଼ିଆ ନିକଟରେ ରହି କାମ ନିରୀକ୍ଷଣ କରୁଥିବା ବେଳେ ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ହଠାତ ଦୀପକ ରାଉତ ନାମକ ତାଙ୍କୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲା। ଏଥିରେ ସରପଞ୍ଚଙ୍କ ସାର୍ଟ ଚିରି ଯିବା ସହ ମୁହଁ, ଡାହାଣ ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା। ଏନେଇ ଅଭିଯୋଗ ପରେ ମଧ୍ୟ ପୋଲିସ ଅଭିଯୁକ୍ତକୁ ପୋଲିସ ଗିରଫ କରିପାରିନଥିବାରୁ ଆଜି ସରପଞ୍ଚ ସଂଘର ସଭାପତି ରାଜଲକ୍ଷ୍ମୀ ପ୍ରଧାନ, ଉପସଭାପତି ସୁଶାନ୍ତ ପ୍ରଧାନ, ସମ୍ପାଦକ ସଞ୍ଜୟ ବିଶ୍ୱାଳଙ୍କ ସମେତ ଅନ୍ୟ ସରପଞ୍ଚମାନେ ଥାନାରେ ପହଞ୍ଚି ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ସଂଘ ପକ୍ଷରୁ ଭଞ୍ଜନଗର ଏସଡିପିଓ ଏବଂ ଛତ୍ରପୁର ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଏହି ଦାବିପତ୍ର ପ୍ରେରଣ କରିବା ସହ ଯଥାଶୀଘ୍ର ଅଭିଯୁକ୍ତକୁ ଗିରଫ ନକଲେ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ମଧ୍ୟ ଦେଇଥିବା ଜଣାଯାଇଛି ।

## ଦୀର୍ଘ ପ୍ରତୀକ୍ଷାର ଅନ୍ତ
## ବଡନଦୀରେ ନିର୍ମାଣ ଚାଲିଛି ମନ୍ଦାର-ଠେଙ୍ଗାଧର ସେତୁ

ଭଂଜନଗର, (ସବ୍ୟୁ): ଦୂର ହେବାକୁ ଯାଉଛି, ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦୁଃଖ । ପୂରଣ ହେବ, ବର୍ଷ ବର୍ଷର ଆବଶ୍ୟକତା। ଉପକୃତ ହେବେ, ୧୦ ଖଣ୍ଡ ପଞ୍ଚାୟତବାସୀ। ବାଧକ ସାଜିଥିଲା, ବଡନଦୀ । ଏବେ ସେଠାରେ ଚାଲିଛି, ସ୍ଥାୟୀ ସେତୁ ନିର୍ମାଣ । ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ, ମନ୍ଦାର – ଠେଙ୍ଗାଧର ଗାଁ ବଡନଦୀରେ ନିର୍ମାଣ ଚାଲିଥିବା ସ୍ଥାୟୀ ସେତୁକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମୁହଁରେ ଖୁସି ଦେଖିବାକୁ ମିଳିଛି । ଲୋକଙ୍କୁ ମିଳିବ, ସ୍ଥାୟୀ ସେତୁ । ଗମନାଗମନ, ଆର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ବ୍ୟବସ୍ଥାର ଉନ୍ନତି ହେବ । ଏଣିକି ଆଉ ପ୍ରତିବନ୍ଧକ ହୋଇ ଠିଆହେବ ନାହିଁ ବଡନଦୀ। କାରଣ ନଦୀରେ ନିର୍ମାଣ ଚାଲିଛି, ସ୍ଥାୟୀ ସେତୁ । ବର୍ଷ ବର୍ଷ ଧରି ସମସ୍ୟା ଭିତରେ ସନ୍ତୁଳି ହେଉଥିବା ଦଶଖଣ୍ଡ ପଞ୍ଚାୟତର ହଜାର ହଜାର ଜନସାଧାରଣ ଉପକୃତ ହେବେ । ଗୋଟିଏ ପଟେ ଲୋହରାଖଣ୍ଡି ନଦୀ ଅନ୍ୟପଟେ ବଡନଦୀ । ଦୁଇନଦୀ ମଝିରେ ରହିଛି ଇଙ୍ଗିନାଠି ପଞ୍ଚାୟତର ୭ ଖଣ୍ଡ ଗାଁ । ଅଧିକାଂଶ ସମୟ, ବନ୍ୟାର ପ୍ରକୋପ ଦେଖିବାକୁ ମିଳେ ଏଠି । ନଦୀହିଡ ଭାଙ୍ଗିଯାଏ । ନଦୀରେ ବନ୍ୟାପାଣି ଆସିଲେ, ଅଞ୍ଚଳବାସୀଙ୍କ ନିଦ ହଜିଯାଏ। ସେହିଭଳି ବ୍ଲକ୍, ତହସିଲ, ଡାକ୍ତରଖାନା, ବଜାର ସଉଦା ପାଇଁ, ପାଖ ସହର ବେଲଗୁଣ୍ଠା ଉପରେ ନିର୍ଭର କରିଥିବାକୁ ପଡେ। ବର୍ଷା ଦିନ ଆସିଲେ, ନଦୀ ସମସ୍ୟା ହେତୁ ଗମନାଗମନରେ ଅସୁବିଧା ହେଉଥିଲା। ୪ କିଲୋମିଟର ବଦଳରେ ୧୪ କିଲୋମିଟର ଦୂର ଯିବାକୁ ହେଉଥିଲା । କେବଳ ଇଙ୍ଗିନାଠି ପଞ୍ଚାୟତବାସୀ ନୁହନ୍ତି, ବେଲଗୁଣ୍ଠା ବ୍ଲକର ୧୦ ଟି ପଞ୍ଚାୟତର ଜନସାଧାରଣ ମଧ୍ୟ ପ୍ରଭାବିତ ହେଉଛନ୍ତି, ଏହି ବଡନଦୀ ଯୋଗୁଁ । ଅବଶ୍ୟ ଲୋହରାଖଣ୍ଡି ନଦୀ ଉପରେ ଗୋଟିଏ ସ୍ଥାୟୀ ସେତୁ ନିର୍ମାଣ ହୋଇସାରିଛି। କିନ୍ତୁ ବଡନଦୀ ରେ ସ୍ଥାୟୀ ସେତୁ ଟିଏ ନିର୍ମାଣ କରିବାକୁ ଅଞ୍ଚଳବାସୀ ବାରମ୍ବାର ଦାବୀ କରି ଆସୁଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ, ୧୩ କୋଟି ଟଙ୍କାର ବ୍ୟୟ ଅଟକଳରେ ଗତ ୨୦୨୨ ନଭେମ୍ବର ମାସରୁ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର ନିର୍ମାଣ ଅବଧି ଚଳିତବର୍ଷ ନଭେମ୍ବର ମାସ ରହିଛି । ଏହି ସେତୁ ଦ୍ୱାରା ବେଲଗୁଣ୍ଠା ବ୍ଲକରୁ ପ୍ରମୁଖ ଅଞ୍ଚଳ କୁହାଯାଉଥିବା ମନ୍ଦାର, ନେଟଙ୍ଗା, ରନ୍‌ପୁର, କଇଁଠପଲ୍ଲୀ, ଷଢଙ୍ଗୀପଲ୍ଲୀ, ଗୋବରା, ବିଞ୍ଝଣା, ବିରିପୁର, କ୍ଷତ୍ରିୟବରପୁର ଓ ଗାଙ୍ଗପୁର ପ୍ରଭୃତି ଗାଁ ଓ ଅଧିକାଂଶ ପଞ୍ଚାୟତର ପ୍ରାୟ ୨୧ ହଜାର ଜନସାଧାରଣ ଉପକୃତ ହେବେ। ଏଣୁ ଏହି ସେତୁ ନିର୍ମାଣ କାର୍ଯ୍ୟ ଖୁବଶିଘ୍ର ଶେଷ କରିବାକୁ, ସ୍ଥାନୀୟ ଅଞ୍ଚଳବାସୀ ଚାହିଁ ରହିଛନ୍ତି । ବର୍ଷବର୍ଷ ଧରି ସମସ୍ୟା ଭିତରେ ଯାତାୟତ କରୁଥିବା ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି, ସ୍ଥାୟୀ ସେତୁ ଟିଏ ନିର୍ମାଣ କରିବା, ଏବେ ବରଦାନ ସଦୃଶ୍ୟ ହୋଇଛି। ଏବେ ଅପେକ୍ଷା, କେତେ ଶୀଘ୍ର ଏହାକୁ ଅଞ୍ଚଳବାସୀଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଉଛି। ସେନେଇ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି, ସ୍ଥାନୀୟ ଅଞ୍ଚଳବାସୀ ନିବେଦନ କରିଛନ୍ତି ।

## ନୀଳମଣୀ ଟାଉନ ହଲରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି

ଭଦ୍ରକ/ବାସୁଦେବପୁର, (ସବ୍ୟୁ) : ବାସୁଦେବପୁର ପୌରପାଳିକାର ନୀଳମଣୀ ଟାଉନହଲ ପରିସର ମଧ୍ୟରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସିଡିଓ ସରୋଜ କୁମାର ଦତ୍ତ, ସିଡିଏମଓ ଡାକ୍ତର ସୁଧାଂଶୁ ଶେଖର ବଳ ଯୋଗ ଦେଇଥିଲେ। ବାସୁଦେବପୁର ବ୍ଲକ ବିଡିଓ ସଂଜୀବ କୁମାର ସାହୁ ଶିବିରରେ ସଂଯୋଜନା କରିଥିବା ବେଳେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ପୌରପାଳିକାର ଇଓ ସମୀର ରଞ୍ଜନ ଦାସ,ଏସଡିପିଓ ସୌରଭ କୁମାର ଓତା,ଆଇଆଇସି ଲୋପାମୁଦ୍ରା ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ସର୍ବାଧିକ ୨୧୩ ଗୋଟି ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ । ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଘରଭଙ୍ଗା ଉପରେ ସର୍ବାଧିକ ଅଭିଯୋଗ ଆସିଥିଲା।

## ଭେଜିପୁଟ୍‌ରେ କାର୍ତ୍ତିକେଶ୍ୱର ପୂଜା

ଭଂଜନଗର, (ସବ୍ୟୁ): ସ୍ଥାନୀୟ ଭେଜିପୁଟ ଠାରେ ଚଳିତବର୍ଷ, ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଛି। ତୃତୀୟ ଥର ଆୟୋଜିତ ହୋଇଥିବା ଏହି ପୂଜାତ୍ସୋବର ପ୍ରଥମ ଦିନରେ, ଭଂଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇଥିଲେ।ପ୍ରତ୍ୟୁଷରୁ ନିଜ ସହଧର୍ମିଣୀଙ୍କ ସହ ପୂଜା କାର୍ଯ୍ୟକ୍ରମରେ ଯୋଗଦେଇ, ମହାଦେବଙ୍କ ଠାରେ ରେ ୧୦୮ ବେଲପତ୍ର ଅର୍ପଣ, ଆୟୋଜିତ ହୋମ-ଯଜ୍ଞରେ ଆହୁତି ଏବଂ ପୂର୍ଣ୍ଣାହୁତି ଦେଇଥିଲେ, ବିଧାୟକ ଶ୍ରୀ ନାୟକ। ସ୍ଥାନୀୟ ଯୁବକ ସଂଘ ଏବଂ ଭେଜିପୁଟ୍ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ପୂଜାରେ, ସ୍ଥାନୀୟ ଅଞ୍ଚଳବାସୀ ଏବଂ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସାମିଲ୍ ହୋଇଥିଲେ । ପବିତ୍ର ପଞ୍ଚୁକର ସବୁ ସନ୍ଧ୍ୟାରେ ୧୦୮ ଆଳତୀ ଏବଂ ପାରମ୍ପରିକ ପୂଜା ରୀତିନିତି ସମ୍ପାଦନ କରାଯିବ ବୋଲି, ଆୟୋଜକ ପୂଜା କମିଟି ତଥା ସମ୍ପାଦକ ଅନନ୍ତ ବିଷୋୟୀ, ଉପଦେଷ୍ଟା ଅଭିମନ୍ୟୁ ବିଷୋୟୀ, ଚିଦାନନ୍ଦ ସ୍ୱାଇଁଙ୍କ ପକ୍ଷରୁ କୁହାଯାଇଛି।

## ଋଷିକୂଲ୍ୟାକୁ ବାଲି ମାଫିଆଙ୍କ କବଳରୁ ରକ୍ଷା କରିବାକୁ ଦାବି

ବ୍ରହ୍ମପୁର, (ସବ୍ୟୁ): ଆଜି ଲୋକ ଶକ୍ତି ଅଭିଯାନ ଓ ସେଣ୍ଟର୍ ଫର୍ କ୍ଲାଇମେଟ୍ ଜଷ୍ଟିସର ଆବାହକ ଅଭିଯୋଗ କରିଛନ୍ତି ଯେ ସୋରଡ଼ାରୁ ଗଞ୍ଜାମ ପର୍ଯ୍ୟନ୍ତ ଋଷିକୁଲ୍ୟା ନଦୀର ଦୁଇକୂଳରୁ ଅତିମାତ୍ରାରେ ଚୋରାବାଲି ଉଠାଇବା ପ୍ରକ୍ରିୟା ପ୍ରଶାସନର ଜାନନ୍ତରେ ଚାଲିଥିବାରୁ ବାଲି ଚୋରିକୁ ସୁରକ୍ଷା ଦେଉଥିବା ମାଫିଆ ମାନଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇଗଲାଣି। ଏହାର ପରିଣାମ ନଦୀର ଅସ୍ତିତ୍ୱ ଉପରେ କ୍ଷତି ପହଞ୍ଚାଉଛି । ଗତ ଦୁଇ ସପ୍ତାହ ହେଲା ପୃଷୋତ୍ତମ୍ ପୂର୍ ବ୍ଲକ ଅନ୍ତର୍ଗତ ଅଲାଡ଼ିଗାଆଁ ମହିଳାମାନେ ମାଫିଆ ମାନଙ୍କ ଧମକ ଓ ଅଶ୍ଳୀଳ ଗାଳିର ଶିକାର ହୋଇଛନ୍ତି। ଜାତୀୟ ସବୁଜ ପ୍ରାଧିକରଣର ନିର୍ଦ୍ଦେଶର ଉଲଂଘନ କରି ଜେସିବି ବ୍ୟବହାର କରି ନଦୀ ମଝିରୁ ବାଲି ଚାଲାଣ ପାଇଁ ବହୁ ଟ୍ରକ୍ ଲିଗିବା ଯୋଗୁଁ ଗ୍ରାମର ମହିଳାମାନେ ନଦୀ ଭିତରକୁ ପୂଜା କରିବାକୁ ଯାଇ ପାରିଲେ ନାହିଁ ବୋଲି ବିରୋଧ କଲେ। କେତକ ବ୍ୟକ୍ତି ଖୋଲରେ ମହିଳାମାନଙ୍କୁ ଓ ସେମାନଙ୍କସହ ଥିବା ସନତ ପଣ୍ଡାଙ୍କୁ ଗୁଣ୍ଡମାନେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ରାଜ୍ୟର ସର୍ବୋଚ୍ଚ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଅଫିସରମାନେ ପହଂଚି ଗ୍ରାମବାସୀଙ୍କୁ ସୁରକ୍ଷା ଦେଇଛନ୍ତି । ଅନେକ ବାଲିଘାଟ ଯଥା ପୁରୁଷୋତ୍ତମପୁର ବ୍ଲକ ର ପାଣ୍ଡିଆ, ବାଲିଆ, ଛତ୍ରପୁର ଓ ଗଞ୍ଜାମ ବ୍ଲକର ଶ୍ରିବନ, କଲ୍ୟାନପୂର୍ ହଂଶପୂର୍, ବଡମଧପୂର୍ ବାଲିଘାଟ ଗୁଡିକରୁ ବାଲି ଚୋରି କରୁଥିବା କେତକ ଲିଜ ଧାରକ ମାନଙ୍କ ତରଫରୁ ମାଫିଆ ନିଯୁକ୍ତି ହୋଇଛି । ସେଇଥି ପାଇଁ ବାଲି ଚୋରିକୁ ଲୋକେ ବିରୋଧ କରିବାକୁ ସାହାସ କରିପାରୁ ନାହାନ୍ତି। ଆସିକା ବ୍ଲକର ନଦୀକୂଳରେ ମଧ୍ୟ ବ୍ୟାପକ ଚୋରା ଚାଲଣ ହେଉଛି। ପ୍ରତିଦିନ ଶହଶହ ବାଲି ଟ୍ରକ୍ ଆନ୍ଧ୍ରକୁ ଯାଉଥିବା ବେଳେ ପ୍ରଶାସନ ନୀରବ କାହିଁକି? ଏହାଦ୍ୱାରା ଅନେକ ସ୍ଥାନରେ ନଦୀ କୂଳଖାଇ ଯାଉଛି ଓ ନଦୀ ପ୍ରଦୁଷିତ ହେଉଛି। ପଟଲାମପୁର ଗଣ୍ଡ ଏବେ ପ୍ରଭାବିତ । ଗଞ୍ଜାମ ବ୍ଲକ କୁବ ଦୁଇଟି ଇନଟେକ୍‌ରୁ ଜଳଯୋଗାଣରେ ଏବେ ଲୁଣ ପାଣି ମିଳୁଛି। ମୂଳ କାରଣ ନଦୀ ଶଯ୍ୟାରୁ ବାଲି କମିଗଲେ ଜଳ ନିର୍ମଳ ରହେନି ଓ ଗଞ୍ଜାମ ମୁହାଣ ପୂର୍ବରୁ ବାଲି ସରିଯାଉଥିବାରୁ ସମୁଦ୍ର ପାଣି ନଦୀ ଭିତରକୁ ଆସିଯାଇଛି ତାଦ୍ୱାରା ଲୋକେ ଲୁଣିଆ ପାଣି ପିଇବାକୁ ବାଧ ହେଉଛନ୍ତି । ଋଷିକୂଲ୍ୟା ର ଉପନଦୀ ଗୁଡିକରୁ ବି ପ୍ରତିଦିନ ହଜାର ହଜାର ଟନ୍ ବାଲି ଚାଲାନ ହେଉଛି। ତେଣୁ ଋଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ନଦୀର ଚୋରା ବାଲିଚାଲାନକୁ ନିଷେଧ କରିବାକୁ ପୋଲିସ ଓ ପ୍ରଶାସନର ମିଳିତ ଉଦ୍ୟମରେ ଟାସ୍କ ଫୋର୍ସ ଗଠନ କରିବାସହ ଲୋକଙ୍କୁ ସୁରକ୍ଷା ଦେବାକୁ ଆଶୁ ପଦକ୍ଷେପ ନିଆଯିବାକୁ ଲୋକଶକ୍ତି ଅଭିଯାନ ଆବାହାକ ପ୍ରଫୁଲ୍ଲ ସାମନ୍ତରା ଦାବୀ କରିଛନ୍ତି । ସୁପ୍ରିମ କୋର୍ଟ ଓ ଜାତୀୟ ସବୁଜ ପ୍ରାଧିକରଣଙ୍କ ନିର୍ଦ୍ଦେଶ ରହିଛି ନଦୀ ବାଲିକୁ ସୁରକ୍ଷିତ ରଖିବାକୁ। ଓଦା ବାଲି ଖନନ ଓ ଯେସିବି ବ୍ୟବହାର କରିବା ଉପରେ ନିଷେଧ ରହିଛି। ଆଲାଡ଼ି ଗାଁର ନଦୀ ଭିତରେ ଏବେ ବି ଜେସିବି ଜବତ ହୋଇ ରହିଛି। ସରକାର ନଦୀରୁ ଅତିରିକ୍ତ ବାଲି ପରିବହନ ପ୍ରକ୍ରିୟା ଉପରେ ଏନଜିଟି ଜାରି କରିଥିବା କଟକଣାକୁ ଲଗୁକରିବାକୁ ସାମନ୍ତରା ନିବେଦନ କରିଛନ୍ତି। ନଚେତ୍ ଋଷିକୂଲ୍ୟା ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ଜରିଆରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କହିଛନ୍ତି। ପ୍ରତ୍ୟେକ ବାଲିଘାଟରେ ୨୨ ଅଗଷ୍ଟ ୨୦୨୨ ର ନିର୍ଦ୍ଦେଶ ଅନୁଯାୟୀ ଇଣ୍ଟରନେଟ ସଂଯୁକ୍ତ ସିସି ଟିଭି ଲଗାଇ ଲିଜ ହୋଲ୍ଡର ମାନଙ୍କ ନାମରେ ଅତିମାତ୍ରାରେ ଚୋରା ଚାଲାଣକୁ ରୋକିବାକୁ ଆଶୁ ପଦକ୍ଷେପ ନେବାକୁ ଶ୍ରୀ ସାମନ୍ତରା ଦାବି କରିଛନ୍ତି। ସେହି ଆଦେଶରେ ବି ରହିଛି ନଦୀରେ ମେସିନ ଲାଗଇ ବାଲି ଖନନ ହୋଇପାରିବ ନାହିଁ। ଆଲାଡି ଗାଁରେ ଜବତ ହୋଇଥିବା ମେସିନ ଗାଡ଼ିକୁ ବ୍ୟବହାର କରିଥିବା ବ୍ୟକ୍ତି ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯାଉ।

## ଖଣ୍ଟାପଡ଼ା ଥାନାରେ ନୂତନ ଅଧିକାରୀ

ବାହାନଗା,(ସବ୍ୟୁ) :ଖଣ୍ଟାପଡ଼ା ଥାନାରେ ଓଆଇସି ଭାବେ ବିରଞ୍ଚି ନାରାୟଣ ସାହୁ ଦୀର୍ଘଦିନ ଧରି ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଥିଲେ। ତାଙ୍କୁ ଜିଲ୍ଲା ପ୍ରଶାସନ ର ଚିଠି ନମ୍ବର -୧୪୨୮୩ ରେ ଟାଉନ ଥାନା କୁ ବଦଳି ହୋଇଥିବା ବେଳେ ଖଣ୍ଟାପଡ଼ା ଥାନାକୁ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ନୂତନ ଅଧିକାରୀ ଭାବେ ବଦଳି କରାଯାଇଛି । ରବିବାର ସଂଧ୍ୟାରେ ଶ୍ରୀ ମଲ୍ଲିକ ଖଣ୍ଟାପଡ଼ା ଥାନାରେ ଉପସ୍ଥିତ ହୋଇ କାର୍ଯ୍ୟ ଭାର ହାତକୁ ନେବା ସହିତ ସମସ୍ତ ଏସଆଇ,ଏ ଏସ ଆଇ, ହାବିଲଦାରଙ୍କ ସହିତ ସମସ୍ତ କର୍ମଚାରୀ ଙ୍କୁ ଡାକି ପରିଚୟ ହେବା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ। ଶ୍ରୀ ମଲ୍ଲିକ ପୂର୍ବରୁ ଟ୍ରାଫିକ ଥାନାରେ ଅଧିକାରୀ ଭାବେ କାର୍ଯ୍ୟ ନିର୍ବାହ କରୁଥିବା ଜଣାପଡିଛି ।

## ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅସୁବିଧା ଜଣାଇଲା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ



ବାରିପଦା, (ସବ୍ୟୁ) : ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପ୍ରତିହାରୀ, ସମ୍ପାଦକ ଧ୍ରୁବଚରଣ ମୁର୍ମୁ, ଉପଦେଷ୍ଟା ଦୀପକ କୁମାର ଦଣ୍ଡପାଟ, ବିଶ୍ୱନାଥ ସାହୁ, ଦେବେନ୍ଦ୍ର କୁମାର ପଣ୍ଡା, ଦିପ୍ତୀକାନ୍ତ ଜେନା, ଜୟନ୍ତ କୁମାର ପାଣିଗ୍ରାହୀ, ସୁଶାନ୍ତ ପାତ୍ର ତଥା ପ୍ରିୟବ୍ରତ ମିଶ୍ର ପ୍ରମୁଖ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସାମ୍ପ୍ରତିକ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଭାଗୀୟ ବିଦ୍ୟାଳୟ ଗୁଡିକରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଗୁଡିକ ବିଷୟରେ ଆଲୋଚନା କରିବା ସହିତ ସେଗୁଡିକର ଆଶୁ ସମାଧାନ ନିମିତ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସହିତ ଅନୁରୋଧ ଜଣାଇଥିଲେ । ସଂଘୀୟ କର୍ମକର୍ତ୍ତା ମାନେ କହିଥିଲେ ଯେ, ସାମ୍ପ୍ରତିକ ସମୟରେ ବିଭିନ୍ନ ଗ୍ରୋସରୀ ଜିନିଷ ସହିତ ପନିପରିବା ଅଣ୍ଡା, ମାଛ, ମାଂସ, ଜାଳେଣୀ, ପରିବହନ ଆଦିର ଆକାଶଛୁଆଁ ମୂଲ୍ୟବୃଦ୍ଧି ଯୋଗୁଁ ବର୍ତ୍ତମାନର ସ୍ୱଳ୍ପ ପ୍ରାକ୍ ମ୍ୟାଟ୍ରିକ୍ ଛାତ୍ରବୃତ୍ତି ଅନୁଦାନରେ ମେସ୍ ଚଳାଇବା ସହିତ ଖାଦ୍ୟର ମାନ ଓ ଗୁଣବତ୍ତା ରକ୍ଷାକରିବା କଷ୍ଟକର ହୋଇପଡୁଛି । ଏହାଛଡା ଛାତ୍ରାବାସରେ ବିଭିନ୍ନ ଅଣପାରମ୍ପାରିକ ଖର୍ଚ୍ଚ ଯଥା ସୁରଭି, ସର୍ଗଫୁଲ, ବିଜ୍ଞାନମେଳା, ଅନ୍ୟାନ୍ୟ ପ୍ରତିଯୋଗୀ ତଥା ଛାତ୍ର ବୃତ୍ତି ପ୍ରତିଯୋଗୀତାର ଖର୍ଚ୍ଚ, ତାଙ୍କର ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା କମ୍ବଳ, ମଶାରୀ, ବେଡ୍‌ସିଟ୍ ତଥା ଅନ୍ୟାନ୍ୟ ଆସବାପତ୍ରର ଜିଲ୍ଲାମୁଖ୍ୟାଳୟରୁ ବିଦ୍ୟାଳୟକୁ ପରିବହନ ଖର୍ଚ୍ଚ ଏବଂ ବିଭିନ୍ନ ପର୍ବପର୍ବାଣୀ ପାଳନର ଖର୍ଚ୍ଚ ଆଦି ମଧ୍ୟ ରହିଛି । ଯାହାକି ବର୍ତ୍ତମାନ ସମୟରେ ଶିକ୍ଷକ/ଶିକ୍ଷିକା ମାନଙ୍କୁ ବିବ୍ରତ କରୁଛି । ପୁନଶ୍ଚ, ଅନ୍ତେବାସୀ ମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ମଧ୍ୟ ଅନ୍ୟ ଏକ ମୁଣ୍ଡବ୍ୟଥାର ବିଷୟ । ଆମ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପାଠଦାନ ନିମନ୍ତେ କେବେ ଦଣ୍ଡିତ ହୋଇନାହାଁନ୍ତି, ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନିମନ୍ତେ ନିଷ୍ଠାପର ଚେଷ୍ଟା ସତ୍ତ୍ୱେ ଯଦି କୌଣସି କାରଣରୁ ପିଲାଟିର ମୃତ୍ୟୁ ଘଟେ, ତେବେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦୋଷ ନଥାଇ ମଧ୍ୟ ଅଭିଭାବକ ଗ୍ରାମବାସୀ, ମିଡିଆ ଦ୍ୱାରା ଆକ୍ରୋଶର ଶୀକାର ହୁଅନ୍ତି ଓ ଦଣ୍ଡିତ ମଧ୍ୟ ହେଉଅଛନ୍ତି । ଶିକ୍ଷକ ସଂଘ ଅତୀତରେ ବହୁବାର ଛାତ୍ରାବାସ ପରିଚାଳନା ଓ ଅନ୍ତେବାସୀଙ୍କର ସ୍ୱାସ୍ଥ୍ୟରକ୍ଷା ତଥା ସୁରକ୍ଷା ଦାୟିତ୍ୱ କୌଣସି ତୃତୀୟ ପକ୍ଷ ସଂସ୍ଥାକୁ ଅର୍ପଣ କରି ଶିକ୍ଷକ ସମାଜକୁ କେବଳ ଶିକ୍ଷାଦାନ ନିମନ୍ତେ ସୁଯୋଗ ଦେବାକୁ ଓ ଛାତ୍ରାବାସ ପରିଚାଳନାରୁ ମୁକ୍ତ କରିବା ପାଇଁ ଦାବୀ ଉପସ୍ଥାପନା କରିଛି । ଅତୀତରେ ଜିଲ୍ଲାର ବିଭାଗୀୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଲିଖିତ ଭାବେ ଛାତ୍ରାବାସ ଦାୟିତ୍ୱର ମୁକ୍ତ କରିବା ପାଇଁ ସଂଘ ମାଧ୍ୟମରେ ସରକାରଙ୍କୁ ଜଣାଇଅଛନ୍ତି । ମାତ୍ର ସରକାର ଏହାକୁ ଅଣଦେଖା କରିଆସୁଅଛନ୍ତି । ଏଥିପାଇଁ ସଂଘ ପୁନର୍ବାର ଏହି ଦାବିକୁ ଦୋହରାଇଛନ୍ତି । ଏତଦ୍‌ବ୍ୟତୀତ୍ ଶିକ୍ଷକମାନଙ୍କ ଗ୍ରେଡେସନ୍ ତାଲିକା ପ୍ରକାଶନରେ ବିଳମ୍ବ, ଶିକ୍ଷକମାନଙ୍କ ବଦଳି ପ୍ରସଙ୍ଗ ଆଦି ପ୍ରମୁଖ ସମସ୍ୟା ବିଷୟରେ ମଧ୍ୟ ସଂଘର କର୍ମକର୍ତ୍ତା ମାନେ ଜିଲ୍ଲାପାଳ ସହିତ ଆଲୋଚନା କରିବା ସହିତ ଯଥାଶୀଘ୍ର ଏସବୁର ସୁସମାଧାନ ନିମନ୍ତେ ଦାବୀ ଜଣାଇଥିଲେ । ଜିଲ୍ଲାପାଳ ପ୍ରକୃତ ସମସ୍ୟାକୁ ହୃଦୟଙ୍ଗମ କରିବା ସହିତ ଏ ସବୁର ସମାଧାନ ନିମନ୍ତେ ଉଦ୍ୟମ କରିବେ ବୋଲି ପ୍ରତିଶୃତି ହୋଇଥିଲେ ।

## କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

ଛତ୍ରପୁର, (ସବ୍ୟୁ): କାର୍ତ୍ତିକ ପୂର୍ଣ୍ଣିମା ଆମ ଓଡିଶାର ପରମ୍ପରା ଓ ଧର୍ମୀୟ ଭାବନା ସହିତ ଅଙ୍ଗାଙ୍ଗି ଭାବେ ଜଡିତ । ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ଇତିହାସ ଦୃଷ୍ଟି କୋଣରୁ ଏହାର ବୈଶିଷ୍ଟ୍ୟତା ରହିଆସିଛି । ପ୍ରାଚୀନ କଳିଙ୍ଗର ନୌଚାଳନା ଓ ନୌବାଣିଜ୍ୟ ପରମ୍ପରା ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ। ପ୍ରାକୃତିକ ପରିବେଶ କଳିଙ୍ଗର ନାବିକ ମାନଙ୍କୁ ନୌଚାଳନରେ କୁଶଳତା ଓ ପାରଦର୍ଶୀତା ଲାଭ କରିବା ପାଇଁ ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଥିଲା । ବହୁ ନଦ ନଦୀ ଦ୍ୱାରା କଳିଙ୍ଗର ଉପକୂଳ ଅଞ୍ଚଳ ନୌଚାଳନ ପାଇଁ ବିଶେଷ ଅନୁକୂଳ ଥିଲା। ଲହରିମାଳା ସମୁଦ୍ରର ରହସ୍ୟମୟ ଆହ୍ୱାନ ସାଧବ ପୁଅଙ୍କୁ ସମୁଦ୍ର ବକ୍ଷରେ ବୋଇତ ମେଲି ଦରିଆ ପାରି ପାଇଁ ପ୍ରେରଣା ଯୋଗାଇଥିଲା । ସେହି ସ୍ମୃତି ସାଉଁଟିବା ସକାଶେ ଏବଂ ଓଡିଆ ଜାତିର ପରମ୍ପରାକୁ ଚିରସ୍ଥାୟୀ କରିବା ଲକ୍ଷ୍ୟ ନେଇ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ। କଳିଙ୍ଗର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖିବ । ଏଥି ନିମନ୍ତେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ଚଳିତ ମାସ ୧୫ ତାରିଖ ଦିନ ଗୋପାଳପୁର ବେଳାଭୂମିର ମୁହାଣ ସ୍ଥିର ଜଳ ଭାଗରେ ଅନୁଷ୍ଠିତ ହେବ ଜିଲ୍ଲା ସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ। ଏଥି ସକାଶେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅବଗତ କରାଇ ଥିଲେଯେ ପାରମ୍ପରିକ ରିତିରେ ଏହି ମହୋତ୍ସବ ଆମ ସ୍ମୃତି ସାଉଁଟିବା ସକାଶେ ଏବଂ ଓଡିଆ ଜାତିର ପରମ୍ପରାକୁ ଚିରସ୍ଥାୟୀ କରିବା ଲକ୍ଷ୍ୟ ନେଇ ଏହି ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ହେବ। ଏଥିରେ ସମସ୍ତ ଜନସାଧାରଣ, ସାମ୍ବାଦିକ, ପ୍ରଶାସନିକ ଅଧିକାରୀଗଣ ସମ୍ପୂର୍ଣ୍ଣ ସହଯୋଗ କଲେ ଉତ୍ସବଟି ସାଫଲ୍ୟ ମଣ୍ଡିତ ବୋଲି ଆଶା ପୋଷଣ କରିଥିଲେ। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାର ତଥା ଦକ୍ଷିଣାଞ୍ଚଳ ଉପ-ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ରବି ନାରାୟଣ ବେହେରା କରାଯିବାକୁ ଥିବା କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଏହି ଉତ୍ସବ ଗୋପାଳପୁର ମହୋତ୍ସବ ମଞ୍ଚ ନିକଟରେ ରହିଥିବା ମୁହାଣ ସ୍ଥିର ଜଳରେ ବୋଇତା ବନ୍ଦାଣ କରାଯିବ। ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟଅତିଥି ରୂପେ ଯୋଗଦାନ କରିବେ। ଏଥି ପୂର୍ବରୁ ମନ୍ତ୍ରୀ ଶ୍ରୀ ଜେନାଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ତାହାକୁ ଆଧାର କରି କାର୍ଯ୍ୟକ୍ରମ ଚୁଡାନ୍ତ ହୋଇଥିବା ଜଣାପଡିଛି । ପ୍ରାତଃ ୩ ଘଟିକା ସମୟ ଠାରୁ ସକାଳ ୪ ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହେବ। ସକାଳ ୫ ଘଟିକା ସମୟରେ ସମ୍ମବେତ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ। ମା ମଙ୍ଗଳାଙ୍କ ଆଳତି, ମା ଗଙ୍ଗାଙ୍କ ଆଳତୀ, ବିଜୟ ତିଲକ, ଶଙ୍ଖ ବାଦ୍ୟ, ହୁଳହୁଳି, ଆତସ ବାଜି ଦ୍ୱାରା ଏହା ଆୟୋଜନ ହେବ ଏବଂ ଏହା ସହ ସ୍ମରଣିକା ତଅପୋଇ ଉନ୍ମୋଚିତ ହେବ। ସକାଳ ୭ ଘଟିକା ଠାରୁ ଚିତ୍ତାକର୍ଷକ ଲୋକନାଟକ ରାମାୟଣ କାହାଣୀ ରାମଲୀଳା ପରିବେଷଣ ସହିତ ସେହି ସମୟରେ ଝିଅ, ମା, ଭଉଣୀ ମାନଙ୍କ ଦ୍ୱାରା ଝୋଟି ଚିତା ଓ ହୁଳହୁଳି, ଓଡିଆଣୀ ବେଶ, ଓଡିଆ ଘରର ପାରମ୍ପରିକ ପିଠାପଣା ପ୍ରତିଯୋଗୀତା ଆୟୋଜନ ହେବ। ଏହି ପ୍ରତିଯୋଗୀତା ସକାଳ ୭ଟା ସମୟ ମଧ୍ୟରୁ ରୁ ୮ ଘଟିକା ମଧ୍ୟରେ ଏକ ସମୟରେ ଅନୁଷ୍ଠିତ ହେବ। ଏଥିରେ ଅଂଶ ଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ପ୍ରତିଯୋଗୀ ଅଂଶ ଗ୍ରହଣ କରିପାରିବେ । ସକାଳ ୧୦ ଘଟିକା ସମୟରେ ପ୍ରତି ବିଭାଗର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ୧୦ ଘଟିକା ୩୦ ମିନିଟ ସମୟ ଠାରୁ ଉକ୍ତ ସ୍ଥାନରେ କଳିଙ୍ଗର ନୌବାଣିଜ୍ୟ ପରମ୍ପରା ଓ ଗଞ୍ଜାମର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ଆଲୋଚନା ଚକ୍ରରେ ବିଶିଷ୍ଟ ଗବେଷକ ଗଣ ସେମାନଙ୍କ ଆଲୋଚନା ରଖିବେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଯୋଗଦାନ କରିବା ନିମନ୍ତେ ଜନସାଧାରଣଙ୍କୁ ନେବେଦନ କରାଯାଇଅଛି । ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ନିମନ୍ତେ ପୋଲିସ ମୁତୟନ, ପରିମଳ, ସଫେଇ ଓ ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ଅଗ୍ନିଶମ ନିରାପତ୍ତା, ସ୍ମରଣିକା, ବୋଇତା ପ୍ରସ୍ତୁତି ଇତ୍ୟାଦି ଆଲୋଚନା କରାଯାଇଥିଲା। ବୈଠକରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଶ୍ରାବଣ କୁମାର ବିବେକ, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି , ସୁଧାଂଶୁ ଶେଖର ଭୋଇଙ୍କ ସମେତ ବିଭାଗୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

# ସ୍ୱାମୀଙ୍କୁ ହତ୍ୟା କରିଥିବା ସ୍ତ୍ରୀ ଓ ପ୍ରେମିକ ଗିରଫ

କଣିହାଁ, (ସବ୍ୟୁ) : ପରକ୍ରୀୟ ପ୍ରିତି କାରଣରୁ ସ୍ୱାମୀ ମଙ୍ଗୁଲୁ ବେହେରା (୨୪) କୁ ପ୍ରେମିକ ସହ ମିଶି ହତ୍ୟା କରିଥିବା ସ୍ତ୍ରୀକୁ ୧ବର୍ଷ ପରେ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି କଣିହାଁ ପୁଲିସ । ଅଭିଯୁକ୍ତ ୨ଜଣ ହେଲେ ଅନୁଗୋଳ ସଦର ଥାନା ଅର୍ନ୍ତଗତ ପ୍ରଗତିନଗର ରେ ରହୁଥିବା ମନୋଜ ନାଗ (୨୦) ଓ ମଙ୍ଗୁଲୁ ର ସ୍ତ୍ରୀ ବସୁମତି ପ୍ରଧାନ (୨୩)। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୪/୮/୨୦୨୩ ରିଖ ଦିନ ସକାଳେ ଜମାନିଆ ଡମ୍ପିଂ ୟାର୍ଡ୍ ତଳେ ଏକ ଅଚିହ୍ନା ଯୁବକର ଶବ ପୁଲିସ ଉଦ୍ଧାର କରି ଏକ ଅପମୃତ୍ୟୁ ମୋକଦ୍ଦମା କରି ତଦନ୍ତ ଚଳାଇଥିଲା । ତଦନ୍ତ ବେଳେ ଉକ୍ତ ଅଚିହ୍ନା ଶବ ପ୍ରଗତିନଗର ମଙ୍ଗୁଲୁ ବେହେରା ର ବୋଲି ଜଣା ପଡିଥିଲା । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ ଜାଣିବାକୁ ପାଇ ହତ୍ୟା ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ପ୍ରେମିକ ସହ ମିଶି ସ୍ତ୍ରୀ ତାର ସ୍ୱାମୀ ମଙ୍ଗୁଲୁ କୁ ହତ୍ୟା କରିଥିବା ଜାଣିବାକୁ ପାଇ ଉଭୟଙ୍କୁ ରବିବାର ଗିରଫ କରିଥିଲା ।

# ପାର୍ବଣ ସମୟରେ ଜିଏସ୍‌ଟି ଚଢାଉକୁ ନେଇ ଦାବିପତ୍ର

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ତଥା ରାଜ୍ୟରେ ଥିବା ବିଭିନ୍ନ ଜୁଏଲାରୀ ଦୋକାନରେ ବିଭିନ୍ନ ପାର୍ବଣ ସମୟରେ ଚଢାଉକୁ ନେଇ ଅସନ୍ତୋଷ ଦେଖାଦେବା ସହ ଜୁଏଲାରୀ ସଙ୍ଘ ଏବଂ ଜିଲ୍ଲା ଚାମ୍ବର ଅଫ କମର୍ସ ତରଫରୁ ଏକ ଦାବୀପତ୍ର ଜିଏସ୍‌ଟି ଡେପୁଟି କମିଶନର ହରପ୍ରିୟା ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି।ଜିଲ୍ଲାରେ ଦିନକୁ ଦିନ ଜୁଏଲାରୀ ଦୋକାନ ଖୋଲୁଛି। ସହରରେ ୨୦ରୁ ଅଧିକ ଦୋକାନ ରହିଥିବା ବେଳେ ପାର୍ବଣ ଋତୁରେ ସୁନା,ରୂପା ଅଳଙ୍କାର ସହିତ ବିଭିନ୍ନ ସାମଗ୍ରୀ ବିକ୍ରୟ ହୋଇଥାଏ। ମୁଖ୍ୟତଃ ଦୀପାବଳୀ ଏବଂ ଧନତେରାସ ସମୟରେ ଅଧିକ ଅଳଙ୍କାର ବିକ୍ରୀ ହେଉଥିବାର ଜଣାପଡିଛି। ବ୍ୟବସାୟୀ ମାନେ ଏହି ସମୟରେ ଅଧିକ ସୁନାରୂପା ଅଳଙ୍କାର ବିକ୍ରୀ କରିବା ସହିତ ଅଧିକ ଲାଭ ପାଇଥାନ୍ତି। କିନ୍ତୁ ଏହି ସମୟରେ ଜିଏସ୍‌ଟି ବିଭାଗ ତରଫରୁ ବିଭିନ୍ନ ଗହଣା ଦୋକାନରେ ଜିଏସଟି ଚଢାଉ କରାଯିବ। ଫଳରେ ବ୍ୟବସାୟୀମାନଙ୍କର ବହୁତ କ୍ଷତି ହେବା ସହିତ ବିକ୍ରୀ ମଧ୍ୟ ବନ୍ଦ ହୋଇଯାଇଥାଏ। ଏହାକୁ ନେଇ ମାନସିକ ଅସନ୍ତୋଷ ଦେବାଦେବା ସହିତ ବିଭିନ୍ନ ପାର୍ବଣ ସମୟରେ ଏହି ଚଢାଉ ନକରିବାକୁ ନେଇ ଚାମ୍ବର ଅଫ କମର୍ସ ଏବଂ ଜୁଏଲାରୀ ସଙ୍ଘ ତରଫରୁ ଏକ ଶୋଭାଯାତ୍ରା ବାହାରୀ ଦାବୀ ପତ୍ର ପ୍ରଦାନ କରିଥିବାର ଜଣାପଡିଛି। ଘଟଣାକୁ ନେଇ ଜିଲ୍ଲା ଜିଏସ୍‌ଟି ଅଧିକାରୀଙ୍କ କହିବା ଅନୁସାରେ ପାର୍ବଣ ସମୟରେ ଅଧିକ ପରିମାଣର ନକଲି ଏବଂ ଚୋରା



କାରବାର ବୃଦ୍ଧି ସନ୍ଦେହରେ ଏହି ଚଢାଉ କରାଯାଇଥାଏ। ତେବେ ସଙ୍ଘର ଦାବୀପତ୍ରକୁ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି। ଘଟଣାକୁ ନେଇ ଗହଣା ବ୍ୟବସାୟୀ ସଙ୍ଘର କାର୍ଯ୍ୟକାରୀ ସଭାପତି କହିଛନ୍ତି ଯେ ପାର୍ବଣ ଋତୁରେ ଚଢାଉ କରିବା ଅର୍ଥ ମୋଟା ଅଙ୍କର କିଛି ପାଇବା। କିନ୍ତୁ ଏହା ସତ ନୁହେଁ ଯେତେବେଳେ ବ୍ୟବସାୟୀମାନେ ବର୍ଷ ତମାମ ଦେଶର ବିକାଶ ପାଇଁ କର ଆଦାୟ କରି ପ୍ରଦାନ କରୁଛନ୍ତି, ଯେତେବେଳେ ବ୍ୟବସାୟ ସମୟରେ ସେତେବେଳେ ଚଢାଉ ନକରି ଅନ୍ୟ ସମୟରେ କରିବାକୁ କହିଥିଲେ। ସେହିପରି ଚାମ୍ବର ଅଫ କମର୍ସର ସଭାପତି ବିଭାଗର ଏଭଳି କାର୍ଯ୍ୟ ପାର୍ବଣ ଋତୁରେ ନକରି ଅନ୍ୟ ସମୟରେ କରିବାକୁ ନିବେଦନ କରିଛନ୍ତି। ପରୋକ୍ଷ ଭାବରେ ଦେଶର ବିକାଶରେ ବ୍ୟବସାୟୀମାନେ ସହଯୋଗ କରୁଥିବା ବେଳେ ନିଯୁକ୍ତି ସମସ୍ୟା ସମୟରେ ନିଯୁକ୍ତି ପ୍ରଦାନ କରିବାରେ ମଧ୍ୟ ସହାୟକ ହେଉଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର କୁମାର ଦାସ, ବିମଳ ପୋଦାର, ଉପସଭାପତି ରୋଟାରିଆନ୍ ରାଜକିଶୋର ବେହେରା, ମହେଶ ପ୍ରସାଦ ଅଗ୍ରୱାଲ, ଶିବ ପ୍ରସାଦ ପଣ୍ଡା, କୃଷ୍ଣଚନ୍ଦ୍ର ଦେବତା, ସତ୍ୟ ପାତ୍ର, ଜିଲ୍ଲା ଜୁଏଲର୍ସ ଆସୋସିଏସନ୍ ର କାର୍ଯ୍ୟକାରୀ ସଭାପତି ରାଜେଶ ସୋନି, ସମ୍ପାଦକ ଲୋକନାଥ ମହାପାତ୍ର, ମନୋଜ ଅଗ୍ରୱାଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସରକାର କର ନିଅନ୍ତୁ କିନ୍ତୁ କୌଣସି ପାର୍ବଣ ସମୟରେ ଚଢାଉ ନକରି ଅନ୍ୟ ସମୟରେ କରିବାକୁ ସେ ନିବେଦନ କରିଛନ୍ତି।

## ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

# ଦୁର୍ନୀତି ମୁକ୍ତ ପ୍ରଶାସନ ଉପରେ ଗୁରୁତ୍ୱାରୋପ

ଢେଙ୍କାନାଳ, (ସବ୍ୟୁ) : ଜିଲ୍ଲା ସ୍ତରୀୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇଥିଲେ । ଏହି ଅବସରରେ ସେ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଆବାସ ପାଉଛନ୍ତି ନା ନାହିଁ ସେ ସମ୍ପର୍କରେ ସମୀକ୍ଷା କରିଥିଲେ । ଆଗାମୀ ଦିନରେ ଆବାସ ଯୋଜନାରେ କିଭଳି ଯୋଗ୍ୟ ହିତାଧିକାରୀମାନେ ଆବାସ ପାଇବେ ଓ ଏହି ପ୍ରକ୍ରିୟା ରେ ଯେପରି କୌଣସି ଦୁର୍ନୀତି ନହେବ ସେ ନେଇ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଜିଲ୍ଲାର ଜନସାଧାରଣମାନେ କିଭଳି ବିଶୁଦ୍ଧ ପାନୀୟ ଜଳ ପାଇବେ ସେ ନେଇ ମଧ୍ୟ ଆଲୋଚନା କରିଥିଲେ । ଏହା ସହ ଯେଉଁ କେଉଁ ସ୍ଥାନରେ ପାନୀୟ ଜଳ ଯୋଗାଣ ହୋଇନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ । ଏବଂ ସେ ସବୁ ସ୍ଥାନମାନଙ୍କୁ କିଭଳି ଯଥା ଶୀଘ୍ର ଜଳ ଯୋଗାଣ ଦିଆଯିବ



ସେଥିପ୍ରତି ପ୍ରଶାସନ ତତ୍ପର ରହୁ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ । ଏହି ପରିପ୍ରେକ୍ଷୀରେ ସେ ପ୍ରଶାସନ ଦୁର୍ନୀତିମୁକ୍ତ ହେବା ସହ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯାହା ଫଳରେ ସରକାର ଲୋକଙ୍କ ଆସ୍ଥା ଭାଜନ ହୋଇପାରିବ । ରାଜ୍ୟ ସରକାର ଦୁର୍ନୀତି ବିରୁଦ୍ଧରେ ଶୂନ ସହନଶୀଳତା ମନୋଭାବ ରଖିଛନ୍ତି, ତେଣୁ ଯଦି କେହିବି ଦୁର୍ନୀତି କରିବେ ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ । ଏହି ବୈଠକରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ରାମଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତୃଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଉପାଧକ୍ଷା ବିଳାସିନୀ ସେଠୀ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ଭାରପ୍ରାପ୍ତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଜାତା ଶୁଭଦର୍ଶିନୀ ନାୟକ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଦୋବଲ,(ସବ୍ୟୁ): ଧାମନଗର ବ୍ଲକ ବିଜୁ ଜନତା ଦଳ ତରଫରୁ ଦୋବଲ ଠାରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପଦଯାତ୍ରା ମୁସ୍ତାଫାପୁର ପଂଚାୟତ କାଳୀପଡ଼ିଆ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ଦୋବଲ ବଜାର ପରିକ୍ରମା କରି ଦୋବଲ ହାଇସ୍କୁଲ ପଡିଆ ସଭାସ୍ଥଳରେ ପହଂଚିଥିଲା। ଏଥିରେ ବିଜେଡିର ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡ଼ି ସରକାର ସମୟରେ ହୋଇଥିବା ଜନହିତକର ଯୋଜନା ବିଷୟରେ ଲୋକଙ୍କୁ କହିବା ସହ ବିଜେପି ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସଭାରେ ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ,ମହିଳା ଜିଲ୍ଲା ସଭାନେତ୍ରୀ ବିଦ୍ୟୁତଲତା ନାୟକ,ନିର୍ବାଚନମଣ୍ଡଳୀ ନେତା ଡ଼ା ସଞ୍ଜୟ ଦାସ,ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ,ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ,ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ,ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ,ଜିଲ୍ଲାପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ,ଧାମନଗର ବ୍ଲକ ଅଧକ୍ଷା ଶ୍ରମିଷ୍ଠା ବେହେରା,ଏନଏସି ଅଧକ୍ଷା ନିବେଦିତା ଜେନା,ଜିଲ୍ଲାପରିଷଦ ସଭ୍ୟ ଉର୍ମିଳା ବିଶ୍ୱାଳ,ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ,ଏନଏସି ଉପାଧକ୍ଷ ୱାସିମ୍ ଏଜଦାନି କାଦରି,ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳାଇ,ଯୁବ ନେତା କୃଷଚନ୍ଦ୍ର ପତି ସମେତ ଦଳର ନିର୍ବାଚିତ ସରପଞ୍ଚ ସମିତି ସଭ୍ୟ, ପଞ୍ଚାୟତ ସଭାପତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି କର୍ମିମନେ ଯୋଗଦେଇଥିଲେ।

# କାର୍ତ୍ତିକେଶ୍ୱର ପୂଜା ପାଇଁ କଳସଯାତ୍ରା

ବଇଣ୍ଡାଁ, (ସବ୍ୟୁ) : ବଇଣ୍ଡା ରେ କାର୍ତ୍ତିକେଶ୍ୱର ପୂଜା ପାଇଁ ସୋମବାର କଳସ ଯାତ୍ରା ହୋଇଯାଇଛ । ପାଖ ପୋଖରୀ ରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା ।ପୂଜା ର ସଭାପତି ଅରବିନ୍ଦ ସାହୁ, ଉପସଭାପତି ଗିରିଶ ଚନ୍ଦ୍ର ବେହେରା, ସମ୍ପାଦକ ପାପୁନା ମହାପାତଙ୍କ ସହ ବଜାର କମିଟିର



ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଜଣାପଡିଛି।

# ପାର୍ବତୀ ମନ୍ଦିରର ରନ୍ମୁଦ ଉତ୍ସବ

ଢେଙ୍କାନାଳ, (ସବ୍ୟୁ) : :ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ସିମିନଇ ପଞ୍ଚାୟତ ଅଙ୍କରାନ୍ତିପୁର ଶିବ ମନ୍ଦିର ପରିସରରେ ନୂତନ ପାର୍ବତୀ ମନ୍ଦିରର ରନ୍ ମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ରନ୍ମୁଦ ଉପଲକ୍ଷେ ନୈଷ୍ଠିକ ବ୍ରାହ୍ମଣ ମାନଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା। କର୍ତ୍ତା ଭାବରେ ଅଭୟ କୁମାର ନାୟକ ଏବଂ ତାଙ୍କ ପତ୍ନୀ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ଦ୍ୱାରା ଭଜନ କୀର୍ତ୍ତନ ହେବା ସହିତ ଶ୍ରଦ୍ଧାଳୁ ମାନେ ଧାନ,ସୁନା,ରୂପା ପକାଇ ରନ୍ମୁଦ କରିଥିଲେ। ହରିବୋଲ ହୁଳହୁଳି ମଧ୍ୟରେ ଏହି ରନ୍ମୁଦ ଉତ୍ସବ ସମ୍ପନ୍ନ ହୋଇଥିଲା। ଗ୍ରାମ ସଭାପତିଙ୍କ ସହିତ ମନ୍ଦିର ପରିଚାଳନା କମିଟି ସଭାପତି ଏବଂ ଗ୍ରାମବାସୀମାନେ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ସମସ୍ତଙ୍କ ପାଇଁ ପ୍ରଦାନ ସେବନର ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି

ଅନୁଗୋଳ, (ସବ୍ୟୁ) : ଆଜି ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧକ୍ଷତାରେ ବଅଁରପାଳ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆରକ୍ଷୀ ଅଧିକ୍ଷକ ରାହୁଳ ଜୈନ ଏହି ଶିବିରରେ ଯୋଗ ଦେଇଥିଲେ । ଜନଶୁଣାଣି ଶିବିରରେ ସମୁଦାୟ ୧୨୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୨୦ଟି ବ୍ୟକ୍ତିଗତ ଓ ଗୋଟିଏ ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ବେଉରିଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଲୋଚନ ଦାସ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବାରିକ, ଜିଲ୍ଲା ଯୋଗାଣ ଅଧିକାରିଣୀ ଶ୍ରୀମତୀ ସ୍ମିତା ନାୟକ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିରୋଦ ଦାସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଉଦ୍ୟାନ ବିଭାଗର ଉପ-ନିର୍ଦ୍ଦେଶକ ଶ୍ରୀ ଅମ୍ବ,ର ଲୁଗୁନ୍,, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧୁକାରୀମାନେ ଯୋଗ ଦେଇଥିଲେ । ସେହିପରି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୩୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲ। । ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ପିଏମ୍ - ଜନମନ ପରିପୂର୍ଣ୍ଣତା ଶିବିର

ଠାକୁରମୁଣ୍ଡା , (ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ହାତୀଗଡା ଗ୍ରାମପଞ୍ଚାୟତ ଅଶନକୁଦର ଗ୍ରାମରେ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଯୋଜନାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ଗ୍ରାମରେ ଏକକାଳୀନ ସମସ୍ତ ବିଭାଗର ବିକାଶ ମୂଳକ କାର୍ଯ୍ୟ ହାତକୁ ନେବା ସହ ସାମୁହିକ ବିକାଶ ସାଧନ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ବିଡ଼ିଓ ସୂଚନା ଦେଇଥିଲେ । ଅଶନକୁଦର ଖଡିଆ ବସ୍ତିରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ଶିକ୍ଷା, ରାଜସ୍ୱ, ଶିଶୁ ବିକାଶ, କୃଷି ବିଭାଗ, ମଙ୍ଗଳ ବିଭାଗ, ସାମାଜିକ ସୁରକ୍ଷା, ଖାଉଟି କଲ୍ୟାଣ, ପଞ୍ଚାୟତିରାଜ ଆଦି ବିଭାଗର ଅଧିକାରୀ ଯୋଗଦେଇ ମିଳିତ ଯୋଜନା ପ୍ରସ୍ତୁତି କରି ଏକକାଳୀନ ସମସ୍ତ ସମସ୍ୟା ଚିହ୍ନଟ ସମେତ ତାର ନିରାକରଣ ପାଇଁ ଯୋଜନା ପ୍ରସ୍ତୁତି କରିଥିଲେ । ଖଡିଆ ବସ୍ତିର ସମସ୍ତ ହିତାଧିକାରୀ ଯୋଗଦେଇ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ଉପସ୍ଥାପନ କରିଥିଲେ । ବିଡ଼ିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ ।ସଡ଼କ, ପକ୍କାଘର, ଭତ୍ତା, ଧନ୍ଦାମୂଳକ ଶିକ୍ଷା, ମୋବାଇଲ ନେଟୱାର୍କ ଆଦି କ୍ଷେତ୍ରରେ ଏହି ଯୋଜନାରେ କାର୍ଯ୍ୟକାରୀ କରାଯାଉଛି ।

# ତପୋବନ ମେଳାରେ ଜିଲ୍ଲାପାଳଙ୍କ 'ତପୋବନ' ପତ୍ରିକା ଉନ୍ମୋଚନ

ଢେଙ୍କାନାଳ, (ସବ୍ୟୁ) : ତପୋବନ ପୀଠ ଏକ ଆଦର୍ଶ ସିଦ୍ଧ ପୀଠ । ବାର୍ଷିକ ତପୋବନ ମେଳାରେ 'ତପୋବନ' ପତ୍ରିକାର ତ୍ରିଂଶତମ ସଂଖ୍ୟାକୁ ଉନ୍ମୋଚନ କରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ । ଏହି ପୀଠକୁ ସରସ ସୁନ୍ଦର କରିବା ଦିଗରେ ପ୍ରଶାସନର ଉଦ୍ୟମ ଜାରି ରହିବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଆରକ୍ଷୀ ଅଧିକ୍ଷକ ଅଭିନବ ସୋନ୍‌କର ତପୋବନ ପୀଠକୁ ଶାନ୍ତିର ସ୍ଥଳୀ ଭାବେ ଅଭିଭୂତ କରିଥିଲେ । ସେ ଏହି ପୀଠର ସର୍ବାଙ୍ଗୀନ ଉନ୍ନତି କାମନା କରିଥିଲେ । ମୁଖ୍ୟବକ୍ତା ମହିମା ଜ୍ୟୋତି ଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥ ଏଥିରେ ଉଦ୍‌ବୋଧନ ଦେଇ ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନର ସହଯୋଗ କାମନା କରିଥିଲେ । ଚଳିତ ବର୍ଷ ବହୁ ସଂଖ୍ୟାରେ ଭକ୍ତ ଏହି ମେଳାରେ ଯୋଗଦେଇଥିଲେ । ଏହି ପତ୍ରିକା ଉନ୍ମୋଚନ ଉତ୍ସବରେ କୌପିନଧାରୀ ମହିମା ସମାଜର ଧର୍ମାଧକ୍ଷ ତଥା



ପୀଠର ଆବିଷ୍କାରକ ଶ୍ରୀମଦ୍ ରଘୁନାଥ ବାବା ଅଧକ୍ଷତା କରି ଉପସ୍ଥିତ ଜଗତ ଭଗତଙ୍କ କଲ୍ୟାଣ କାମନା ପୂର୍ବକ ମହାପ୍ରଭୁ ଶୂନ୍ୟବ୍ରହ୍ମଙ୍କୁ ଡାକ ଦେଇଥିଲେ । ତପୋବନ ପୀଠକୁ ଜିଲ୍ଲା ପ୍ରଶାସନ ନିଜର ସୁଦୃଷ୍ଟିରେ ରଖିବାକୁ ସେ ନିବେଦନ କରିଥିଲେ । 'ତପୋବନ' ପତ୍ରିକାର ସଂପାଦକ ପ୍ରଶାନ୍ତ କୁମାର ମହାପାତ୍ର ସଭା ସଂଯୋଜନା କରି ମହିମା ଧର୍ମର ବିଶେଷତା ବଖାଣିଥିଲେ । ଶିକ୍ଷାବିତ୍ ଖଗେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉପଜିଲ୍ଲାପାଳ ବିବୁଧ ଗଡନାୟକ ସପରିବାରେ ଅପରାହ୍ନରେ ମେଳା ପରିଦର୍ଶନ କରିଥିଲେ । କରୁଣାକର ବାବା, ଜ୍ଞାନି ବାବା, ମନ୍ତ୍ରୀ ବାବା, ବିନୋଦ ବାବା, କନ୍ଦର୍ପ ବାବା, ପରମେଶ୍ୱର ବାବା ଓ ଫକୀର ବାବା ପ୍ରମୁଖ ଅଖଣ୍ଡ ବ୍ରହ୍ମଧୂନିରେ ଅଗ୍ନିହୋତ୍ର କରିଥିଲେ । ଏହି ଅବସରରେ ପୀଠରେ ଜିଲ୍ଲାପାଳ ଓ ଏସ୍‌ପି ମିଳିତ ଭାବେ ଏକ ପୁଷ୍ପ ବୃକ୍ଷର ଚାରା ରୋପଣ କରିଥିଲେ ।

# ହିନ୍ଦୋଳରେ ସୂଚନା କେନ୍ଦ୍ର ଓ ପାଠାଗାରର ଶିଳାନ୍ୟାସ

ହିନ୍ଦୋଳ , (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସଦର ମହକୁମାରେ ୧୯୯୦ ମସିହାରେ ସ୍ଥାପିତ ସୂଚନା କେନ୍ଦ୍ର ଓ ପାଠାଗାରଟି ଜରା ଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାରୁ ଏହାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ମେରାମଣ୍ଡଳୀ ସ୍ଥିତ ଟାଟା ଷ୍ଟିଲ ଫାଉଣ୍ଡେସନ ସହାୟତାରେ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସେହି ସ୍ଥାନରେ ଏକ ନୂତନ ଗୃହ ନିର୍ମାଣ ନିମନ୍ତେ ଆଜି ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଶିଳାନ୍ୟାସ କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ତହସିଲଦାର ଦିଲୀପ କୁମାର ସେଠୀ, ଟାଟା



ଷ୍ଟିଲର ବରିଷ୍ଠ ଅଧିକାରୀ ଅମ୍ବିକା ପ୍ରସାଦ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ ଦୀର୍ଘ ୩୪ ବର୍ଷ ଧରି ସ୍ଥାନୀୟ ଅମଲା ପଡ଼ା ଫ୍ରେଣ୍ଡସ କ୍ଲବଟିକୁ ସୂଚନା କେନ୍ଦ୍ର ଓ ପାଠାଗାର ଭାବେ ଆଜି ପର୍ଯ୍ୟନ୍ତ ବ୍ୟବହାର କରା ଯାଇ ଆସୁଥିଲା । ଦୀର୍ଘ ବର୍ଷ ଧରି ଷ୍ଟାପ ସମସ୍ୟା ସାଙ୍ଗକୁ ଗୃହି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଆସିଥିଲା । ବିଭିନ୍ନ ସମୟରେ ଏହାର ମରାମତି ଓ ରୂପାନ୍ତରିକରଣ ପାଇଁ ବିଭିନ୍ନ ଗଣମାଧ୍ୟମ ଜରିଆରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଦୀର୍ଘ ବର୍ଷ ପରେ ଏହାର ନବୀକରଣ ପାଇଁ ଆଜି ଭୂମିପୂଜା ହୋଇଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପାଠକୀୟ ମହଲ ପକ୍ଷରୁ ପ୍ରଶଂସା ଶୁଣା ଯାଉଛ ।

# ମିତ୍ରପୁର ଅଞ୍ଚଳରେ ମଣିଷରୂପି ଅଜଣା ଜନ୍ତୁ ଆତଙ୍କ

ନୀଳଗିରି,(ସବ୍ୟୁ) :ଏବେ କିଛି ଦିନ ଧରି ନିଳଗିରି ମିତ୍ରପୂର ଅଞ୍ଚଳରେ ମଣିଷ ରୁପି ଏକ ଅଜଣା ଜନ୍ତୁ ଆତଙ୍କ ଦେଖା ଦେଇଥିବା ଦେଖା ଦେଇଥିବା ଶୁଣିବାକୁ ମିଳୁଛି। ଏହି ଅଜଣା ଜନ୍ତୁଟି ମଧ୍ୟ ରାତ୍ରୀରେ ରାସ୍ତା ଉପରେ ନିଜର ଆତଙ୍କ ଖେଳାଇ ବାଟୋଇଙ୍କୁ ଭୟଭୀତ କରାଉ ଥିବାର ଶୁଣିବାକୁ ମିଳୁଛି। ଯାନ ବାହନର ଲାଇଟ୍ ପଡ଼ିଲେ ମଣିଷ ରୁପି ଭଳି ରାସ୍ତାରେ ଛିଡା ହୋଇ ଯାଉଛି। ଏପରିକି ଆକ୍ରମଣ କରିବାକୁ ପଛଉ ନଥିବାର ଶୁଣିବାକୁ ମିଳୁଛି। ତେବେ ଏହି ଆତଙ୍କ ଯୋଗୁଁ ମିତ୍ରପୂର ଅଞ୍ଚଳରେ ବିଭିନ୍ନ ଯାତାୟାତ ରାସ୍ତାରେ ରାତି ୯ପରେ ଯାତାୟତ କରୁଥିବାର ଶୁଣିବାକୁ ମିଳୁଛି। ଏପଟେ ଉକ୍ତ ଘଟଣା ସତ କି ମିଛ ତାହା ସମୟ କହିବ। ଏହା ଏକ ଗୁଜବ ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ

ଅନୁଗୋଳ,(ସବ୍ୟୁ) :ସ୍ଥାନୀୟ ବ୍ଲାକ ଡାଇମଣ୍ଡ ସମ୍ମିଳନୀ କକ୍ଷଠାରେ ଜିଲ୍ଲା କୃଷି ବିଭାଗର ଆନୁକୁଲ୍ୟରେ ଶ୍ରୀ ଅନ୍ନ ଅଭିଯାନ ଅର୍ନ୍ତଗତ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ନିଜ ଅଭିଭାଷଣରେ ସେ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର କୃଷକ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଉଛନ୍ତି । ମୁଖ୍ୟ ବକ୍ତା ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ କହିଥିଲେ ଯେ, ନିଜ ଖାଦ୍ୟ ବ୍ୟବହାର ପ୍ରଣାଳୀରେ ପ୍ରତ୍ୟେକ ଜନସାଧାରଣ ମାଣ୍ଡିଆକୁ ସାମିଲ କରିବା ଦ୍ୱାରା ସୁସ୍ଥ ଓ ନିରୋଗ ରହିପାରିବେ ମଧ୍ୟ ସେ ବୋଲି କହିଥିଲେ । ମାଣ୍ଡିଆ ଓ ମଣ୍ଡିଆରୁ ତିଆରି ବିଭିନ୍ନ ପ୍ରକାର ଖାଦ୍ୟକୁ ଲୋକଙ୍କ ପାଖକୁ ପହଞ୍ଚାଇବା ପ୍ରଶାସନର କର୍ତ୍ତବ୍ୟ ବୋଲି ମଧ୍ୟ ସେ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଦେବାଶିଷ ମିଶ୍ର



ଯୋଗଦେଇ କ୍ଷୁଦ୍ର ଶସ୍ୟ ମାଣ୍ଡିଆରେ ଥିବା ବିଭିନ୍ନ ପ୍ରକାର ଖାଦ୍ୟ ଓ ତାର ସ୍ୱାସ୍ଥ୍ୟଗତ ଉପକାରିତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଯୋଶବନ୍ତ ବେହେରା, ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ଦିଲ୍ଲେଶ୍ୱର୍ ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଅଭିଯାନକୁ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା କରିବା ଜରୁରୀ ବୋଲି କହିବା ସହ ଅଧିକରୁ ଅଧିକ ମାଣ୍ଡିଆ ଚାଷ କରିବା ନିମନ୍ତେ କୃଷକ ମାନଙ୍କୁ କୃଷି ବିଭାଗ ତରଫରୁ ଆବଶ୍ୟକ ବୈଷୟିକ ଜ୍ଞାନ ପ୍ରଦାନ କରିବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷୁଦ୍ର ଶସ୍ୟକୁ ନେଇ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟର ପ୍ରଦର୍ଶନି କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ ।

# ସଚେତନତା ଅଭାବରୁ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ଅଞ୍ଚଳବାସୀ

ତାଳଚେର, (ସବ୍ୟୁ) : ତାଳଚେରବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସେବା,ସୁରକ୍ଷା, ନିଯୁକ୍ତି, ଗମନାଗମନ, ପାନୀୟ ଜଳ ବ୍ୟବସ୍ଥା ହିଙ୍ଗୁଳା ମନ୍ଦିରକୁ ସରକାରୀ ଅନୁଦାନ ଏବଂ ଓଆରଟିସି ବସ ସେବା ଜନିତ ସମସ୍ୟାକୁ ନେଇ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସୋସିଆଲ ମିଡ଼ିଆ ଫେସବୁକ ମାଧ୍ୟମରେ ସ୍ୱର ଶାଣିତ କରି ଆସୁଥିବା ତାଳଚେର ଜନ ବିକାଶ କଲ୍ୟାଣ ସଙ୍ଘ ସଭାପତି ଭୂପେନ ଥମ୍ବ ଆଜି ବିପର୍ଯ୍ୟସ୍ତ ତାଳଚେରକୁ ନେଇ ସ୍ଥାନୀୟ ପ୍ରଶାସନ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ବିପକ୍ଷରେ ବିସ୍ଫୋରକ ମତ ରଖିଛନ୍ତି। ସେ ତାଙ୍କ ଫେସବୁକ ଆକାଉଣ୍ଟ ଜରିଆରେ କହିଛନ୍ତି ଯେ ସଚେତନତା ଅଭାରୁ ସରକାରୀ ସୁବିଧା ସୁଯୋଗରୁ ବଂଚିତ ସହ ପ୍ରଦୂଷଣ ଭିତରେ ପଡି ରହିଛନ୍ତି ପ୍ରଭାବିତ ଏବଂ ବିସ୍ଥାପିତ ଅଂଚଳବାସୀ। ଖଣି ଏବଂ କଳକାରଖାନା ପ୍ରଭାବରେ ଆସି ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଅଣଦେଖା ତାଳଚେର ପାଇଁ ସବୁ କ୍ଷେତ୍ରରେ ଆଣିଦେଇଛି ବିପର୍ଯ୍ୟସ୍ତ। ଓଡ଼ିଶାର ୧୨ ଜିଲ୍ଲାରେ ସରକାର ନିଜସ୍ୱ ଖର୍ଚ୍ଚରେ ମେଡିକାଲ୍ କଲେଜ ଚଳାଇଥିବା ବେଳେ ପର୍ଯ୍ୟଟନସ୍ଥଳକୁ ପ୍ରାଧାନ୍ୟ ଦେଇଛନ୍ତି। ଏଥିସହିତ ମନ୍ଦିରଗୁଡ଼ିକର ସୌନ୍ଦର୍ଯ୍ୟକରଣ, ମେଗା ପ୍ରୋଜେକ୍ଟ ମଧ୍ୟ ଦିଆଯାଇଛି। ତେବେ ସରକାର ଏଠାରୁ ସର୍ବୋଚ୍ଚ ରାଜସ୍ୱ ନେଲାପରେ ବି ବିକାଶ କ୍ଷେତ୍ରରେ ତାଳଚେର ପ୍ରତି ତିଳେ ମାତ୍ର ଆନ୍ତରିକତା ରଖିନାହାଁନ୍ତି। ସେହିପରି ତାଳଚେର ମେଡିକାଲ କଲେଜ ପାଇଁ ପରିଚାଳନା ବାବଦକୁ ଖର୍ଚ୍ଚ ନେବା ସତ୍ତ୍ୱେ ତାଳଚେରବାସୀଙ୍କ ପ୍ରତି ଛଳନା କରି ମେଡ଼ିକାଲ କଲେଜ ବଦଳରେ ସରକାରୀ ଚିକିତ୍ସାଳୟ ଖୋଲାଯାଇଛି। ସାରା ଓଡ଼ିଶା ବୁଲି ବୁଲି ସବୁ ଜିଲ୍ଲାରେ ମନ୍ଦିର ସୌନ୍ଦର୍ଯ୍ୟକରଣ କାମ ହାତକୁ ନେଇଥିଲେ। କିନ୍ତୁ ହିଙ୍ଗୁଳା ମନ୍ଦିରକୁ ଅନୁଦାନ ଶୂନ ରହିଛି। ତାଳଚେରବାସୀ ଏଠି ବି ପ୍ରତାରଣାର ଶିକାର ହେଇଛନ୍ତି। ଓଡିଶାର ପ୍ରାୟ ଜିଲ୍ଲା ଆଉ ସଦର ମହକୁମାରେ ଅତ୍ୟାଧୁନିକ ବସଷ୍ଟାଣ୍ଡ କଲେ ସେଥିରେ ବି ତାଳଚେରର ସ୍ଥାନ ନାହିଁ। ମେଗା ପାନୀୟ ଜଳ ପ୍ରକଳ୍ପରେ ବି ତାଳଚେରର ସ୍ଥାନ ନାହିଁ, ଓଡ଼ିଶାର ବିଭିନ୍ନ ଜାଗାରେ ସ୍ମାର୍ଟ ପାର୍କ ନିର୍ମାଣ କଲେ ସେଥିରେ ବି ତାଳଚେରକୁ ବଂଚିତ କରାଯାଇଥିଲା। ଏତିକିରେ ସରକାରୀଙ୍କ ମନ ଭରି ନଥିଲା ତାଳଚେରର ମୁକୁଟ ବ୍ଲାକ ଡ଼ାଇମଣ୍ଡ ମ୍ୟୁଜିୟମକୁ ଚକ୍ରାନ୍ତ କରି ଅନୁଗୋଳକୁ ଉଠାଇ ନିଆଗଲା। ତେବେ ସେ ସମୟରେ ବିରୋଧ କରିବା ଛାଡି ତାଳଚେର ବାସୀଙ୍କର ନିର୍ବାଚିତ ଲୋକ ପ୍ରତିନିଧି ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ଯାହା କି ଦୁର୍ଭାଗ୍ୟର ବିଷୟ। ଆହୁରି ମଧ୍ୟ ଜବାହର ନବୋଦୟ ବିଦ୍ୟାଳୟକୁ ଅନୁଗୋଳକୁ ଉଠାଇ ନିଆଯାଇଥିବା ବେଳେ ଅନେକ ସରକାରୀ ଅଧିକାରୀଙ୍କ କାର୍ଯ୍ୟାଳୟ ତାଳଚେରରେ ଥିଲେ ମଧ୍ୟ ସେ ଅଧିକାରୀମାନେ କେବେ ତାଳଚେର ଆସିନାହାନ୍ତି। ଆଉ କେତେକ ଅଫିସକୁ ଉଠେଇ ନେବାକୁ ଚକ୍ରାନ୍ତ ହେଉଛି.ଅନୁଗୋଳ ଜିଲ୍ଲା କହିଲେ ଯେପରି ଅନୁଗୋଳ ତହସିଲ ଅନ୍ତର୍ଭୁକ୍ତ ଅଂଚଳକୁ ବୁଝାଉଛି। ଯେଉଁଠି ସବୁ ଅଧିକାରୀ ରହୁଛନ୍ତି। ଡିଏମଏଫର ସଦ୍ ବିନିଯୋଗ ଓ ବିକାଶ ମୂଳକ କାମ କେବଳ ସେଇଠାରେ ହିଁ ହେଉଛି। ଯେତେବେଳେ କି ତାଳଚେର ସର୍ବାଧିକ ରାଜସ୍ୱ ଦେଉଥିବାବେଳେ ସିଂହ ଭାଗ ଜିଲ୍ଲା ଖଣିଜ ପାଣ୍ଠି ଉପରେ ରଖୁଛି। ହେଲେ ବିକାଶମୂଳକ କାମରେ ଓଡ଼ିଶା ସରକାରଙ୍କ ଅନୁଦାନ ଶୂନ ବୋଲି ଶ୍ରୀ ଥମ୍ବ ପ୍ରକାଶ କରିଛନ୍ତି। ତାଳଚେରବାସୀଙ୍କ ପ୍ରତି ସରକାର ବାରମ୍ବାର ଅନ୍ୟାୟ କରି ଚାଲିଛନ୍ତି ସବୁ କ୍ଷେତ୍ରରେ ବିକାଶ ତାଳଚେର ବାସୀଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ସାଜି ରହିଯାଇଛି। ଏହା କେବଳ ଜନସାଧାରଣଙ୍କ ସଚେତନତାର ଅଭାବ ଏବଂ ଦୀର୍ଘ ଦିନ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ହାତରେ ତାଳଚେରର ଶାସନ ଭାର ରହିବା ଓ ବିରୋଧୀ ରାଜନୈତିକ ଦଳଗୁଡିକର ସ୍ଥାନୀୟ ସମସ୍ୟାକୁ ନେଇ ନିଷ୍କ୍ରିୟତା ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ତାଳଚେର ବାହାରେ ଥିବା ବୁଦ୍ଧିଜୀବୀଙ୍କ ସହିତ ରାଜନୈତିକ ବିଶେଷଜ୍ଞ ମତ ରଖିଛନ୍ତି।

# ଜୁଡ଼ିସିଆଲ ହବ୍ ପାଇଁ ଅଗ୍ରୀମ ଜମି ଚିହ୍ନଟ



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ବାର ଆସୋସିଏସନ ନେତୃତ୍ୱରେ ବିଭିନ୍ନ ସଂଗଠନ ପକ୍ଷରୁ ବାଲେଶ୍ୱର ସହରରେ ଜୁଡ଼ିସିଆଲ ହବ ପ୍ରତିଷ୍ଠା ପାଇଁ ଜନ ଆନ୍ଦୋଳନ ଓ ଧାରଣା ସଫଳତାର ପ୍ରଥମ ସୋପାନରେ ପହଞ୍ଚିଛି। ସୋମବାର ଅପରାହ୍ଣରେ ଜିଲ୍ଲା ଦୌରା ଜଜ ସତ୍ୟନାରାୟଣ ମିଶ୍ର ଓ ଜିଲ୍ଲା ବିଚାର ବିଭାଗ ର ବହୁ ବିଚାରପତି ଓ ସଦର ତହସିଲଦାର ପ୍ରମୁଖଙ୍କ ଉପସ୍ଥିତିରେ ଜିଲ୍ଲା ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଜମି ଚିହ୍ନଟ ବେଳେ ଉପସ୍ଥିତ ରହିଥିଲେ।ଜଳ ସମ୍ପଦ ବିଭାଗ ର କାର୍ଯ୍ୟାଳୟ ର ୯. ୭୬ ଏକର ଜମି ଥିବା ବେଳେ ଜୁଡ଼ିସିଆଲ ହବ ଲାଗି ସୋମବାର ଦିନ ୬ଏକର ୪୮ ଡେସିମିଲ ଜମି ଚିହ୍ନଟ କରାଯାଇ ଚର୍ତୁପାର୍ଶ୍ୱରେ ନାଲି ପତାକା ପୋତା ଯାଇଛି। ଜିଲ୍ଲା ଦୌରା ଜଜ ଶ୍ରୀ ମିଶ୍ର ନଡ଼ିଆ ଫଟାଇ ମାଙ୍ଗଳିକ କାର୍ଯ୍ୟ ର ଶିଳାନ୍ୟାସ କରିଥିଲେ। ଅଗ୍ରୀମ ଜମି ଅଧିଗ୍ରହଣ ସମୟରେ ଓପିଆଇଡ଼ି ବିଚାରପତି ବିଶ୍ୱଜିତ ଦାସ, ଭିଜିଲାନ୍ସ ଅଦାଲତ ବିଚାରପତି ଲଳିତ କୁମାର ଦାସ, ତୃତୀୟ ଏ ଡ଼ି ଜେ ସଂଜୀବ କୁମାର ସାମନ୍ତ, ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଜନକ ରାଉତ,ପ୍ରଥମ ଏଡିସନାଲ ସିଭିଲ ଜଜ ବିନୟ ପାତ୍ର, ରେଜିଷ୍ଟ୍ରାର ରଞ୍ଜନ ପ୍ରଧାନ, ,ଜିଲ୍ଲା ଅଦାଲତ ର ମୁଖ୍ୟ ପ୍ରଶାସନିକ ଅଧିକାରୀ ମଳୟ କୁମାର ରାଉତ, କୋର୍ଟ ପ୍ରବନ୍ଧକ ପ୍ରିୟଙ୍କା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ବାର ଏସୋସିଏସନ ସଭାପତି ରଘୁନାଥ ପ୍ରଧାନ, ସମ୍ପାଦକ ସମ୍ବିତ ନନ୍ଦି, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଆଇନଜୀବୀ ପ୍ରଭାତ କୁମାର ଦାସ, ଦେବାଶିଷ ପାତ୍ର, ନାରାୟଣ ସାହୁ, ରବୀନ ଜେନା, ସତ୍ୟନ୍ଦ୍ର ରାଉତ, ଶରତ ଚନ୍ଦ୍ର ମିଶ୍ର, ସୁଦୀପ୍ତ ପାତ୍ର ବାଲେଶ୍ୱର ସଦର ତହସିଲଦାର ଅଶ୍ୱନୀ କୁମାର ନାୟକ, ଅତିରିକ୍ତ ତହସିଲଦାର ଓ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ରଂଜିତ ଭୂଇଁୟା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଧୋବଶିଳା କଣ୍ଟାବଣିଆ ପୀଡ଼ିତାଙ୍କ ପରିବାରକୁ ଭେଟିଲା ବିଜେଡ଼ି ମହିଳା ଫ୍ୟାକ୍ଟଫାଇଣ୍ଡିଂ ଟିମ୍



ନୀଳଗିରି, (ସବ୍ୟୁ) : ସ୍ୱାମୀ ଘରେ ନଥିବାର ସୁଯୋଗନେଇ ଜନୈକା ଅଳ୍ପବୟସ୍କା ମହିଳାଙ୍କୁ ଦୁଷ୍କର୍ମ କରିଥିବା ଜଣେ ଅଭ୍ୟାସଗତ ଦୁଷ୍କର୍ମକାରୀକୁ ଶେଷରେ ପୋଲିସ ହେପାଜତକୁ ଯିବାକୁ ପଡ଼ିଛି। ଗତ ୭ତାରିଖ ରାତିରେ ସ୍ୱାମୀ ନଥିବାର ସୁଯୋଗ ନେଇ କଣ୍ଟାବଣିଆ ଜାଗିରିସାହି ଗ୍ରାମର ଆକାଶ ବିଦ୍ଧାଣୀ ନାମକ କାମାନ୍ଧ ଉକ୍ତ ଗ୍ରାମର ସୋମନାଥ ସିଂଙ୍କ ଘରେ ପଶି ତାଙ୍କର ପୁତୁରାବୋହୂକୁ କଟୁରୀ ଚୋଟର ଭୟ ଦେଖାଇ ଜୋରଜବରଦସ୍ତ ଦୁଷ୍କର୍ମ କରିବା ସହିତ, ଘଟଣା ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସ୍ୱାମୀ ଘରେ ନଥିବାରୁ ପୀଡ଼ିତା ଜଣକ ନିଜର ଯାଆ ଏବଂ କକା ଶଶୁରଙ୍କୁ ଜଣାଇବା ପରେ ଗ୍ରାମରେ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ ଦୁଷ୍କର୍ମକାରୀ ଆକାଶ ଘଟଣାକୁ ଅସ୍ୱୀକାର କରିଥିଲେ। ଏନେଇ ମହିଳା ଜଣକ ଗତ ୯ ତାରିଖରେ ନୀଳଗିରି ଥାନାରେ ଲିଖିତ ଅଭିଯୋଗ ପରେ ଘଟଣାଟି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଅପରପକ୍ଷରେ ଦୁଷ୍କର୍ମକାରିଙ୍କ ତରଫରୁ ପୀଡ଼ିତାଙ୍କ କକାଶଶୁର ତାଙ୍କ ସ୍ତ୍ରୀଙ୍କୁ ବଳାତ୍କାର କରିଥିବା ନେଇ ପାଲଟା ଅଭିଯୋଗ ହୋଇଥିଲା। ନୀଳଗିରି ପୋଲିସ ଘଟଣାକୁ ଗୁରୁତର ସହ ନେଇ ଉଭୟ ଦୁଷ୍କର୍ମକାରୀ ଆକାଶ ଏବଂ ପୀଡ଼ିତାଙ୍କ କକାଶଶୁର ସୋମନାଥକୁ ଅଟକ ରଖି ପଚରାଉଚରା କରିଥିଲା। ଉକ୍ତ ଘଟଣା ସମଗ୍ର ରାଜ୍ୟରେ ଚହଳ ପଡ଼ିଥିବା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟ ବିଜେଡ଼ି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସୋମବାର ଅପରାହ୍ଣରେ କଣ୍ଟାବଣିଆ ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ। ଏହି ଟିମରେ ରାଜ୍ୟ ମହିଳା ବିଜେଡ଼ି କାର୍ଯ୍ୟକାରିଣୀ ସଭାନେତ୍ରୀ ତଥା ବସ୍ତା ବିଧାୟିକା ସୁବାସିନୀ ଜେନା, ଜଗତସିଂହପୁରର ପୂର୍ବତନ ରାଜ୍ୟସଭା ସାଂସଦ ରାଜଶ୍ରୀ ମଲ୍ଲିକ, ଯାଜପୁରର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ବିଜେଡ଼ି ମହିଳା ଉପସଭାନେତ୍ରୀ ସୁନିତି ସିଂଙ୍କ ସମେତ ବାଲେଶ୍ୱର ଜିଲ୍ଲା ବିଜେଡ଼ି ମହିଳା ସଭାନେତ୍ରୀ ବିନ୍ଦୁବାଳା ନନ୍ଦୀ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ଉର୍ମିଳତା ଦାସ, ବାଲେଶ୍ୱର ନଗରସଭାନେତ୍ରୀ ମୀନା ମହାନ୍ତି, ରାଜ୍ୟ ମହିଳା ଯୁବବିଜେଡ଼ି ସମ୍ପାଦିକା ଜୟନ୍ତୀ ଦତ୍ତ, ନୀଳଗିରି ବିଜୁଜନତା ଦଳର ମହିଳା ପ୍ରତିନିଧି ମାନଙ୍କ ମଧ୍ୟରେ ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ,ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ଉକ୍ତ ଟିମର ନେତୃତ୍ୱ ନେଇଥିବା ସ୍ନେହାଙ୍ଗିନୀ ଛୁରିଆ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ପୀଡ଼ିତା ମହିଳା ଜଣକ ଏଭଳି ଘଟଣାରେ ସାହସର ସହିତ ଆଗକୁ ଆସିଥିବାରୁ ତାଙ୍କୁ ଧନ୍ୟବାଦ ଦେବା ସହିତ ରାଜ୍ୟରେ ବିଜେପିର ୫ମାସ ଶାସନ ମଧ୍ୟରେ ୮ଜଣ ଦୁଷ୍କର୍ମ ଏବଂ ଗଣବଳାତ୍କାରର ଶିକାର ହୋଇଥିବା କହିଥିଲେ। ରାଜ୍ୟରେ ମହିଳା ସୁରକ୍ଷିତ ନଥିବା ଅଭିଯୋଗ କରିବା ସହ ଉକ୍ତ ନୀଳଗିରି ଘଟଣାରେ ଦୁଷ୍କର୍ମକାରୀ ଜଣକ ବିଜେପି କର୍ମକର୍ତ୍ତା ଅଟନ୍ତି । ତେଣୁ ଏଭଳି ଘୃଣ୍ୟଘଟଣାରେ ଦୋଷୀକୁ କୋଠାର ଦଣ୍ଡଦେବା ସହିତ ପୀଡ଼ିତା ଏବଂ ତାଙ୍କ ପରିବାରକୁ ସୁରକ୍ଷା ଦେବାକୁ ଦାବୀ କରିଛନ୍ତି। ଅପରାନ୍ତରରେ ପୀଡ଼ିତାଙ୍କ କକାଶଶୁରଙ୍କୁ ପୋଲିସ ଛାଡି ଦେଇଥିବା ବେଳେ ଦୁଷ୍କର୍ମକାରି ଆକାଶକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଗଙ୍ଗାଧର ମିଶ୍ର, ତାପସ ପରିଡା, ଗତିକୃଷ୍ଣ ନନ୍ଦ, ଉପେନ୍ଦ୍ର ଦାସ, କୁଳମଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଝରକା ଗ୍ରୀଲ କାଟି ଓଜିବି ବାଲିଆପାଳ ଶାଖାରୁ ଲକ୍ଷାଧିକ ଟଙ୍କା ଲୁଟ୍

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଖପରାପଦା ଛକରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ବ୍ୟାଙ୍କର ଉପର ମହଲାରେ ଥିବା ଝରକାର ଲୁହା ଗ୍ରିଲକୁ ଗ୍ୟାସ କଟରରେ କାଟି ବ୍ୟାଙ୍କ ଭିତରକୁ ପଶି ଟଙ୍କା ଲୁଟି ନେଇଥିଲେ। ସୋମବାର ସକାଳେ ସ୍ଥାନୀୟ ଲୋକେ ବ୍ୟାଙ୍କର ଝରକା ଭଙ୍ଗାଯାଇ ଥିବା ଦେଖି ଶାଖା ପରିଚାଳକ ଏବଂ ବାଲିଆପାଳ ଥାନା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବାଲିଆପାଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସୋମବାର ସକାଳେ ସ୍ଥାନୀୟ ଲୋକେ ବ୍ୟାଙ୍କର ଝରକା ଭଙ୍ଗାଯାଇ ଥିବା ଦେଖି ଶାଖା ପରିଚାଳକ ଏବଂ ବାଲିଆପାଳ ଥାନା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବାଲିଆପାଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।ତେବେ କେତେ ଟଙ୍କା ଚୋରି ହୋଇଛି ତାହା ଜଣାପଡ଼ି ନାହିଁ।୫ ବର୍ଷ ପୂର୍ବରୁ ମଧ ଏହି ବ୍ୟାଙ୍କର ପଛ ପଟ ସ୍କାଇ ଲାଇଟ ଭାଙ୍ଗି କମ୍ପ୍ୟୁଟର ଏବଂ ବିଭିନ୍ନ ଆସବାବପତ୍ର ଚୋରି କରିଥିଲେ ଦୁର୍ବୃତ୍ତ। ତେବେ ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

## ଚମ୍ପୁଆ ରେଞ୍ଜରେ ପଶିଲେ ୨୮ ଟିକିଆ ହାତୀପଲ : ଲୋକେ ଆତଙ୍କିତ

କେନ୍ଦୁଝର,(ସ୍ୱପ୍ର): ମୟୁରଭଞ୍ଜ ଜିଲାରୁ ଏକ ୨୮ ଟିକିଆ ହାତୀପଲ ଆସି କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ପଶିଛନ୍ତି। ହାତୀପଲ ପଦ୍ମପୁର ନିକଟରେ ବୈତରଣୀ ପାର ହୋଇ ଚମ୍ପୁଆ ରେଞ୍ଜ ଜ୍ୟୋତିପୁର ବିଟା ପ୍ରବେଶ କରିଛନ୍ତି। ହାତୀପଲ ଆସିବା ବାଟରେ ବ୍ୟାପକ ଧାନ ଫସଲ ଦଳି ଚକଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ହାତୀପଲ ଝାଲିଆବେଡା ଗାଁ ନିକଟରେ ଘୁରି ବୁଲୁଥିବାବେଳେ ଧାନ ଚାଷ ନଷ୍ଟ ଆଶଙ୍କାରେ ସ୍ଥାନୀୟ ଚାଷୀ ଚିନ୍ତାରେ ଥିବା ଦେଖାଯାଇଛି।ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଜ୍ୟୋତିପୁର, ପଦ୍ମପୁର, ଝାଲିଆବେଡା, ବର୍ଦ୍ଧନା ଓ ପାରୁଡ଼ିପଶି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

## ଅସନବଣୀ ପାହାଡ଼ ଖୋଲରୁ ନରକଙ୍କାଳ ଉଦ୍ଧାର

ନୀଳଗିରି,(ସବ୍ୟୁ) : କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ପାହାଡ ଖୋଲରୁ ଉଦ୍ଧାର ହେଲା ନରକଙ୍କାଳ। ହସ୍ତଗତ ହୋଇଥିବା ସୂଚନାରୁ ଜଣାଯାଇଛି, କୌଣସି ସୂତ୍ରରୁ ବରହମପୁର ପୋଲିସ ଗତ କାଲି ଅପରାହ୍ଣରେ ଖବର ପାଇ ଅସନବଣି ପାହାଡ଼ରେ ନରକଙ୍କାଳ ଖୋଜିବାକୁ ଯାଇଥିଲେ ମଧ ସଂଧ୍ୟା ହୋଇଯିବାରୁ ପାହାଡ଼ ଖୋଲ ରେ ନରକଙ୍କାଳ ପଡ଼ିଥିବା ସ୍ଥାନରେ ପହଞ୍ଚି ନପାରି ଫେରିଆସିଥିଲେ। ଆଜି ସକାଳେ ନୀଳଗିରି ଏସ୍ ଡି ପି ଓ ସରୋଜ ଉପାଧାୟଙ୍କ ନେତୃତ୍ୱରେ ବାଲେଶ୍ୱରରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ଓ ବରହମପୁର ଆଇ ଆଇ ସି ଆର୍ତ୍ତତ୍ରାଣ ସେଠୀ ଙ୍କ ସମେତ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚିବା ପରେ ନରକଙ୍କାଳ ଟିକୁ ଉଦ୍ଧାର କରାଯିବା ସହିତ ସାଇଣ୍ଟିଫିକ୍ ଟିମ୍ ପରୀକ୍ଷା ନିରୀକ୍ଷା କରିଥିଲେ । ଏନେଇ ବରହମପୁର ଥାନାରେ ୟୁଡି କେସ ନମ୍ବର ୧୫/୨୪ରେ ଏକ ମାମଲା ରୁଜୁ କରାଯାଇ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ଉଦ୍ଧାର ହୋଇଥିବା କଙ୍କାଳଟିକୁ ,ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଏଫ୍ଏମ୍ ଟି ବିଭାଗକୁ ପଠାଇ ଦିଆଯାଇଛି। ତେବେ ମିଳିଥିବା କଙ୍କାଳଟି ବର୍ଷେ ଦେଢେ ବର୍ଷ ତଳର ଓ ଜଣେ ମହିଳାଙ୍କର ହୋଇଥାଇ ପାରେ ବୋଲି ଅନୁମାନ କରାଯାଇଛି। ଅନ୍ୟ ପକ୍ଷରେ ପୋଲିସ ମୃତ ବ୍ୟକ୍ତିଙ୍କ ପରିଚୟ ଜାଣିବା ପାଇଁ ଅଧିକ ଖୋଳତାଡ଼ କରୁଥିବା ବରହମପୁର ଆଇ ଆଇ ସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

# ଖନ୍ତାପଡ଼ା ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା



ବାହାନଗା,(ସବ୍ୟୁ) :ଖନ୍ତାପଡ଼ା ରାମନଗର ପଡ଼ିଆରେ ଆୟୋଜିତ ହୋଇଥିବା ଖନ୍ତାପଡ଼ା ମହୋତ୍ସବ ଉଦଯାପନୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଖନ୍ତାପଡ଼ା ଆଞ୍ଚଳିକ ଯୁବପରିଷର ସଭାପତି ଚନ୍ଦନେଶ୍ୱର ବେହେରାଙ୍କ ସଭାପତି ସଭାପତିତ୍ୱରେ ଅନୁଷ୍ଠିତ ସଭାକର୍ଯ୍ୟକୁ ମୁଖ୍ୟ ଅତିଥିଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ତଥା ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ଆରମ୍ଭ କରିଥିଲେ। ବାଲେଶ୍ୱର ନର୍ସିଂ କଲେଜର ଛାତ୍ରୀ ସ୍ୱାଗତ ସଙ୍ଗୀତ ଓ ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀ ମାନଙ୍କ ଦ୍ୱାର ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ।ମୁଖ୍ୟ ବକ୍ତାଭାବେ ଚେତନା ସାହିତ୍ୟ ସଂସଦର ସଭାପତି ଶରତ ଚନ୍ଦ୍ର ମହାପାତ୍ର , ସମ୍ମାନୀତ ଅତିଥିଭାବେ ସାପ୍ତାହିକ ପତ୍ରିକା ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ଅନ୍ୟତମ ସମ୍ମାନୀତଥିଭାବେ ଟାଟା ମୋଟର୍ସର ଜେନେରାଲ ମେନେଜର ମନୋଜ କୁମାର ମିଶ୍ର ନିଜର ବହୁମୂଲ୍ୟ ବକ୍ତବ୍ୟ ଦେଇଥିଲେ। ସମାଜର ହଜିଯାଉଥିବା ଭାଇଚାରକୁ ଉଦ୍‌ଜୀବିତ କରି ୧୪ବର୍ଷ ଧରି ଘାତ ପ୍ରତିଘାତ ଭିତରେ ଅନୁଷ୍ଠାନକୁ ସର୍ବାଗ୍ରେ ଗଢି ତୋଳିଥିବା ଅନୁଷ୍ଠାନର ସଭାପତି ଚନ୍ଦନେଶ୍ୱର ବେହେରାଙ୍କୁ ଧନ୍ୟବାଦ ଦେଇଥିଲେ। ହଜାର ହଜାର ଦର୍ଶକଙ୍କ ଭିଡ଼ ସାଙ୍ଗକୁ ସଂସ୍କୃତି,ପରମ୍ପରା,ଓ ଭାଇଚାରାର ମହା ମିଳନ ରେ ସୃଷ୍ଟି ହୋଇଥିବା ଏହି ମହୋତ୍ସବର ମହାନତାକୁ ସମସ୍ତେ ମନେ ପକାଉଥିଲେ। ଶେଷରେ ପୂର୍ବତନ ସମ୍ପାଦକ ଦୀପକ ଅନିରୁଦ୍ଧ ବେହେରା ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା।

## ୪ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ଶନିବାର ବିଭିନ୍ନ ବିଦ୍ୟାଳୟ ଅଚାନକ ପରିଦର୍ଶନ କରି ଅବଗତ ହୋଇଥିବା ବହୁ ଅନୀୟମିତତା ସମ୍ପର୍କରେ ସୋମବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାଯାଇଛି। ପାଠ୍ୟଖସଡା ପ୍ରସ୍ତୁତିରେ ଅବହେଳା ଓ ବିନାନୁମତିରେ ବିଦ୍ୟାଳୟରେ ଅନୁପସ୍ଥିତ ଥିବା କର୍ଣ୍ଣି ଉପ୍ରା ବିଦ୍ୟାଳୟର ୨ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ସେହିପରି କହରାପୋଖରୀ ଶାସନ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ ବିନାନୁମତିରେ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ପାଇଁ ଓ ଚତୁର୍ଭୁଜପୁର ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଅନୀୟମିତତା ପାଇଁ କାରଣ ଦର୍ଶାଓ ନୋଟିସ ସୋମବାର ହୋଇଛି ବୋଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ଐତିହାସିକ ଉପନ୍ୟାସ ଶ୍ରୀଜଙ୍ଗ ଉନ୍ମୋଚିତ

ବାଲେଶ୍ୱର,(ସବ୍ୟୁ) : ବିଶିଷ୍ଟ ଗାଳ୍ପିକ ତଥା ଶ୍ରୀଜଙ୍ଗ ମାଟିର ସୁସନ୍ତାନ ଉଦୟନାରାଣ ଦାସଙ୍କ ସଦ୍ୟ ରଚିତ ସ୍ୱାଧୀନତା ସଂଗ୍ରମ ସମୟରେ ଶ୍ରୀଜଙ୍ଗ ମାଟିରେ ଘଟିଯାଇଥିବା ସେଦିନର ଲୋମହର୍ଷଣକାରୀ ଛାତିଥରା କାହାଣୀକୁ ଭିତ୍ତିକରି ଏକ ଐତିହାସିକ ଉପନ୍ୟାସ ଶ୍ରୀଜଙ୍ଗର ଶୁଭଉନ୍ମୋଚନ ଗତ ୩୦ତାରିଖ ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନକ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ପ୍ରକାଶିତ ଏହି ଗ୍ରନ୍ଥର ଉନ୍ମୋଚନ ସଭାରେ ସଭାପତିତ୍ୱ କରିଥିଲେ କମଳାକାନ୍ତ ଦାଶ। ସେ ତାଙ୍କର ବକ୍ତବ୍ୟରେ ଶ୍ରୀଜଙ୍ଗ ମାଟିର ସ୍ୱାଧୀନତା ସଂଗ୍ରାମର ବିବରଣୀ ଉପସ୍ଥାପନାକରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଲେଖକ ଉଦୟନାରାଣ ଦାସ କୋହଭରା କଣ୍ଠରେ ତାଙ୍କ ଗାଁ ମାଟିର ସେହି କାଳରାତ୍ରି ମାନଙ୍କର କାହାଣୀକୁ ଉପଜୀବ୍ୟ କରି ଦୀର୍ଘଦିନ ଧରି ଲେଖିଥିବା ଉପନ୍ୟାସର ସୂଚନା ଦେବା ସହ ଏହି ଉପନ୍ୟାସ ରଚନା ଫଳରେ ମୋ ଗାଁମାଟିର ପରିଚୟ ଆଗମୀପିଢ଼ି ଅଧିକ ଜାଣିବାରେ ସହାୟକ ହେବେ ବୋଲି କହିଥିଲେ। ଉତ୍ସବକୁ ଉଦ୍‌ଘାଟନ କରିଥିଲେ ବସ୍ତାର ବିଧାୟିକା ତଥା ରେବତୀ ପତ୍ରିକାର ସଂପାଦିକା ସୁବାସିନୀ ଜେନା। ଗ୍ରନ୍ଥଟିକୁ ଉନ୍ମୋଚନ କରିଥିଲେ ବିଶିଷ୍ଟ କବୀ ତଥା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ରବିନ୍ଦ୍ର ମୋହନ ଦାସଙ୍କ କନ୍ୟା ଯଶୋଧରା ଦାସ। ପୁସ୍ତକର ପ୍ରକାଶକ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡ. କାଳୀପଦ ପଣ୍ଡା ୩୪୪ ପୃଷ୍ଠା ସମ୍ବଳିତ ଏହି ଐତିହାସିକ ଉପନ୍ୟାସର କଥାବସ୍ତୁ ଏତେ ମର୍ମସ୍ପର୍ଶୀ ଓ ଶିକ୍ଷଣୀୟ ଯେ ତାହା ପାଠକଙ୍କୁ ମୁଗ୍ଧ କରିବ ବୋଲି କହିଥିଲେ। ଉତ୍ସବରେ ବରେଣ୍ୟ ଅତିଥି ଭାବେ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ ଏବଂ ଆଲୋଚକ ଭାବେ ଡ. ରାଧାରଂଜନ ପଟ୍ଟନାୟକ, କବି ଅଭୟ ଦାସ, ପ୍ରସନ୍ନ ପାତ୍ର, ତପନ କୁମାର ବିଶ୍ୱାଳ, ଭାରତୀ ପଣ୍ଡା, ସିମନ ଦାସ ମହାପାତ୍ର ପ୍ରମୁଖ ଔପନ୍ୟାସିକ ଉଦୟନାରାଣ ଦାସଙ୍କ ଲେଖକୀୟ ଜୀବନ ଏବଂ ତାଙ୍କ ଉପନ୍ୟାସ ସଂପର୍କରେ ନିଜନିଜର ବକ୍ତବ୍ୟ ରଖିଥିଲେ। କବି ମଧୁସୂଦନ ମିଶ୍ର ଉତ୍ସବକୁ ସଞ୍ଚାଳନ କରିଥିବାବେଳେ ଦେଶାତ୍ମବୋଧକ ସଙ୍ଗୀତକୁ ଭଜନଗାନ କରିଥିଲେ ଦେବୀରାଣୀ ଦାସ, ପ୍ରାଚୀ ମିଶ୍ର, ଦେବଯାନୀ ଦାସ। ଉତ୍ସବରେ ଶ୍ରୀଜଙ୍ଗ ଗ୍ରାମର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ସହରର ବହୁ ସାହିତ୍ୟିକ ତଥା ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

## ପଞ୍ଚକ ପାଇଁ ଆଖଣ୍ଡଳମଣି ପୀଠ ଚଳଚଞ୍ଚଳ ପଞ୍ଚାନନ ବେଶରେ ଭକ୍ତଙ୍କୁ ଦେଉଛନ୍ତି ଦର୍ଶନ

ଭଦ୍ରକ,(ସବ୍ୟୁ) : ପବିତ୍ର ତଥା ଧର୍ମର ମାସ କାର୍ତ୍ତିକମାସର ସୋମବାର ଓ ପଞ୍ଚୁକ ବ୍ରତ ପାଇଁ ସୋମବାର ଭୋର୍ ସମୟରୁ ଆରଡ଼ିପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଛି। ଆଜିଠାରୁ ବାବା ୫ ଦିନ ପର୍ଯ୍ୟନ୍ତ ପଞ୍ଚାନନ ବେଶରେ ଦର୍ଶନ ଦେଉଥିବାରୁ ହବିଷ୍ୟାଳିଙ୍କ ସହ ଶ୍ରଦ୍ଧାଳୁମାନଙ୍କର ଭିଡ଼ ବଢ଼ିବାରେ ଲାଗିଛି। ରାହାସ ପୂର୍ଣ୍ଣମାଦିନ ବାବା ଦୁର୍ଲଭ ହରଗୌରୀ ବେଶରେ ସଜ୍ଜିତ ହେବେ। ଏଥିପାଇଁ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଚାଲିଛି। ଭୋର୍ ୪ ଟାରେ ଦ୍ୱାର ଫିଟା ନୀତି ସହ ମଙ୍ଗଳ ଆଳତି, ଘର୍ଷଣ ଲାଗି ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ ନବବସ୍ତ୍ର ଓ ଫୁଲ ଚନ୍ଦନ ଲାଗି କରାଯାଇ ଦିଗମ୍ବର ବେଶରେ ପଞ୍ଚୁକ ଭୋଗ ଲାଗି କରାଯାଇଥିଲା।ଅନ୍ୟପଟେ ମନ୍ଦିରରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ଶନିବାରଠାରୁ ପବିତ୍ର ଅଳାଁନବମୀ ଅବସରରେ ଭାଗବତ ସପ୍ତାହ ନୀତି ଆରମ୍ଭ ହୋଇଛି।ଏହି ଅବସରରେ ୭ ଦିନ ଧରି ଭୋର୍ ୫ଟାରୁ ରାତି ୧୦ଟା ଯାଏ ଭକ୍ତମାନଙ୍କ ପାଇଁ ସାହଣମେଲା କରାଯିବା ସହ ପୂଜାର୍ଚ୍ଚନା କରାଯାଉଛି। ମଧ୍ୟାହ୍ନରେ ବାବାଙ୍କୁ ପଞ୍ଚାନନ ବେଶରେ ସଜ୍ଜିତ କରାଯାଇ ବଡ଼ ଅନ୍ନ ନୀତି ଭୋଗ ଲାଗି କରାଯିବ। ସେହିପରି ଅପରାହ୍ଣରେ ବଡ଼ସିଂହାର ବେଶ ସହ ସନ୍ଧ୍ୟାରେ ଷୋଡ଼ଶ ଉପଚାର ନୀତି କରାଯିବ। ପରେ ମନ୍ଦିର ପ୍ରାଙ୍ଗଣରେ ଭାଗବତ ସପ୍ତାହ ନିମନ୍ତେ ଘଟ ଉତ୍ତୋଳନ, ଦ୍ୱାରପାଳ ପୂଜା, ପଞ୍ଚଉପଚାର ସହ ଭାଗବତ ପଠନ ଓ ଯଜ୍ଞ ଅନୁଷ୍ଠିତ ହେବ।

## ଡ଼ିଡ଼ି ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବ କୁଳପତିଙ୍କ ସହ ଆଲୋଚନା କଲେ ସାଂସଦ

କେନ୍ଦୁଝର,(ସ୍ୱପ୍ର) :କେନ୍ଦୁଝରସ୍ଥିତ ଧରଣୀଧର (ଡ଼ିଡ଼ି) ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶରେ ଅହେତୁକ ବିଳମ୍ବ ହୋଇଛି । ଏ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟର ତୀବ୍ର ଅସନ୍ତୋଷ ଦେଖାଯାଇଛି। ଫଳର ଏହି ପ୍ରସଙ୍ଗକୁ ନେଇ କେନ୍ଦୁଝର ଲୋକ ସଭା ସାସଂଦ ଅନନ୍ତ ନାୟକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରତାପ କୁମାର ମହାନ୍ତିଙ୍କ ସହ ଆଲୋଚନା କରିଛନ୍ତି ।ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ଫଳ ଶୀଘ୍ର ପ୍ରକାଶ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ସାସଂଦ ନାୟକ କୁଳପତିଙ୍କୁ କହିଥିଲେ। ଅନ୍ୟପକ୍ଷେ କୁଳପତି ଡ. ମହାନ୍ତି ମଧ ଯଥାଶୀଘ୍ର ପରୀକ୍ଷା ଫଳ ପ୍ରକାଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପ୍ରକ୍ରିୟାକୁ ଆଧୁନିକ ଟେକ୍ନୋଲଜି ବ୍ୟବହାର କରିବା ଉପରେ ମଧ ଆଲୋଚନା ହୋଇଥିଲା। ଉଲ୍ଲେଖଯୋଗ୍ୟ, ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ହୋଇସାରିଥିବା ବେଳେ ତୃତୀୟ ସେମିଷ୍ଟର ପାଇଁ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହା ସତ୍ତ୍ୱେ ଗୋଟିଏ ହେଲେ ସେମିଷ୍ଟରର ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ। ଏହାକୁ ନେଇ ଛାତ୍ରୀଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ପ୍ରକଳ୍ପ ପାଇଁ ୩୭ ଏକର ଜାଗା ଚିହ୍ନଟ

ମୋରଡ଼ା,(ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଧୀନ ନୂଆଝାଳିଆ ପଞ୍ଚାୟତର କାନ୍ଦଣା ଗ୍ରାମରେ ପ୍ରତିଷ୍ଠା ହେବାକୁ ଥିବା ଶିଳ୍ପ ଭିତ୍ତିକ ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟର ଗତ ୫ ତାରିଖରେ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର ଦୁଇଦିନ ଅର୍ଥାତ ୭ ତାରିଖ ଦିନ ଉକ୍ତ ପ୍ରକଳ୍ପର ଜାଗା ମାପକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଉକ୍ତ ସରକାରୀ ଜାଗାକୁ ମାପ କରିବା ପାଇଁ ଆସିଥିବା ସାନମୁଣ୍ଡାବଣି ଆରଆଇ କୃଷ୍ଣମୋହନ ମହାନ୍ତ, ଅମିନ ଗଗନ ମିଶ୍ର ଓ ପରମେଶ୍ୱର ପଣ୍ଡିତଙ୍କ ସହିତ ବାରିପଦା ଆଇଟିଡିଏ ସହକାରୀ ଯନ୍ତ୍ରୀ ଅଜିତାଭ ମଲ୍ଲିକଙ୍କୁ ଉକ୍ତ ଗ୍ରାମର ମହିଳାମାନେ ଆରମ୍ଭରୁ ବିରୋଧ କରିବା ଫଳରେ ଜାଗା ମାପ ହୋଇପାରି ନଥିଲା । ବେତନଟୀ ଏସଡିପିଓ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ମୋରଡା ଥାନା ଅଧିକାରୀ ସତ୍ୟନାରାୟଣ ବଳ, ସବଡିଭିଜନ ପୋଲିସ ଅଫିସର ତଥା ତିନି ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇ ଜାଗା ମାପ ହୋଇଛି । ସୋମବାର ଦିନ ଉକ୍ତ ପ୍ରକଳ୍ପ ନିମନ୍ତେ ଜାଗା ମାପ ପ୍ରକ୍ରିୟା ଶେଷ ହୋଇଛି ।ଏସଡିପିଓ ସୁଦର୍ଶନ ଦାସ, ମୋରଡା ଥାନା ଅଧିକାରୀ ସତ୍ୟନାରାୟଣ ବଳ ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରକଳ୍ପର ଉଦେଶ୍ୟ ତଥା ଉକ୍ତ ପ୍ରକଳ୍ପ ହେଲେ ସ୍ଥାନୀୟ ବାସିନ୍ଦା ପ୍ରତ୍ୟକ୍ଷ୍ୟ ତଥା ପରୋକ୍ଷ ଭାବରେ କିପରି ରୋଜଗାରକ୍ଷମ ହୋଇ ପାରିବେ ସେ ସମ୍ବନ୍ଧରେ ବୁଝାଇଥିଲେ । ଉକ୍ତ ଜାଗା ମାପ ପ୍ରକ୍ରିୟା ସମୟରେ ମୋରଡା ତହସିଲଦାର ବିଦ୍ୟାଧର ଦଣ୍ଡପାଟ,ବିଡ଼ିଓ ଅଣାକର ନାଏକ,ମଧୁସୂଦନ ଜେନା, ପିଇଓ ଦୁଷ୍ମନ୍ତ ଗିରି, ଆରଆଇ କୃଷ୍ଣମୋହନ ମହାନ୍ତ, ମନୋଜ କୁମାର ବାରିକ ପ୍ରମୁଖଙ୍କ ଉପସ୍ଥିତିରେ ୩୭ ଏକର ଜାଗାର ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଥିଲା।ତେବେ ପ୍ରକଳ୍ପ ହେବା ସ୍ଥାନରେ ଯଦି ଉକ୍ତ ଗ୍ରାମବାସୀଙ୍କୁ ସରକାରଙ୍କ ତରଫରୁ ଜାଗା ମିଳିଥାଏ ଜାଗା ପାଇଥିବା ହିତାଧିକାରୀଙ୍କ ଜାଗା ଚିହ୍ନଟ ପରେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ତହସିଲଦାର ଶ୍ରୀ ଦଣ୍ଡପାଟ।

# ନିଜ ଘରୁ ଆରମ୍ଭ ହେଉ ତମାଖୁ ମୁକ୍ତ ଅଭିଯାନ : ଜିଲ୍ଲାପାଳ

ଭଦ୍ରକ,(ସବ୍ୟୁ):ତମାଖୁ ମୁକ୍ତ ଭଦ୍ରକର ସ୍ୱପ୍ନ ଦେଖିବା ଏବଂ ପୂରଣ କରିବା କୁ ହେଲେ ପ୍ରଥମେ ନିଜ ଘରୁ ଅର୍ଥାତ୍ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପାଦିତ କରୁଥିବା ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନିକ କାର୍ଯ୍ୟାଳୟକୁ ପ୍ରଥମେ ତମାଖୁ ମୁକ୍ତ ଅନୁଷ୍ଠାନ ବା ଅଞ୍ଚଳ ରୂପେ ଘୋଷଣା ପାଇଁ ପଦକ୍ଷେପ ଆରମ୍ଭ କରିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଛନ୍ତି। ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨୦ର ଶୁଭାରମ୍ଭ କରିବାକୁ ଯାଇ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜାତୀୟ ତମାକୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକରେ ଯୋଗଦେବା ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ତମାଖୁ ନିୟନ୍ତ୍ରଣ ରେ ଫଳପ୍ରଦ ଯୋଜନା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ନବ ନିର୍ମିତ କୋଠାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ ପରେ ଉକ୍ତ ପରିବେଶକୁ ସମ୍ପୂର୍ଣ୍ଣ ତମାଖୁ ମୁକ୍ତ ଅଞ୍ଚଳ ପାଇଁ ଏବେ ଠାରୁ ସଚେତନତା ଓ କାର୍ଯ୍ୟକାରୀତା ନେଇ ପଦକ୍ଷେପ ଆରମ୍ଭ କରିବାକୁ ସେ କହିଥିଲେ। ମୁଖ୍ୟ ଡାକ୍ତରଖାନା ପରିସର ବା ନିକଟବର୍ତ୍ତୀ ଅଞ୍ଚଳରେ ତମାକୁ ବିକ୍ରୟ ନିଷେଦ୍ଧ କରାଯିବ। ପ୍ରଦତ୍ତ ସୂଚନା ଅନୁଯାୟୀ ଅଣ ସଂକ୍ରାମକ ରୋଗ ଜନିତ ମୃତ୍ୟୁ ପୃଥିବୀର ବାର୍ଷିକ ସମସ୍ତ ମୃତ୍ୟୁର ପ୍ରାୟ ୬୩% ବୋଲି ଆକଳନ କରାଯାଇଛି। କର୍କଟ, ହୃଦରୋଗ ଶ୍ୱାସ ଜନିତ ରୋଗ, ମଧୁମେହ, ମସ୍ତିଷ୍କାଘାତ, ଭଳି ଅଧିକାଂଶ ଅଣସଂକ୍ରାମକ ରୋଗର ପ୍ରମୁଖ କାରଣ ହେଉଛି ତମାଖୁ ସେବନ। ଯେଉଁ ସବୁ ରୋଗର ଭାରତରେ ପ୍ରତିବର୍ଷ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି। ଆମେ ସମସ୍ତେ ଜାଣି ରଖିବା ଉଚିତ ତମାଖୁରେ ୭୦୦୦ ରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି । ଯେଉଁଥିରୁ ୬୯ ଟି କର୍କଟ ରୋଗର କାରଣ ଅଟେ। ଧୂମହୀନ ତମାଖୁରେ ୩୦୦୦ରୁ ଅଧିକ ଥିବା ରାସାୟନିକ ପଦାର୍ଥ ମଧ୍ୟରୁ ୨୮ ଟି କର୍କଟ ରୋଗର କାରଣ। ଖଇନି, ଗୁଟ୍‌ଖା, ପାନ, ଜର୍ଦ୍ଦା ଆଦି ଧୂମହୀନ ଏବଂ ବିଡ଼ି, ସିଗାରେଟ୍ ହୁକା ଆଦି ଧୂମଯୁକ୍ତ ତମାଖୁ ଅଟେ । ତଥ୍ୟାନୁଯାୟୀ ଭାରତରେ ୨୯% ଯୁବ ଗୋଷ୍ଠି ତମାଖୁ ବ୍ୟବହାର କରନ୍ତି । ପ୍ରତିଦିନ ୫୫୦୦ ଯୁବ ତମାଖୁ ବ୍ୟବହାର ଆରମ୍ଭ କରନ୍ତି । ବିଶ୍ୱ ଯୁବ ତମାଖୁ ସର୍ଭେ ଅନୁଯାୟୀ ୪୮% ପୁରୁଷ ଏବଂ ୨୨.୩% ମହିଳା ଭାରତରେ ବ୍ୟବହାର କରୁଛନ୍ତି । ଏହି ପରିପ୍ରେକ୍ଷୀରେ ତମାଖୁ ଦ୍ୱାରା ପ୍ରତିବର୍ଷ ବିଶ୍ୱରେ ୫୦ ଲକ୍ଷ, ଭାରତରେ ୧୩ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ବିଶ୍ୱରେ ହେଉଥିବା ମୁଖ କ୍ୟାନସର ମଧ୍ୟରୁ ଭାରତରେ ୮୬% ହୋଇଥାଏ। ସେଥିମଧ୍ୟରୁ ୯୦% ମୁଖ କ୍ୟାନସରର କେବଳ ତମାଖୁ ଦ୍ୱାରା ହୋଇଥାଏ। ତମାଖୁ ସେବନ ଅଭ୍ୟାସ ଛାଡ଼ିବା ସମ୍ଭବ ହେଉଥିବାରୁ ଏଥିପାଇଁ ସଚେତନତା, ସୁପରାମର୍ଶ, ତମାଖୁ ବିକ୍ରୟ ନିଷେଦ୍ଧ ଆଇନ୍‌କୁ କଡ଼ାକଡ଼ି ଲାଗୁ କରିବା ଓ ଧରପଗଡ଼ ଜାରି ରଖିବା, ତମାଖୁ ଛାଡ଼ିବା ପାଇଁ ଦେୟମୁକ୍ତ ନମ୍ବର ୧୮୦୦-୧୧-୨୩୫୬ ର ଉପଯୋଗ କରିବା ଆଦି ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶିକ୍ଷାନୁଷ୍ଠାନର ୧୦୦ ଗଜ ଭିତରେ ତମାଖୁ ପଦାର୍ଥ ବିକ୍ରି ନକରିବା ନିୟମ ଲାଗୁ ର ନିଶ୍ଚିତତା ପାଇଁ ତମାଖୁ ମୁକ୍ତ ବିଦ୍ୟାଳୟ ଚିହ୍ନଟ ନେଇ ତାଲିକା ପ୍ରସ୍ତୁତି ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ନିର୍ଦ୍ଧାରିତ ପରିସୀମା ମଧ୍ୟରେ ତମାଖୁ ବିକ୍ରୀ ଚାଲୁଥିବା ବିଦ୍ୟାଳୟ ଗୁଡ଼ିକୁ ତମାଖୁ ମୁକ୍ତ ଘୋଷଣା ପାଇଁ ଯଥାଶୀଘ୍ର ଧରପଗଡ଼ ପାଇଁ ମଧ ସେ କହିଥିଲେ। ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଅଣସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ କୁମାର ରାଉତ ତଥ୍ୟ ଉପସ୍ଥାପନ କରିଥିଲେ। ଏ ଦିଗରେ ସକ୍ରୀୟ ଭାବେ କାର୍ଯ୍ୟ କରୁଥିବା 'ସଲାମ୍ ଜୀବନ' ଅନୁଷ୍ଠାନ ଡ. ଇମ୍ରାନ୍ ଅଲ୍ଲୀ, ରେଡ଼ିଓ ବୁଲବୁଲ ର ସେକ୍ ନିୟାଜ, ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀ ପ୍ରମୁଖ ମଧ ଆଲୋଚନାରେ ମତାମତ ପ୍ରକାଶ କରିଥିଲେ।

## ଅତିରିକ୍ତ ଏସ୍‌ପି ପାହ୍ୟାକୁ ବେତନଟୀ ଏସ୍‌ପିଓଙ୍କ ପଦୋନ୍ନତି



ବେତନଟୀ , (ସବ୍ୟୁ) : ରାଜ୍ୟ ସରକାରଙ୍କ ଗୃହବିଭାଗ ପକ୍ଷରୁ ରବିବାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ୧୦୦ଜଣ ଡିଏସପିଙ୍କୁ ଅତିରିକ୍ତ ଏସପି ପାହ୍ୟାକୁ ପଦନ୍ନୋତି ଭିତ୍ତିକ ବଦଳି ନିର୍ଦ୍ଦେଶ ଜାରି କରାଯାଇଥିବା ବେଳେ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀ ଭାବରେ କାର୍ଯ୍ୟରତ ଏସଡିପଡିଓ ସୁଦର୍ଶନ ଦାଶଙ୍କର ମଧ ପଦନ୍ନୋତିଭିତ୍ତିକ ବଦଳି ହୋଇଛି। ଏସଡିପିଓ ଶ୍ରୀଯୁକ୍ତଦାଶଙ୍କର ବୈଦ୍ୟନଗରୀ କଟକ-ଭୁବନେଶ୍ୱର କମିଶନରେଟ ପୁଲିସରେ ଅତିରିକ୍ତ ଡିସିପି ଭାବରେ ବଦଳିନେଇ ଗୃହବିଭାଗ ପକ୍ଷରୁ ବିଧବଦ୍ଧ ନିର୍ଦ୍ଦେଶ ଜାରି କରାଯାଇଥିବା ଜଣାଯାଇଛି । ପୂର୍ବରୁ ବୈଶିଙ୍ଗା ଥାନାର ଥାନାଧିକାରୀ ଭାବେ ଦାୟିତ୍ୱରେ ଥିବା ବେଳେ ୨୦୦୯ ମସିହାରେ ବେତନଟୀ ଥାନାର ପ୍ରଥମ ଇନସ୍ପେକ୍ଟର ଭାବରେ ସୁଦର୍ଶନ ଦାଶ ବେଶ ଦକ୍ଷତାର ସହିତ ନିଜର ଦାୟିତ୍ୱ ତୁଲାଇ ଅଞ୍ଚଳବାସୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗୃହ ବିଭାଗର ବିଭିନ୍ନ ପଦପଦବୀରେ କାମକରି ପୁନର୍ବାର ୨୦୨୧ ମସିହାରେ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀ ଭାବରେ ଯୋଗ ଦେଇଥିଲେ । ପୁଲିସ ପ୍ରଶାସକ ଭାବରେ ୩ବର୍ଷ ୨ମାସ ୨୯ଦିନର କାର୍ଯ୍ୟକାଳ ମଧ୍ୟରେ ବେତନଟୀ ପୁଲିସ ଉପଖଣ୍ଡ ଅଧୀନ ବେତନଟୀ, ବଡସାହି, ବୈଶିଙ୍ଗା, ମୋରଡା ଏବଂ ରାସଗୋବିନ୍ଦପୁର ଭଳି ମୟୂରଭଞ୍ଜ ଜିଲ୍ଲାର ୫ଟି ଗୁରୁତ୍ୱପୂର୍ଣ୍ଣ ଥାନାର ଦାୟିତ୍ ସୁଚାରୁ ରୂପେ ପ୍ରତିପାଦନ କରିଥିଲେ । ଜଣେ ଦକ୍ଷ, ସଚ୍ଚୋଟ, ମେଳାପୀ ତଥା ଅତ୍ୟନ୍ତ ସାଧାରଣ ସ୍ୱଭାବ ତଥା ବ୍ୟବହାର ପାଇଁ ବେଶ ପରିଚିତ ପୁଲିସ ପ୍ରଶାସକ ସୁଦର୍ଶନ ଦାଶଙ୍କର ଏହି କାର୍ଯ୍ୟ ଏବଂ ପଦନ୍ନୋତି ପାଇଁ ବେତନଟୀ ର ସମସ୍ତ ସଂଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୪୧)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )

ଯଦ୍ ଯଦ୍ ବିଭୂତିମତ୍ ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।
ତତ୍ତଦେବାଗଚ୍ଛ ତ୍ୱଂ ମମ ତେଜୋଂଶସମ୍ଭବମ୍ ॥୪୧॥

(ପୁନରାୟ ଶ୍ରବଣେଚ୍ଛୁ ଅର୍ଜୁନଙ୍କୁ କଥଂଚିତ୍ ସମ୍ପୂର୍ଣ୍ଣ ରୂପରେ କହୁଛନ୍ତି)- ଯାହା କିଛି ଐଶ୍ୱର୍ଯ୍ୟଯୁକ୍ତ, ଶ୍ରୀସମ୍ପନ୍ନ ବା ( ପ୍ରଭାବବଳାଦିଦ୍ୱାରା) ଶ୍ରେଷ୍ଠ, ସେ ସବୁ ମୋର ପ୍ରଭାବର ଅଂଶସମ୍ଭୂତ ବୋଲି ତୁମ୍ଭେ ଜାଣ ॥୪୧॥

# ଆମେରିକା ପ୍ରଥମ

### ସମ୍ପାଦକୀୟ

ଆମେରିକାର ରାଷ୍ଟ୍ରପତି ନିର୍ବାଚନ ସମାପ୍ତ ହେବା ପରେ ପରେ ଏବଂ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ନିର୍ବାଚନରେ ଜିତିବା ପରେ, ଅନେକ ଗୁଡିଏ ପ୍ରସଙ୍ଗରେ ଆମେରିକାର ଆଭିମୁଖ୍ୟ କଣ ହେବ, ସେ ନେଇ ବିଭିନ୍ନ ସ୍ତରରେ ବିତର୍କ ଆରମ୍ଭ ହେଇଯାଇଛି । ସେ ମଧ୍ୟରୁ ଗୋଟିଏ ବଡ ପ୍ରସଙ୍ଗ ହେଉଛି -Make America Great Again (MAGA) । ଡୋନାଲ୍ଡ ଟ୍ରମ୍ପ, ତାଙ୍କର ପ୍ରଚାର ଅଭିଯାନରେ ଏହାକୁ ଏକ ମୁଖ୍ୟ ପ୍ରସଙ୍ଗ ଭାବରେ ଉପସ୍ଥାପିତ କରିଥିଲେ । ଆମେରିକା ବିଶ୍ୱର ପ୍ରମୁଖ ଅର୍ଥନୈତିକ ଶକ୍ତି ଏବଂ ସବୁଦୃଷ୍ଟିରୁ ଶକ୍ତିଶାଳୀ ଦେଶ । ଏହାର ସାହାଯ୍ୟ ସହଯୋଗ ଉପରେ ଅନେକ ଦେଶ ନିର୍ଭର କରିଥାନ୍ତି, ଯାହା ଆମେରିକାର ଗୁରୁତ୍ୱକୁ ବଢ଼ାଇଥାଏ ଏବଂ ଅନେକଗୁଡିଏ ଦେଶ ଆମେରିକାର ଆଧିପତ୍ୟକୁ ସ୍ୱୀକାର ମଧ୍ୟ କରିଥାନ୍ତି । ତେବେ କ୍ରମଶଃ , ଯୁକ୍ତରାଷ୍ଟ୍ର ମଧ୍ୟରେ, ଜଗତୀକରଣ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ଦେଖା ଦେବାରେ ଲାଗିଛି ଏବଂ ବିଶ୍ୱର ଅବଶିଷ୍ଟାଂଶ ଆମେରିକା ଦ୍ୱାରା ଉପକୃତ ହେଉଛନ୍ତି ବୋଲି ଆମେରିକାର କିଛି ଜନସାଧାରଣଙ୍କ ମଧ୍ୟରେ ଧାରଣା ସୃଷ୍ଟିହେଇଛି । ୨୦୧୬ରେ ଟ୍ରମ୍ପ ରାଷ୍ଟ୍ରପତି ପଦ ପାଇଁ ପ୍ରଚାର ଆରମ୍ଭ କରିବା ପରଠାରୁ, ଏଥି ନେଇ ସ୍ୱର ଉତ୍ତୋଳନ କରିଛନ୍ତି ଏବଂ ଦୃଢ ଭାବରେ 'ଆମେରିକା ପ୍ରଥମ' ନୀତି ଆପଣାଇ ଆମେରିକାର ସ୍ୱାର୍ଥ ରକ୍ଷା କରିବାକୁ ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରଠାରୁ ଏବଂ ବିଶେଷ କରି ଶୀତଳ ଯୁଦ୍ଧ ପରେ, ଆମେରିକା ନିଜର ସାମରିକ ଶକ୍ତି ତଥା ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ନିଜର ଦବଦବା ଜାହିର କରିଆସିଛି ଏବଂ ଏହାର ବାଣିଜ୍ୟ ସମ୍ପର୍କିତ ନିୟମାବଳୀକୁ ବିଶ୍ୱର ଅଧିକାଂଶ ଦେଶ ବାଧ ହେଇ ଗ୍ରହଣ କରିଛନ୍ତି ମଧ୍ୟ । ଟ୍ରମ୍ପ ତାଙ୍କ ଭାବନାକୁ କିଛି ମାତ୍ରାରେ ପ୍ରଥମ ଅବଧିରେ କାର୍ଯ୍ୟକାରୀ କରିପାରିଥିଲେ ଏବଂ ତାଙ୍କର ନୀତି ଉଣାଅଧିକେ ଆଭ୍ୟନ୍ତରୀଣ ସ୍ୱାର୍ଥ ଉପରେ ଆଧାରିତ ଥିଲା । ତାଙ୍କର କେତେକ ନିଷ୍ପତ୍ତି ଉଭୟ ସହଯୋଗୀ ଏବଂ ପ୍ରତିଯୋଗୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ଡୋନାଲ୍ଡ ଟ୍ରମ୍ପ ଦୀର୍ଘ ଦିନ ଧରି ନାଟୋକୁ ସମାଲୋଚନା କରିଆସୁଛନ୍ତି, କାରଣ ସଦସ୍ୟ ଦେଶମାନଙ୍କ ମଧ୍ୟରେ ପ୍ରତିରକ୍ଷା ଖର୍ଚ୍ଚରେ ଆମେରିକା ସର୍ବାଧିକ ଅଂଶ ପ୍ରଦାନ କରୁଥିବାବେଳେ ଅନ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ଏଥି ନିମନ୍ତେ ଖୁବ୍ କମ୍ ଅବଦାନ କରୁଛନ୍ତି ବୋଲି ସେ ଅଭିଯୋଗ କରିଆସୁଛନ୍ତି । ଟ୍ରମ୍ପଙ୍କ ମତ ବିବାଦୀୟ ହୋଇପାରେ-କିନ୍ତୁ ତାଙ୍କ ନିଷ୍ପତ୍ତିରେ ସେ ଦୃଢ ଥିବା ପରି ମନେହୁଏ । ତାଙ୍କର ପ୍ରଥମ ପ୍ରଶାସନର ଏକ ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଚୀନ୍ ଉପରେ ଶୁଳ୍କ ବୃଦ୍ଧି କରିବା ଏବଂ ବାଣିଜ୍ୟ ଉପରେ ପ୍ରତିବନ୍ଧକ ଲଗାଇବା । ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳରେ, ଟ୍ରମ୍ପ ଆହୁରି କିଛି କଡା ପଦକ୍ଷେପ ନେଇପାରନ୍ତି ବୋଲି ଆଶା କରାଯାଉଛି । ବାଣିଜ୍ୟିକ ନିଅଣ୍ଟକୁ ହ୍ରାସ କରିବା ପାଇଁ ପ୍ରାଥମିକ ଅସ୍ତ୍ର ଭାବରେ ଚୀନ୍ ଏବଂ ଦକ୍ଷିଣ କୋରିଆର ବିଭିନ୍ନ ସାମଗ୍ରୀ ଓ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରିପାରନ୍ତି । ସେହିପରି ତାଙ୍କ ପ୍ରତିଶ୍ରୁତି ଅନୁସାରେ, ସେ ଆମେରିକାକୁ ନୂତନ ଆନ୍ତର୍ଜାତୀୟ ବିବାଦ ଭିତରକୁ ଟାଣିବେ ନାହିଁ ଏବଂ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧକୁ ଶେଷ କରିବା ପାଇଁ ସେ ପ୍ରୟାସ କରିବେ । ଜର୍ମାନ ଚାନ୍ସଲର ଓଲାଫ ସ୍କୋଲଜ ତାଙ୍କ ଅର୍ଥମନ୍ତ୍ରୀ ତଥା ସହଯୋଗୀ ଖ୍ରୀଷ୍ଟିଆନ ଲିଣ୍ଡର୍ନଙ୍କୁ ବରଖାସ୍ତ କରିବା ପରେ ଜର୍ମାନୀର ମିଳିତ ସରକାର ପତନ ହୋଇଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଟ୍ରମ୍ପଙ୍କ ହ୍ୱାଇଟ ହାଉସ ଆର୍ଥିକ ସାହାଯ୍ୟ ହ୍ରାସ କରିବ ବୋଲି ଆଶା କରାଯାଉଥିବା ସମୟରେ ୟୁକ୍ରେନକୁ ସମର୍ଥନ କରିବା ପାଇଁ ଅଧିକ ଋଣ ବୃଦ୍ଧି ପାଇଁ ସ୍କୋଲଜଙ୍କ ଦାବି କରୁଥିଲେ । ଟ୍ରମ୍ପଙ୍କ ଏହି ଶୁଳ୍କ ବୃଦ୍ଧି ପଦକ୍ଷେପ ଦ୍ୱାରା, ଘରୋଇ ମୁଦ୍ରାସ୍ଫୀତି ବୃଦ୍ଧି ହେବ ବୋଲି କେତେକ ବିଶ୍ଳେଷକ ମତ ଦେଇଛନ୍ତି । ଟ୍ରମ୍ପ ଦେଶରେ ପ୍ରବେଶ କରୁଥିବା ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରି ସେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀକୁ ପ୍ରୋତ୍ସାହିତ କରିବେ । ଅର୍ଥନୀତିଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି ଯେ ଏହା ବିଶ୍ୱରେ ଶୁଳ୍କକୁ ନେଇ ବାଣିଜ୍ୟ ଯୁଦ୍ଧ ସୃଷ୍ଟି ହେବ । ସାମଗ୍ରୀ, ଦ୍ରବ୍ୟ ଏବଂ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି ଶେଷରେ ବିଶ୍ୱର ମୁଦ୍ରାସ୍ଫୀତିକୁ ପ୍ରଭାବିତ କରିବ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ବାଧା ଦେବ । ଜଳବାୟୁ ନୀତି ବିଷୟରେ, ଟ୍ରମ୍ପ ଆମେରିକାର ଶକ୍ତି ପ୍ରାଧାନ୍ୟ ନାଁ ରେ ଜୀବାଶ୍ମ ଇନ୍ଧନ ଉତ୍ପାଦନ ବୃଦ୍ଧି ପାଇଁ ଓକିଲାତି କରୁଛନ୍ତି ଯାହା ହୁଏତ ଆମେରିକାର ସ୍ୱାର୍ଥ ସାଧନା କରିବ, ଯାହା ସ୍ୱଚ୍ଛ ଶକ୍ତି ପଦକ୍ଷେପ ପାଇଁ ପାଣ୍ଠି ହ୍ରାସ କରିପାରେ ଓ ପ୍ୟାରିସ୍ ଚୁକ୍ତିନାମାରୁ ଏକ ସମ୍ଭାବ୍ୟ ପ୍ରତ୍ୟାହାର ହୋଇପାରେ, ଯାହା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବାରେ ଦେଶର ପ୍ରତିବଦ୍ଧତାକୁ କ୍ଷୁର୍ଣ୍ଣ କରିପାରେ । ତେବେ ଏହାକୁ ନେଇ ସାରା ବିଶ୍ୱରେ ଦ୍ୱନ୍ଦ ଦେଖା ଦେଇପାରେ । ଏପରିକି ଆମେରିକାରେ ଟ୍ରମ୍ପ ଯାହା କହିପାରନ୍ତି ନା କାହିଁକି, ସ୍ୱଚ୍ଛ ଶକ୍ତିର ଆବଶ୍ୟକତାକୁ ବନ୍ଦ କରାଯାଇ ପାରିବ ନାହିଁ ଏବଂ ଆମ ଦେଶ ପଛକୁ ଫେରିପାରିବ ନାହିଁ ବୋଲି ରାଷ୍ଟ୍ରପତି ବାଇଡେନଙ୍କର ପୂର୍ବତନ ଜଳବାୟୁ ପରାମର୍ଶଦାତା ଜିନା ମ୍ୟାକକାରି କହିଛନ୍ତି । ତେବେ ଟ୍ରମ୍ପଙ୍କ କିଛି ନିଷ୍ପତ୍ତି ଦ୍ୱାରା ଭାରତ ମଧ୍ୟ ଉପକୃତ ହୋଇପାରେ । ପ୍ରଥମରେ, ଯଦି ଆମେରିକା ଅଧିକ ତେଲ ଖନନ କରିବାକୁ ନିଷ୍ପତ୍ତି ନିଏ, ତେବେ ଏହା ମଧ୍ୟମରୁ ଦୀର୍ଘ ମିଆଦିରେ ଇନ୍ଧନ ମୂଲ୍ୟ ହ୍ରାସ କରିପାରେ । ଦ୍ୱିତୀୟରେ, ଆମେରିକୀୟ ବିଶ୍ୱବିଦ୍ୟାଳୟରେ ପଢୁଥିବା ଅନ୍ତର୍ଜାତୀୟ ଛାତ୍ରମାନଙ୍କୁ ସବୁଜ କାର୍ଡ ଯୋଗାଇ ଟ୍ରମ୍ପଙ୍କ ବେଆଇନ ସ୍ଥାନାନ୍ତରଣକୁ ବନ୍ଦ କରିବା ଇଚ୍ଛା କିଛି ଭାରତୀୟଙ୍କ ପାଇଁ ସେମାନଙ୍କର ଆମେରିକୀୟ ସ୍ୱପ୍ନକୁ ବଞ୍ଚାଇବା ସହଜ କରିପାରେ । ତେବେ, ଟ୍ରମ୍ପ 'ଆମେରିକା ପ୍ରଥମ' ଆଭିମୁଖ୍ୟ ହାସଲ କରିବାକୁ ଯାଇ, ବର୍ତ୍ତମାନର ନୀତିରେ ଯେଉଁସବୁ ପରିବର୍ତ୍ତନ ଆଣିବେ, ତାହାକୁ ନେଇ ବିଶ୍ୱରେ କି ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହେବ, ତାହା ସମୟ ହିଁ ସ୍ପଷ୍ଟ କରିବ ।

## ତୁଳସୀ ମାହାତ୍ମ୍ୟ

କାର୍ତ୍ତିକ ମାସରେ ଚଉଁରାରେ ଥିବା ତୁଳସୀ ବୃକ୍ଷ ପୂଜା କଲେ ଅଶେଷ ପୂଣ୍ୟ ପ୍ରାପ୍ତି ହୋଇଥାଏ । ଏହା ପୂଜା କରୁଥିବା ଭକ୍ତ ବିଷ୍ଣୁଲୋକ ପ୍ରାପ୍ତ କରିଥାଏ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ତେବେ ତୁଳସୀଙ୍କ ମାହାତ୍ମ୍ୟ ଶ୍ରବଣ କଲେ ଅଧିକ ପୁଣ୍ୟ ମିଳେ । ଥରେ କାଶ୍ମୀର ଦୁଇ ବ୍ରାହ୍ମଣ ହରିମେଧ ଓ ସୁମେଧ ଥରେ ତୀର୍ଥଯାତ୍ରାରେ ବାହାରିଥିଲେ । ବାଟରେ ତୁଳସୀ ବନ ଦେଖିବା ମାତ୍ରେ ସୁମେଧ ହାତଯୋଡ଼ି ପ୍ରଣାମ କଲେ ।

ହରିମେଧ ଏହାର କାରଣ ପଚାରିବାରୁ ସୁମେଧ ତାଙ୍କୁ ଏକ ବରଗଛ ନିକଟକୁ ନେଇ ଯାଇ ତୁଳସୀ ମାହାତ୍ମ୍ୟ ଶୁଣାଇଲେ । ସମୁଦ୍ର ମନ୍ଥନରୁ ମାତା ଲକ୍ଷ୍ମୀ, କଳ୍ପବୃକ୍ଷ, ଐରାବତ, କାମଧେନୁ ଆଦି ବାହାରିଲା । ଶେଷରେ ଅମୃତ ବାହାରିଲା । ଅମୃତ ପାତ୍ର ଧରିବା ସମୟରେ ଭଗବାନ ବିଷ୍ଣୁଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ନିଗିଡ଼ି ପଡ଼ିଲା । ସେହି ଅଶ୍ରୁରୁ ହିଁ ତୁଳସୀଙ୍କ ଜନ୍ମ ହୋଇଥିଲେ । ବିଷ୍ଣୁ ତୁଳସୀଙ୍କୁ ନିଜ କୋଳରେ ବସାଇଲେ । ତାଙ୍କ ଆଶୀର୍ବାଦରୁ ତୁଳସୀ ଏକ ପବିତ୍ର ବୃକ୍ଷରେ ପରିଣତ ହେଲେ । ଭବିଷ୍ୟତରେ ତୁଳସୀଙ୍କୁ ପୂଜା କରୁଥିବା ଲୋକ ବିଷ୍ଣୁକୃପା ଲାଭ କରିବେ ବୋଲି ନାରାୟଣ ଆଶୀର୍ବାଦ ଦେଲେ ।

ଦୁଇ ବ୍ରାହ୍ମଣଙ୍କ କଥୋପକଥନ ଶେଷ ହେବା ପରେ ନିକଟରେ ଥିବା ବରଗଛଟି ଦୁଇ ଫାଳ ହୋଇଗଲା । ସେଥିରୁ ଦୁଇ ବ୍ରହ୍ମରାକ୍ଷସ ବାହାରିଲେ । ପ୍ରଥମ ରାକ୍ଷସଟି ଦୁଇ ବ୍ରାହ୍ମଣଙ୍କୁ କହିଲା, ମୋ ନାଁ ଆସ୍ତିକ । ମୁଁ ଥରେ ଅପସରାଙ୍କ ସହ ବନରେ କ୍ରୀଡ଼ା କରୁଥିବାବେଳେ ରୋମଷ ନାମକ ଜଣେ ଋଷିଙ୍କ ଧ୍ୟାନ, ଭଗ୍ନ ହେଲା । ତାଙ୍କ ଅଭିଶାପ କ୍ରମେ ମୁଁ ବ୍ରହ୍ମରାକ୍ଷସରରେ ପରିଣତ ହୋଇଯାଇଥିଲି । ସେହିପରି ଅନ୍ୟଜଣକ ଗୁରୁଙ୍କ ଅଭିଶାପକ୍ରମେ ବ୍ରହ୍ମରାକ୍ଷସରେ ପରିଣତ ହୋଇଥିଲା ।

ଦୁହେଁ ବ୍ରାହ୍ମଣଙ୍କ ଠାରୁ ତୁଳସୀ ମାହାତ୍ମ୍ୟ ଶ୍ରବଣ କରିବା ପରେ ବ୍ରହ୍ମରାକ୍ଷସ ଜନ୍ମରୁ ମୁକ୍ତି ପାଇ ମୂଳ ସ୍ୱରୂପକୁ ଫେରି ପାଇଥିଲେ । ଉପରୋକ୍ତ କଥା ପ୍ରଥମେ ବ୍ରହ୍ମଦେବ ନାରଦଙ୍କୁ ଶୁଣାଇଥିଲେ । ପରେ ତୁଳସୀ ମାହାତ୍ମ୍ୟ ଏବଂ ତୁଳସୀ ବ୍ରତ ସମ୍ପର୍କରେ ବ୍ୟାସଦେବ ଧର୍ମରାଜ ଯୁଧିଷ୍ଠିରଙ୍କ ନିକଟରେ ବର୍ଣ୍ଣନା କରିଥିଲେ ।

ବିପିନ ବିହାରୀ ରାଉତ,
ଶ୍ରୀବିହାର କଲୋନୀ,
କଟକ,ମୋ-୯୪୩୭୬୬୬୪୫୩

# ଜଙ୍ଗଲ କ୍ଷୟ ଓ ଆମ ଭବିଷ୍ୟତ

ହିମାଂଶୁ ଶେଖର ଆଚାର୍ଯ୍ୟ

ଜଙ୍ଗଲ କ୍ଷୟ ଆଜି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଯାହା ଫଳରେ ବିଶ୍ୱ ତାପାୟନ ବୃଦ୍ଧି ସହ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଘଟୁଛି । ଏପରିକି ଋତୁଚକ୍ରରେ ମଧ୍ୟ ପରିବର୍ତ୍ତନ ଘଟିଚାଲିଛି । ଏଥିପାଇଁ ଶରତ, ହେମନ୍ତ, ବସନ୍ତ ହଜିଯାଉଛି ଗ୍ରୀଷ୍ମର ପ୍ରକୋପରେ । ବର୍ଷକର ପ୍ରାୟ ଆଠ ମାସ ତାତି ଲାଗି ରହୁଛି। ଏପରିକି ଫେବୃୟାରୀ ମାସରୁ ତାତି ଆରମ୍ଭ ହୋଇଯାଉଛି । ଆମେ ଜାଣିଛେ ଯେ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ଜୀବଜଗତର ସ୍ଥିତି ନିର୍ଭର କରୁଛି । ଏକ ଆକଳନ ଅନୁସାରେ ପୃଥିବୀରେ ପ୍ରାୟ ୪୦୦୦ ନିୟୁତ ହେକ୍ଟର ଜଙ୍ଗଲ ରହିଛି । ଏହା ସମଗ୍ର ଭୂ-ଭାଗର ୩୦ ଶତକଡ଼ା । ଏଥିରୁ ୬୨୫ ନିୟୁତ ହେକ୍ଟର ବିଷୁବମଣ୍ଡଳୀୟ ଜଙ୍ଗଲ, ଯାହା ପୃଥିବୀରେ ବର୍ଷା କରାଇବାରେ ସାହାଯ୍ୟ କରେ । କିନ୍ତୁ ବର୍ତ୍ତମାନ ପ୍ରତି ବର୍ଷ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି । ଏହା ଆଗାମୀ ଦିନରେ ବିଶ୍ୱ ପାଇଁ ବଡ଼ ବିପଦକୁ ଡାକି ଆଣିପାରେ ।

ନିକଟରେ ବାତ୍ୟା 'ଦାନା'ର ପ୍ରଭାବ ଟଳିଯାଇଥିଲେ ହେଁ ଚାଷଜମି, ପରିବା ଚାଷ, ଘରଦ୍ୱାର କେତୋକାଂଶରେ ନଷ୍ଟ କରିଦେଇଛି । ହେନ୍ତାଳବନ ଯୋଗୁଁ ଏହାର ପ୍ରକୋପକୁ ପ୍ରତିହତ କରାଯାଇପାରିଛି । ତଥାପି ଅକ୍ଟୋବର ମାସ ଆସିଲେ ଓଡ଼ିଶାରେ ବାତ୍ୟାର ଭୟ ଆସେ । ସେହିଭଳି ବିଗତ ଦିନର ପ୍ରାକୃତିକ ଦୁର୍ବିପାକକୁ ମନେ ପକାଇଲେ, ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବାବେଳେ, ଆମ ଦେଶରେ ତଥା ରାଜ୍ୟରେ ମଧ୍ୟ ବେଳେ ବେଳେ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥାଏ । ଅନ୍ୟ ପକ୍ଷେ କିଛିବର୍ଷ ପୂର୍ବେ, ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟର ସ୍ମୃତି ଏବେବି ମନରୁ ଲିଭିନି । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ଆଗାମୀ ଦିନରେ ପ୍ରକୃତିର ଏହି କ୍ରୁର ରୂପ କିଭଳି ଆକାର ଧାରଣ କରିବ, ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି । ଫଳସ୍ୱରୂପ, ବିଶ୍ୱ ତାପାୟନ ବୃଦ୍ଧି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି, ଉତ୍ପାଦନ ବ୍ୟାହତ ହେଉଛି ଓ ସର୍ବୋପରି ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁଚକ୍ରରେ ପରିବର୍ତ୍ତନ ଦେଖାଦେଇଛି । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ହେମନ୍ତ ଓ ଶରତ ଋତୁର କଥା ନ କହିବା ଭଲ । ଗ୍ରୀଷ୍ମଋତୁର ଅବଧି ବଢି ବଢି ଚାଲିଛି । କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । ଅସହନୀୟ ହେଉଛି ଜୀବନଯାତ୍ରା । ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ । ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି । ଏବେ ମୌସୁମୀର ରହୁନି ଠିକଣା । ଧାରା ଶ୍ରାବଣ ହରାଇ ବସିଛି ତାର ପ୍ରାସଙ୍ଗିକତା । ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁକୁମତ୍ ଚାଲିଛି । ମାଆ ଚପଳ ବାଳକର ହୁକୁମତ୍ ସମ୍ଭାଳି ନିଏ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି । ଏହାର ଜ୍ଞାନ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ । ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡ଼କ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଚାଲେ, ତା'ହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ । ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତନ ଆଉ ୧୫ ଫୁଟ୍ ବଢିଯିବ । ୧୫ ଫୁଟ୍ ତ ଦୂରର କଥା, ଜଳପତନ ୩ ରୁ ୫ ଫୁଟ୍ ବଢିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ ! ସତରେ ଏକଥା ଆମେ କେବେ ବୁଝିବା କେଜାଣି ?

ବିଶ୍ୱ ପରିବେଶ ଏଭଳି ସଙ୍କଟଜନକ ପରିସ୍ଥିତିରେ ଗତି କରୁଥିବାବେଳେ ଏହି କଥାକୁ ଆଖି ଆଗରେ ରଖି ମିଳିତ ଜାତିସଂଘ ୧୯୭୨ ମସିହାରେ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଇ ଆସୁଅଛି । ସେହିପରି ୧୯୭୧ ମସିହାରୁ ମାର୍ଚ୍ଚ ୨୧ତାରିଖକୁ ବିଶ୍ୱ ଜଙ୍ଗଲ ଦିବସ ରୂପେ ପାଳନ କରାଯାଉଛି । ଏବେ ଏହି ପ୍ଲାଷ୍ଟିକ ପ୍ରଦୂଷଣ ଆମ ଚିନ୍ତାକୁ ବହୁଗୁଣିତ କରିଛି । ଏବେ ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ ତିଆରି ପଦାର୍ଥ ସାରା ବିଶ୍ୱରେ ଆବର୍ଜନାର ପାହାଡ ସୃଷ୍ଟି କରିଛି । ପୃଥିବୀର ସବୁଠାରୁ ଧନଶାଳୀ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ହେଉ ବା ଭାରତ ଓ ଚୀନପରି ଜନବହୁଳ ଦେଶ ହେଉ ସବୁଠି ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର । ବିଶ୍ୱ ପରିବେଶ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣର ଭୟଙ୍କରତା ସହ ପ୍ଲାଷ୍ଟିକ୍ ପ୍ରଦୂଷଣ ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ ।

ସାରା ପୃଥିବୀରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି, ଏହାର ପ୍ରତିରୋଧ ପାଇଁ ଆଇନ୍ ପରେ ଆଇନ ତିଆରି ହେଉଛି । ମାତ୍ର ଏଥିରୁ ଆଶାଜନକ ସଫଳତା ମିଳୁନାହିଁ । ସେହିପରି ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରଣାଳୟ ଅଧୀନରେ ଆଉ ଏକ ପରିଷଦ ଅଛି, ଜାତୀୟ ବନୀକରଣ ଓ ପରିବେଶ ବିକାଶ ପରିଷଦ । ମାତ୍ର ଏସବୁ ବ୍ୟବସ୍ଥା ସତ୍ତ୍ୱେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ନୁହେଁ ।

ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ପ୍ରାୟ ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା, ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ୍ୟ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମି, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କେବଳ ଧନଜୀବନ ନୁହେଁ ପଶୁପକ୍ଷୀଙ୍କର ଅବସ୍ଥା ନକହିଲେ ଭଲ । ଏକ ଆକଳନ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ତାପମାତ୍ରା ପ୍ରାୟ ୫ଡିଗ୍ରୀ ସେଲସିଅସ୍ ବୃଦ୍ଧି ପାଇପାରେ । ଯାହାର ପ୍ରତିକୂଳ ପ୍ରଭାବ ପୃଥିବୀର ଏକ ଚତୁର୍ଥାଂଶ ଜନସଂଖ୍ୟା ଉପରେ ପଡିବାର ସମ୍ଭାବନା ରହିଛି ।

ଜଙ୍ଗଲ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଏହି ଆହ୍ୱାନର ସାମ୍ନା ବ୍ୟକ୍ତିଗତ ଓ ସମଷ୍ଟିଗତ ଭାବେ କରିବାକୁ ହେବ । ଏହାର ନିରାକରଣ ପାଇଁ ବ୍ୟାପକ ଭାବରେ ବୃକ୍ଷରୋପଣ, ସାମାଜିକ ବନୀକରଣ, ନୂତନ ଜଙ୍ଗଲ ସୃଷ୍ଟି ଉପରେ ଅଗ୍ରାଧିକାର ଦେବାକୁ ହେବ । ପରିବେଶ ସୁରକ୍ଷା ପାଇଁ ବିଶ୍ୱ ସ୍ତରରେ ଯେଉଁ ପ୍ରଚେଷ୍ଟା ଆରମ୍ଭ ହୋଇଛି, ତାହା କେବଳ କୌଣସି ସଂଗଠନ ବା ପ୍ରତିଷ୍ଠାନ ଜରିଆରେ ସଂପୂର୍ଣ୍ଣ ସଫଳ ହେବା ଅସମ୍ଭବ । ବ୍ୟକ୍ତିର ସଚେତନତା ହିଁ ଏହାର ସଫଳତାର ଅସଲ ଚାବିକାଠି । ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ । ପ୍ରତ୍ୟେକ ବ୍ୟକ୍ତି ବୃକ୍ଷଟିଏ ଲଗାଇ ତାକୁ ବଞ୍ଚାଇ ରଖିପାରିଲେ ଏହା ହେବ ବିଶ୍ୱକୁ ଧ୍ୱଂସ ମୁଖରୁ ରକ୍ଷା କରିବାର ସହଜତମ ଉପାୟ ।

ଅବସରପ୍ରାପ୍ତ ଅଧ୍ୟାପକ
ତିର୍ତ୍ତୋଲ,ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# ସ୍ୱାଧୀନ ଭାରତର ଶିକ୍ଷାର ସ୍ଥପତି:ମୌଲାନା ଆଜାଦ୍

ଶ୍ରୀବତ୍ସ ନାୟକ

ଭାରତକୁ ଇଂରେଜମାନଙ୍କ ଶାସନରୁ ମୁକ୍ତ କରି ସ୍ୱାଧୀନତା ଦେବା ପାଇଁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ଏବଂ ସ୍ୱାଧୀନତା ଲାଭ କରିବା ପରେ ସ୍ୱାଧୀନ ଭାରତର ବିକାଶ ପାଇଁ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଶିକ୍ଷା ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦିତ କରି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନ ଅବିସ୍ମରଣୀୟ । ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକ, ଓକିଲ, ସମାଜ ସଂସ୍କାରକ ଏବଂ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ସର୍ବଜନବିଦିତ । ଉନ୍ନତ ରାଷ୍ଟ୍ର ତଥା ସୁସ୍ଥ ସମାଜ ଗଠନ ନିମନ୍ତେ ଶିକ୍ଷା ଅପରିହାର୍ଯ୍ୟ ବୋଲି ଅନୁଭବ କରି ସେ ଶିକ୍ଷା ବ୍ୟବସ୍ଥାରେ ଯେଉଁ କ୍ରାନ୍ତିକାରୀ ସଂସ୍କାର ଆଣିଥିଲେ, ତାହା ଏକପ୍ରକାରେ ଭାରତକୁ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ସବୁର କର୍ଣ୍ଣଧାର ହେଉଛନ୍ତି ଅବୁଲ କଲାମ ଆଜାଦ ।

ମୌଲାନା ସୟଦୀ ଅବୁଲ୍ କାଲାମ ଗୁଲାମ ମୁହିୟୁଦ୍ଦିନ୍ ଆଜାଦ୍ ୧୮୮୮ ମସିହା ନଭେମ୍ବର ମାସ ୧୧ ତାରିଖରେ ମକ୍କାଠାରେ ଜନ୍ମଗ୍ରହଣ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୮୯୦ ମସିହାରେ କଲିକତାକୁ ଫେରି ସେଠାରେ ନିଜ ପରିବାର ସହିତ ବସବାସ କରୁଥିଲେ । ତାଙ୍କର ମାତା ଓ ପିତା ଉଭୟ ବିଦ୍ୱାନ ଥିବାରୁ ଖୁବ୍ କମ୍ ବୟସରେ ହିନ୍ଦୀ, ପାର୍ସୀ, ବଙ୍ଗାଳୀ, ଆରବୀ ଏବଂ ଇଂଲିଶ ଭାଷାରେ ପାରଦର୍ଶିତା ଲାଭ କରିବା ସହିତ ଜଣେ ମେଧାବୀ ଭାବେ ସେ ସୁ-ପରିଚିତ ଥିଲେ । ଏହା ଛଡା ଘରୋଇ ଶିକ୍ଷକଙ୍କ ସହାୟତାରେ ସେ ବିଶ୍ୱ ଇତିହାସ, ବିଜ୍ଞାନ, ଦର୍ଶନ ଓ ଗଣିତ ଭଳି ଅନେକ ବିଦ୍ୟା ମଧ୍ୟ ଶିକ୍ଷା କରିଥିଲେ । ମାତ୍ର ୧୨ ବର୍ଷ ବୟସରେ ସେ ଜଣେ ମେଧାବୀ ଛାତ୍ର ଭାବେ ଉଭା ହୋଇଥିଲେ । ସେ ନିଜ ଘରେ ଏକ ପାଠାଗାର ଏବଂ ଏକ ଡିବେଟିଂ ସୋସାଇଟି ଚଳାଇବା ସହ ମଖଜାନ ନାମକ ସାହିତ୍ୟ ପତ୍ରିକାରେ ନିଜର ଲେଖା ପ୍ରକାଶ କରୁଥିଲେ । କେବଳ ସେତିକି ନୁହେଁ, ନିଜ ଘରେ ସେ ଏଭଳି ଅନେକ ଛାତ୍ରଙ୍କୁ ପାଠ ପଢ଼ାଉଥିଲେ ଯେଉଁମାନଙ୍କ ବୟସ ମୌଲାନଙ୍କ ବୟସର ଦୁଇଗୁଣ ଥିଲା । ଯୁବକ ସମୟରୁ ସେ କବିତା ରଚନା କରିବା ତଥା ଧର୍ମ ଏବଂ ଦର୍ଶନ ସମ୍ବନ୍ଧୀୟ ଗ୍ରନ୍ଥ ରଚନା କରିବାରେ ସିଦ୍ଧହସ୍ତ ଥିଲେ । ମାତ୍ର ୧୬ ବର୍ଷ ବୟସରେ ସେ ପାରମ୍ପରିକ ଶିକ୍ଷା ସମାପ୍ତ କରି ଜଣେ ସାମ୍ବାଦିକ ଭାବେ ବ୍ରିଟିଶ ରାଜ ସମୟର ମହତ୍ତ୍ୱପୂର୍ଣ୍ଣ ଘଟଣା ସବୁର ସମୀକ୍ଷା କରିବା ସହ ଭାରତୀୟଙ୍କ ମନରେ ଜାତୀୟତା ଭାବ ଉଦ୍ରେକ କରିବାରେ ତାଙ୍କର ଅନେକ ଲେଖା ତତ୍କାଳୀନ ସମୟରେ ବହୁ ବିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଆଦୃତ ହେବା ସହ ତାଙ୍କର ପ୍ରଚଣ୍ଡ ବୁଦ୍ଧିମତ୍ତାର ପରିଚୟ ପ୍ରଦାନ କରିଥିଲା । ଏସବୁ ସତ୍ତ୍ୱେ ମଧ୍ୟ ପରାଧୀନ ଭାରତର ଅବସ୍ଥାକୁ ଅନୁଭବ କରି ସେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ । ବଙ୍ଗ ବିଭାଜନ ସମୟରେ ଅରବିନ୍ଦ ଘୋଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ୧୯୦୫ ମସିହାରେ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ । ବୃତ୍ତିରେ ଜଣେ ସାମ୍ବାଦିକ ଥିବା ମୌଲାନ, ସମାଜ ସଂସ୍କାର ତଥା ଭାରତ ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ବ୍ରିଟିଶ ଶାସନର ତୀବ୍ର ସମାଲୋଚନା କରି ନିଜର ଲେଖନୀ ମୁନରେ ଯେଉଁ ଜାତୀୟତା ଭାବ ପ୍ରକାଶ କରୁଥିଲେ ତାହା ସ୍ୱାଧୀନତା ନିମନ୍ତେ ପ୍ରତ୍ୟେକଟି ଭାରତୀୟଙ୍କ ପିଣ୍ଡରେ ପ୍ରାଣ ସଂଚାର କରୁଥିଲା, ଯାହାକୁ ଇଂରେଜମାନେ ସହ୍ୟ କରିପାରୁନଥିଲେ । ତେଣୁ ବ୍ରିଟିଶରମାନଙ୍କର ଚକ୍ରାନ୍ତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ଖବରକାଗଜଟିକୁ ବନ୍ଦ କରି ଦିଆଯାଇଥିଲା, ଯାହା ତାଙ୍କୁ ଗଭୀର ଆଘାତ ଦେଇଥିଲା । ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ମଧ୍ୟ ଦେଶର ସବୁ ଲୋକଙ୍କୁ ଏକତ୍ରିତ କରି ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସେ ସଦା ଚେଷ୍ଟିତ ଥିଲେ । ସେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଓ ଅହିଂସା ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ନିଜର ଦକ୍ଷତା ଯୋଗୁଁ ଖିଲାଫତ୍ ଆନ୍ଦୋଳନର ନେତୃତ୍ୱ ନେଇ ଇଂରେଜ ଶାସନ ବିରୁଦ୍ଧରେ ଲଢେଇ କରିଥିଲେ । ଖିଲାଫତ ଆନ୍ଦୋଳନର ନେତୃତ୍ୱ ନେବାବେଳେ ସେ ମହାତ୍ମା ଗାନ୍ଧିଙ୍କ ସଂସ୍ପର୍ଶରେ ଆସିଥିଲେ । ଏହାପରେ ସେ ଗାନ୍ଧିଙ୍କ ଅହିଂସା ତତ୍ତ୍ୱର ଏକ ଉତ୍ସାହୀ ସମର୍ଥକ ପାଲଟିଯାଇଥିଲେ ଏବଂ ସ୍ୱଦେଶୀ ଓ ସ୍ୱରାଜ ସମ୍ବନ୍ଧରେ ଗାନ୍ଧିଙ୍କ ବିଚାରଧାରା ପ୍ରଚାର କରିବାରେ ନିଜର ପ୍ରତିବଦ୍ଧତା ପରିପ୍ରକାଶ କରିଥିଲେ । ଚୌରିଚୌରା ହତ୍ୟାକାଣ୍ଡ ଯୋଗୁଁ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ବନ୍ଦ ହୋଇଯିବାରୁ ୧୯୨୨ ମସିହାରେ ମୌଲାନ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଗାନ୍ଧିଜୀଙ୍କ ନେତୃତ୍ୱକୁ ଆଗକୁ ନେବା ପାଇଁ ସମଗ୍ର ଭାରତବାସୀଙ୍କୁ ପ୍ରବର୍ତ୍ତାଇଥିଲେ । ନିଜେ ସନ୍ୟାସୀ ଜୀବନଯାପନ କରିବା ସହ ଖଦୀ ବସ୍ତ୍ର ପରିଧାନ କଲେ ଏବଂ ସୂତା କାଟିଲେ । ୧୯୨୩ ମସିହାରେ ଅର୍ଥାତ୍ ମାତ୍ର ୩୫ ବର୍ଷ ବୟସରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ପଦ ଅଳଂକୃତ କରି ନିଜର ଦକ୍ଷତା ପ୍ରତିପାଦନ କରିପାରିଥିଲେ । କେବଳ ସେତିକି ନୁହେଁ ବରଂ ନିଜର ସଂଗ୍ରାମୀ ଜୀବନରେ ୧୯୨୭ ମସିହାରେ ସାଇମନ କମିଶନଙ୍କୁ ବିରୋଧ କରିବା,୧୯୩୦ରେ ଲବଣ ସତ୍ୟାଗ୍ରହରେ ଯୋଗଦାନ କରିବା, ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୌଲାନା କଂଗ୍ରେସ ଦଳର ମୁଖ୍ୟ ପୁରୋଧା ସାଜି ଭାରତ ଛାଡ଼ ଆନ୍ଦୋଳନ ଆଦିରେ ଯୋଗଦେଇ ବହୁବାର ଜେଲ୍ ମଧ୍ୟ ଯାଇଛନ୍ତି ।

ଦୀର୍ଘ ବର୍ଷ ଆପ୍ରାଣ ଉଦ୍ୟମ ପରେ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଭାରତ ସ୍ୱାଧୀନତା ପ୍ରାପ୍ତି ହେଲା ସତ କିନ୍ତୁ ତାଙ୍କର ସଂଗ୍ରାମ ସରିନଥିଲା । ସ୍ୱାଧୀନ ଭାରତରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ପ୍ରଧାନମନ୍ତ୍ରିତ୍ୱରେ ଗଣତନ୍ତ୍ର ବ୍ୟବସ୍ଥାରେ ପ୍ରଥମ ମନ୍ତ୍ରିମଣ୍ଡଳରେ ଭାରତର ପ୍ରଥମ କ୍ୟାବିନେଟ୍ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ମୌଲାନ । ସେ ୧୯୪୭ ଫେବୃଆରୀ ୨୨ ତାରିଖରୁ ୧୯୫୮ ମସିହା ପର୍ଯ୍ୟନ୍ତ ସ୍ୱାଧୀନ ଭାରତରେ ପ୍ରଥମ ଶିକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ସମୟରେ ସୁସ୍ଥ ସମାଜ ଓ ଉନ୍ନତ ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷାର ଭୂମିକାକୁ ଅଙ୍ଗେ ନିଭେଇଥିଲେ ଓ ଶିକ୍ଷା ମାଧ୍ୟମରେ ଏକ ଦେଶ ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ । ଓ୍ୱାନ ମ୍ୟାନ ଆର୍ମି ଭଳି ଏକାକୀ ନିରନ୍ତର ପ୍ରୟାସ ଜାରି ରଖି ସ୍ୱାଧୀନ ଭାରତର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଅନେକ ବିପ୍ଳବାତ୍ମକ ପରିବର୍ତ୍ତନ କରିଥିଲେ । ନିଜର ଦୀର୍ଘ ୧୧ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ପ୍ରସାର ନିମନ୍ତେ ଅନେକ ପଦକ୍ଷେପ ନେଇଥିଲେ । ଗ୍ରାମାଞ୍ଚଳରେ ଗରିବ ଏବଂ ବାଳିକାମାନଙ୍କୁ ଶିକ୍ଷା ଦେବା, ବୟସ୍କମାନଙ୍କୁ ସାକ୍ଷର କରିବା, ୬ ରୁ ୧୪ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା, ସର୍ବ ଭାରତୀୟ ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା, ଧନ୍ଦାମୂଳକ ତାଲିମର ବିବିଧତା ଉପରେ ଗୁରୁତ୍ୱାରୋପ କରିଥିଲେ । କେବଳ ସେତିକି ନୁହେଁ ବରଂ ଚିତ୍ରକଳାର ବିକାଶ ପାଇଁ ମୌଲାନ ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ, ଲଳିତ କଳା ଏକାଡେମୀ ଏବଂ ଭାରତୀୟ ସାଂସ୍କୃତିକ ପରିଷଦ ଭଳି ଅନେକ ଅନୁଷ୍ଠାନ ଗଠନ କରିଥିଲେ । ସ୍ୱାଧୀନ ଭାରତର ସ୍ଥପତି ଭାବେ ପରିଗଣିତ ହେଉଥିବା ଆଜାଦ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କିଛି ଗୁରୁତ୍ୱପୂର୍ଣ୍ଣ ବୋର୍ଡ, କମିଶନ ଗଠନ କରିଥିଲେ ଯେଉଁଥିରେ ୧୯୫୪ ମସିହାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି), ବୈଷୟିକ ଶିକ୍ଷା ପାଇଁ ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ(ଏଆଇସିଟିଇ), ମାଧ୍ୟମିକ ଶିକ୍ଷା ଆୟୋଗ ପ୍ରତିଷ୍ଠା କରିଥିଲେ । ୧୯୫୧ ମସିହାରେ ଆଇ ଆଇ ଟି, ଖଡ଼ଗପୁର, ଆଇ ସି ସି ଆର, ସି ଏସ ଆଇ ଆର,ଆଇ ଆଇ ଏସ ସି,ବାଙ୍ଗାଲୋର, ଦିଲ୍ଲୀ ସେଣ୍ଟ୍ରାଲ ଇନିଷ୍ଟ୍ୟୁଟ ଅଫ ଏଜୁକେଶନ( ବର୍ତ୍ତମାନର ଦିଲ୍ଲୀ ବିଶ୍ୱବିଦ୍ୟାଳୟ) , ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ, ସ୍କୁଲ ଅଫ୍ ଆର୍କିଟେକଚର ଆଣ୍ଡ ପ୍ଲାନିଂ, ଭଳି ଜାତୀୟସ୍ତରରେ ଅନେକ ଉଚ୍ଚ ଓ ଗବେଷଣଧର୍ମୀ ଶିକ୍ଷାନୁଷ୍ଠାନ ମାନ ସ୍ଥାପନା କରି ନିଜ ବଳିଷ୍ଠ କାର୍ଯ୍ୟ ଦକ୍ଷତାର ପ୍ରମାଣ ଦେଇଥିଲେ । ଏହି ଅନୁଷ୍ଠାନଗୁଡିକର ଏକାଡେମୀକ୍ ଉତ୍କର୍ଷତା ନିମନ୍ତେ ଅଧୁନା ଏହା ଗବେଷଣା,ସାହିତ୍ୟ,ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ ହୋଇପାରିଛି । ଅକ୍ଟୋବର ୧୯୨୦ରେ ମୌଲାନା ଆବୁଲ କାଲାମ ଆଜାଦ ଆଲିଗଡରେ ପ୍ରସ୍ତାବିତ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ଫାଉଣ୍ଡେସନ କମିଟିର ସଦସ୍ୟ ହେଲେ । ତତ୍କାଳୀନ ବ୍ରିଟିଶ କଲୋନିଆଲ ସରକାରଙ୍କ କୌଣସି ସାହାଯ୍ୟ ବିନା ଏହି ଅନୁଷ୍ଠାନ ଗଢିବା ଏବଂ ପରବର୍ତ୍ତୀ ସମୟରେ ଏହାକୁ ଆଲିଗଡରୁ ଦିଲ୍ଲୀକୁ ସ୍ଥାନାନ୍ତର କରାଇବାରେ ତାଙ୍କର ଭୂମିକା ପ୍ରଶଂସନୀୟ । ଶିକ୍ଷା ବ୍ୟତୀତ ସେ ଜଣେ ସମାଜ ସଂସ୍କାରକ ଭାବରେ ହିନ୍ଦୁ ଓ ମୁସଲିମ ସଂପ୍ରଦାୟ ମଧ୍ୟରେ ସଦ୍ଭାବନା ସୃଷ୍ଟି କରିବା ପାଇଁ ତାଙ୍କଦ୍ୱାରା ପ୍ରକାଶିତ ଏକ ଖବର କାଗଜ ଅଲ୍-ହିଲାଲ ମାଧ୍ୟମରେ ସେ ନିରନ୍ତର ଉଦ୍ୟମ ଜାରି ରଖିଥିଲେ । ଭାରତରେ ଶିକ୍ଷା ଏବଂ ସାମାଜିକ ଉନ୍ନତି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ତାଙ୍କୁ ଭାରତର ଆର୍ଥିକ ତଥା ସାମାଜିକ ବିକାଶର ମାର୍ଗଦର୍ଶକ ସଜାଇ ଥିଲା ।

ନୂତନ ଭାରତର ସ୍ଥପତି ବା ବିଧାଣୀ ସାଜି ସେ ଯେଉଁ ଅଦମନୀୟ କାର୍ଯ୍ୟ କରିଯାଇଛନ୍ତି ତାହା ଆଜି ତାଙ୍କୁ ଅମର କରି ରଖିଛି । ନିଜେ ସ୍ୱାଧୀନତା ପାଇଁ ଲଢ଼ିବା ଏବଂ ସ୍ୱାଧୀନତା ପ୍ରାପ୍ତି ପରେ ଶିକ୍ଷା ବ୍ୟବସ୍ଥାର ଦାୟିତ୍ୱକୁ ନିଜେ ବହନ କରି ଉନ୍ନତ ରାଷ୍ଟ୍ର ଗଠନ କରିବା ଏହିଭଳି ବିରଳ ବ୍ୟକ୍ତିତ୍ୱ କେବଳ ଆଜାଦ ହିଁ ହୋଇପାରନ୍ତି । ୧୯୫୮ ଫେବୃଆରୀ ୨୨ରେ ଦିଲ୍ଲୀରେ ହୃଦଘାତରେ ତାଙ୍କର ଦେହାନ୍ତ ହୋଇଥିଲା ସତ କିନ୍ତୁ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ତାଙ୍କର ଅବଦାନ ତାଙ୍କୁ ଚିର କାଳକୁ ଅମର କରି ରଖିଥିଲା । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଶିକ୍ଷାକୁ ଉନ୍ନତ ଓ ସୁଲଭ କରାଇବାରେ ତାଙ୍କର ପଦକ୍ଷେପଗୁଡ଼ିକ ଖୁବ୍ ପ୍ରଶଂସନୀୟ ଓ ସମ୍ମାନସ୍ପଦ ।

ରାଷ୍ଟ୍ର ପାଇଁ ତାଙ୍କର ଏହି ଅମୂଲ୍ୟ ଅବଦାନ ସଦୃଶ ତାଙ୍କ ଅବର୍ତ୍ତମାନରେ ତାଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ଉପାଧୀ ଭାରତ ରତ୍ନ ଉପାଧିରେ ଭୂଷିତ କରାଯିବା ସହିତ ୨୦୦୮ ମସିହାରୁ ତାଙ୍କର ଜନ୍ମ ଦିବସକୁ ଭାରତରେ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି । ପ୍ରକୃତରେ ସେ ଥିଲେ ନୂତନ ଭାରତର ବିଧାଣୀ ଯାହାଙ୍କର ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣୀତ ହେବା ସହ ଦେଶର ବିକାଶରେ ନିଜକୁ ସାମିଲ କରିବା ଉଚିତ ।

ଅଧ୍ୟାପକ,ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ
ମୋ-୯୪୩୮୦୭୦୮୪୯

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଦଳି...

ମୁଖ୍ୟ ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଏହି ଗାଇଡ୍‌ଲାଇନ୍‌କୁ ଦକ୍ଷତା ସହ କାର୍ଯ୍ୟକାରି ସୁନିଶ୍ଚିତ କରିବା ପାଇଁ ସବୁ ଜିଲ୍ଲାପାଳ ଓ ସଚିବଙ୍କୁ କହିଛନ୍ତି । କିଛି ସରକାରୀ କର୍ମଚାରୀ ନିଜର ବଦଳି ଓ ନିଯୁକ୍ତି ପାଇଁ ବାହ୍ୟ ଚାପ ପକାଇବାକୁ ପ୍ରୟାସ କରୁଛନ୍ତି । ସରକାରୀ କର୍ମଚାରୀମାନେ ନିଜ ଆଚରଣରେ ଉଚ୍ଚମାନର ନିଷ୍ଠା ବଜାୟ ରଖିବା ସହ ସମସ୍ତ ସେବା ପ୍ରସଙ୍ଗରେ ସ୍ୱଚ୍ଛତା ଓ ପାରଦର୍ଶିତା ନୀତିର ଅବଲମ୍ବନ କରିବା ଆବଶ୍ୟକ । ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଚଳିତ ନୀତି ଆଧାରରେ ସ୍ୱାଭାବିକ ଭାବେ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି କରାଯାଇଥାଏ । ତେଣୁ ଏହି ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଯେ କୌଣସି ପ୍ରକାର ଉଦ୍ୟମକୁ ଖରାପ ଆଚରଣ ଭାବେ ବିଚାର କରାଯିବ । ସମ୍ପୃକ୍ତ କର୍ମଚାରୀଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି ।

## ସିଜେଆଇ...

କାର୍ଯ୍ୟ କରୁଥିଲେ । ପ୍ରଥମେ ୨୦୦୫ରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟର ଅତିରିକ୍ତ ବିଚାରପତି କରାଯାଇଥିଲା । ୨୦୦୬ରେ ସେ ସ୍ଥାୟୀ ଜଜ୍ ଭାବେ ଦିଲ୍ଲୀ ହାଇକୋର୍ଟରେ ନିଯୁକ୍ତି ପାଇଥିଲେ । ଜଷ୍ଟିସ୍ ଖାନ୍ନା ମଧ୍ୟ ଦିଲ୍ଲୀ ଜୁଡିସିଆଲ୍ ଏକାଡେମୀ ଅଧ୍ୟକ୍ଷ ହେବାସହ ଦିଲ୍ଲୀ ଇଣ୍ଟରନ୍ୟାସନାଲ୍ ଆର୍ବି ଟେସନ୍ ସେଣ୍ଟର ଏବଂ ଡିଷ୍ଟ୍ରିକ୍ଟ କୋର୍ଟ ମେଡିଟେସନ୍ ସେଣ୍ଟରର ଅଧ୍ୟକ୍ଷ ରହିଛନ୍ତି । ୨୦୨୩ ଜୁନ୍ ୧୭ରୁ ଡିସେମ୍ବର ୨୫ ପର୍ଯ୍ୟନ୍ତ ଜଷ୍ଟିସ୍ ଖାନ୍ନା ମଧ୍ୟ ସୁପ୍ରିମ୍‌କୋର୍ଟର ଆଇନ୍ ସେବା କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି । ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟରେ ସେ ଅଂଶୀଦାର ଅଛନ୍ତି । ବିଶେଷକରି ଟିଭି ସୋ'ରେ ସାମ୍ବାଦିକମାନଙ୍କର ମନ୍ତବ୍ୟ ମାମଲାରେ ସେ ଏତଲାକୁ ଖାରଜ କରିଥିଲେ । ଏବେ ସେ ଆଲିଗଡ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟକୁ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ ମାମଲାର ବିଚାର କରିବେ ।

## ଅତନୁଙ୍କ...

ସରକାର ଗଢ଼ିବ ବୋଲି ମତ ରଖିଥିଲେ । ତେବେ ଅତନୁଙ୍କ ମନ୍ତବ୍ୟ ଉପରେ ବିଜେପି ଓ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ରଖାଯାଇଛି । ବିଜେପିର ଆମଦାନି ନେତା ସରୋଜ ପାଢ଼ୀ କହିଛନ୍ତି ଯେ ଅତନୁଙ୍କୁ ସଂଖ୍ୟା ଗଣିତ ଠିକ୍ ଭାବେ ଜଣାନାହିଁ । ୭ ରୁ ୮ ବିଧାୟକ ଗଲେ କ'ଣ ହୋଇଯିବ । ଦଳ ଛାଡିବା ପାଇଁ ହେଲେ ଏକ ତୃତୀୟାଂଶ ବିଧାୟକ ଆବଶ୍ୟକ । ବରଂ ବିଜେଡିର ୨୭ ବିଧାୟକ ବିଜେପିର ଶୀର୍ଷ ନେତୃତ୍ୱର ସଂସ୍ପର୍ଶରେ ଅଛନ୍ତି । ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏପରି କୁହାଯାଉଛି । ନିୟମ ନଥାଇ ବେନିୟମ କଥାଗୁଡ଼ିକ କହିଲେ କ'ଣ ହେବ । ୨୦୨୯ ବେଳକୁ ବିଜେଡି ଓ କଂଗ୍ରେସ ଭାଗ ଭାଗ ହୋଇଯାଇଥିବ । ସେହିପରି କଂଗ୍ରେସ ନେତା ମହମ୍ମଦ ମୋକିମ୍ ମଧ୍ୟ ଅତନୁଙ୍କ ମନ୍ତବ୍ୟକୁ ନାପସନ୍ଦ କରିଛନ୍ତି । ସେ କହିଛନ୍ତି ଯେ ବିଜେଡି ସହ ମିଶି ସରକାର କରିବାର ପ୍ରଶ୍ନ ନାହିଁ । କଂଗ୍ରେସ ନିଜ ଦମ୍‌ରେ ଓଡ଼ିଶାରେ ପୁଣି ସରକାର କରିବ ବୋଲି ସେ ଦମ୍ଭୋକ୍ତି ଦେଖାଇଛନ୍ତି ।

## ଝାଡଖଣ୍ଡ...

କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସାଂସଦ ନବକିଶୋର ମାଝୀ ଓ ମମତା ମହନ୍ତ ମଧ୍ୟ ଝାଡଖଣ୍ଡର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗସ୍ତ କରୁଛନ୍ତି । ଓଡ଼ିଶା ନେତାମାନେ ସେଠାରେ ରହୁଥିବା ଓଡ଼ିଆଙ୍କୁ ଭେଟି ବିଜେପିକୁ ଭୋଟ୍ ଦେବାକୁ ପ୍ରବର୍ତ୍ତାଉଛନ୍ତି । ତେବେ କଂଗ୍ରେସର ଓଡ଼ିଶା ନେତା ବି ପଛରେ ପଡୁନାହାନ୍ତି । ଓଡ଼ିଶା କଂଗ୍ରେସ ପ୍ରଭାରୀ ଥିବା ଅଜୟ କୁମାର ମଧ୍ୟ ସେଠାରେ ରାଜ୍ୟପାଳ ରଘୁବୀର ଦାସଙ୍କ ବୋହୁ ବିରୋଧରେ ନିର୍ବାଚନ ଲଢୁଛନ୍ତି । କଂଗ୍ରେସ ସପକ୍ଷରେ ପ୍ରଚାର ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା, କଂଗ୍ରେସ ବିଧାୟ ଦଳର ନେତା ରାମଚନ୍ଦ୍ର କାଡାମ, ବିଧାୟକ ଅଶୋକ ଦାସ, ବିଶ୍ୱରଞ୍ଜନ ମହାନ୍ତିଙ୍କ ସମେତ ବହୁ ନେତା ପ୍ରଚାରରେ ସାମିଲ ହୋଇଛନ୍ତି । ଝାଡଖଣ୍ଡ ଯାଇଥିବା ଅଧିକାଂଶ କଂଗ୍ରେସ ନେତା ଜାମ୍‌ସେଦ୍‌ପୁର ଇଷ୍ଟ ଆସନରେ ପ୍ରଚାର କରୁଛନ୍ତି । ୧୯୯୦ ପରଠାରୁ ଏହି ଆସନରେ କଂଗ୍ରେସ ଜିତିନାହିଁ । ପ୍ରଚାରରେ ମଧ୍ୟ ଓଡ଼ିଶା ଜେଏମ୍‌ଏମ୍ ନେତା ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ୍‌ଙ୍କ ନିଜଘର ମୟୂରଭଞ୍ଜରେ । ବାରିପଦାରେ ରହୁଥିବା ଜେଏମ୍‌ଏମ୍ ନେତ୍ରୀ ତଥା ଅଞ୍ଜନୀ ସୋରେନ୍ ଝାଡଖଣ୍ଡରେ ପ୍ରଚାର କରୁଛନ୍ତି । ଓଡ଼ିଶାରେ ଜେଏମ୍‌ଏମ୍ ଦୁର୍ବଳ ଥିଲେ ସୁଦ୍ଧା ଝାଡଖଣ୍ଡରେ ବିଜେଡି ନେତାଙ୍କ ସଂସ୍ପର୍ଶରେ ଅଛନ୍ତି । ପ୍ରାୟ ୧୮ ବିଧାନସଭା ନିର୍ବାଚନ ମଣ୍ଡଳିରେ ଓଡ଼ିଆ ଭାଷା କହୁଥିବା ଲୋକଙ୍କ ପ୍ରଭାବ ରହିଛି । ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି, ଶଢ଼େଇକଳା-ଖରସୁଆଁ, ସିମଡେଗା ଆଦି ଜିଲ୍ଲାରେ ଏହି ପ୍ରଭାବ ରହିଛି । ଦକ୍ଷିଣ ଛୋଟନାଗପୁର ଓ କୋହ୍ଲାଣ ଅଞ୍ଚଳ ଭାବେ ଏହ ପରିଚିତ । ଏଥିରେ ୧୪ ବିଧାନସଭା କ୍ଷେତ୍ରରୁ ୯ଟି ଆସନ ଏସ୍‌ଟି ଓ ଗୋଟିଏ ଆସନ ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ । ତେବେ ଅଧିକାଂଶ ଆସନରେ ଓଡ଼ିଆ ଲୋକଙ୍କର ମତ ହିଁ ନିର୍ବାଚନକୁ ପ୍ରଭାବିତ କରିବ ବୋଲି କୁହାଯାଉଛି ।

## ୧୫ରୁ...

ଓଡ଼ିଶା ସହ କିଛି ଜାଗାରେ ହାଲୁକା ବର୍ଷା ସମ୍ଭାବନାର ସମ୍ଭାବନା ରହିଛି । ଉପକୂଳ ଓ ମୟୂରଭଞ୍ଜ, କେନ୍ଦୁଝରରେ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି । ଆସନ୍ତାକାଲି(ମଙ୍ଗଳବାର) ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ାରେ ବର୍ଷା ହେବା ନେଇ ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

# ଗୋରୁ ବେପାରୀଙ୍କ ଠାରୁ ଟଙ୍କା ଛଡ଼ାଇ ନେଲେ ହାବିଲଦାର

ନୀଳଗିରି,(ସବ୍ୟୁ) :ହାବିଲଦାରଙ୍କ କଳାକାରନାମା । ଗୋରୁ ଚାଲାଣ ବେଳେ ଯୁବକଙ୍କ ଠାରୁ ନେଲେ ୨ ହଜାର ଟଙ୍କା ଲାଞ୍ଚ।ପାଲଟା ଦେଲେ ଧମକ। ଫୋନ ପେ ରେ ଟଙ୍କା ନେବାର ଚିତ୍ର ସହ ଫୋନ ଟେପିଂ ହେଉଛି ଭାଇରାଲ।ଏଭଳି ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ବରମପୁର ଥାନାରେ ଘଟିଛି।ସୂଚନାଯୋଗ୍ୟ ବରମପୁର ଥାନାରେ ପୋଲିସର ଅଶାଳୀନ ବ୍ୟବହାର ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଛନ୍ତି। ହେଲେ କାର୍ଯ୍ୟରତ ହାବିଲଦାର ଅଞ୍ଜନ ମିଶ୍ରଙ୍କ କାରନାମାକୁ ନେଇ ଚାରିଆଡେ ଅସନ୍ତୋଷ ଦେଖାଦେଇଛି।ଜଣେ ଯୁବକ ଗାଡ଼ିରେ ଗୋରୁ ନେଇ ଯିବା ସମୟରେ ହାବିଲଦାର ଅଞ୍ଜନ ମିଶ୍ର ଅଟକାଇ ଟଙ୍କା ମାଗିଥିଲେ। ଜବାବ ଅନୁସାରେ ଟଙ୍କା ପଠାଇବାକୁ କହି ୯୧୫୪୦୭୮୪୨୨ ନମ୍ବର ଦେଇଥିଲେ। ଯୁବକ ଜଣକ ହଜାରେ ଦେଉଛି ପରେ ୧୫୦୦ ଦେବ ବୋଲି କହିବାରୁ ହାବିଲଦାର ଜଣକ ଧମକାଇ ସବୁ ଗାଡି ଥାନାରେ ପୁରାଇବି ପରେ ନୀଳଗିରି ଥାନାକୁ ଯିବି ବୋଲି କହିଥିଲେ। ମୁଁ ହେଉଛି କ୍ରାଇମ ହାବିଲଦାର । ଜବାବରେ ଢିଲା ହେଲେ ପୁରା ଭିତରକୁ ପୁରାଇବି କହି ଧମକ ଦେବା ସହ ଅଶାଳୀନ ବ୍ୟବହାର କରିଥିଲେ। ଯାହା ଏବେ ଭାଇରାଲ ହେବାରେ ଲାଗିଛି। ଟଙ୍କା ଦେଇଥିବା ଯୁବକ ଜଣକ ଭୟରେ ଥିବା ବେଳେ ହାବିଲଦାର ଜଣକ ଘଟଣା ଚାପିବାକୁ ପୁରା ଲାଗିପଡିଛନ୍ତି। ତେବେ ଏସପି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ମାତିଲେଣି ମାଙ୍କଡା ମାଫିଆ : ଶ୍ରୀହୀନ କୁପାରୀ ରାଜସ୍ୱ କ୍ଷେତ୍ର

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରର ଶହ ଶହ ଏକର ସରକାରୀ ଜମିରେ ଏକେ ବେଧଡକ ମାଙ୍କଡା ଖନନ ଯୋଗୁଁ ଦିନେ ପୁଣ୍ୟଭୂମି ଭାବେ ଖ୍ୟାତି ଲାଭ କରିଥିବା କୁପାରୀ ଆଜି ଶ୍ରୀହୀନ ହୋଇ ପଡିଲାଣି । ଚାରିଆଡେ ଖାଲଖମାରେ ଭର୍ତ୍ତୀ ହୋଇ ସାରିଲାଣି । ଖଣି ବିଭାଗ ଓ ରାଜସ୍ୱ ବିଭାଗର କିଛି ଅଧିକାରୀଙ୍କ ସହ ହାତ ମିଳାଇ ମାଫିଆ ମାନେ ୨୦ରୁ ଅଧୀକ ଖଣିରେ ବେଆଇନ କାର୍ଯ୍ୟ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବିଶେଷ ଭାବେ ରାତି ୯ଟାରୁ ଏହି ଖନନ କାର୍ଯ୍ୟ ଆରମ୍ଭ ହୋଇ ରାତି ୪ଟା ପର୍ଯ୍ୟନ୍ତ ଚାଲୁଛି । ଏହି ସମୟ ଅଧିକାରୀ ମାନଙ୍କ ଶୋଇବା ସମୟ ହୋଇଥିବାରୁ ମାଫିଆ ମାନେ ବିନା ବାଧାରେ ଏହା କରି ଚାଲିଛନ୍ତି । ମାଙ୍କଡା ଉତ୍ତୋଳନ ପରେ ଏହି ବିରାଟ ବିରାଟ ଆକାରର ଖାଲକୁ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଉଥିବାରୁ ବହୁ ନିରିହ ଜୀବିନ ମାଟିରେ ମିଶୁଛି । ମଣିଷ,ପଶୁପକ୍ଷୀ କେହିବି ଏଥିରୁ ବାଦ ପଡୁନାହାଁନ୍ତି । ଯଦି ଏହିଭଳି ଖୁଲମଖୁଲା ମାଙ୍କଡା ଚୋରା ଚାଲଣ ଜାରି ରହେ ତେବେ କୁପାରୀ ଅଞ୍ଚଳ ଶ୍ମଶାନ ପାଲଟିବା ସହ କେବଳ କିଛି କୃତ୍ରିମ ହ୍ରଦ ମଧ୍ୟରେ ଏହା ସିମିତ ହୋଇ ରହିଯିବ ଏଥିରେ ସନ୍ଦେହନାହିଁ । ଉକ୍ତ କୁପାରୀ ଅଞ୍ଚଳର ଶାରିଶୁଆ ପାହାଡର ପାଦଦେଶରେ ଅବସ୍ଥିତ ଥିବା ବେଳେ ମାଟି ତଳେ କୋଟି କୋଟି ଟଙ୍କାର ମାଙ୍କଡା ଗଚ୍ଛିତ ହୋଇ ରହିଛି । ପୂର୍ବରୁ ଏହା ନିଲାମ ଦିଆଯାଉଥିବା ବେଳେ ପାଖାପାଖି ୨୫ ବର୍ଷ ତଳୁ ନିଲାମ ବନ୍ଦ ରହିଛି । ହେଲେ ସେହି ଦିନ ଠାରୁ ପର୍ଯ୍ୟାପ୍ତ ମାଙ୍କଡା ଚୋରାରେ ଖୋଳାଯାଇ ବାହାରକୁ ଚାଲାଣ କରାଯାଉଛି । ନିଲାମ କରାଯାଇ ସରକାରଙ୍କ ରାଜସ୍ୱ ପାଣ୍ଠିକୁ ଅର୍ଥ ଯିବା ବଦଳରେ ଏବେ ଏହା କିଛି ଅଧିକାରୀଙ୍କ ବ୍ୟକ୍ତିଗତ ପାଣ୍ଠି ବଢାଇବାରେ ମୁଖ୍ୟ ଆୟରପନ୍ଥା ପାଲଟିଛି । କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଥିବା ଏହି ବଡ ବଡ ଖାଲରେ ପଡି ଶୌଚ ହେବାକୁ ଯାଉଥିବା ବୁଢୀବୁଢା ପ୍ରାଣ ହରାଇବା ସହ ଗଗୁଆ ଆଶ୍ରମ ସ୍କୁଲର ପିଲାମଧ୍ୟ ବାଦ ପଡୁନାହାଁନ୍ତି । ଏହି ଖାଲକଡ ରାସ୍ତା ଦେଇ ଖଣି,ରାଜସ୍ୱ,ବନ ବିଭାଗ ଅଧିକାରୀ ମାନେ ପାହଡରେ ଥିବା ପଥର ଖଣିକୁ ଯାଉଥିଲେ ହେଁ ଥରେ ମଧ୍ୟ ଚଢାଉ ଉପରେ ଗୁରୁତ୍ୱ ଦେଉନାହାଁନ୍ତି । ୧୦ବର୍ଷ ରେ ୧୨ରୁ ଅଧୀକ ଜୀବନ ଯାଇ ସାରିଥିବା ବେଳେ ଅନ୍ୟପଟେ ହରିଣ,ବରାହା ସମ୍ବର ଭଳି ବନ୍ୟଜନ୍ତୁ ଓ ଗାଈ କୁକୁର ଭଳି ଗୃହପାଳିତ ପଶୁ ପାଣିରେ ପଡି ଜୀବନ ହାରିବା,ନିତି ଦିନିଆ ଘଟଣା ପାଲଟି ଗଲାଣି । କୁପାରୀ ରାଜସ୍ୱ କ୍ଷେତ୍ରର କୁପାରୀ କଲେଜ ପଛପଟ,ବରପଦା,କୁକୁଡା ଫାର୍ମ ପଛପଟ,ସରକାରୀ ମଦ ଦୋକାନ ପଛପଟେ,ଡିବିଏଲ ନିକଟରେ ଏବେ ପ୍ରତ୍ୟେକ ରାତିରେ ବହୁ ସଂଖ୍ୟାର ମେସିନ ମାଙ୍କଡା ଖନନ କାର୍ଯ୍ୟରେ ନିୟୋଜିତ ରହୁଛି । ଏ ସମ୍ପର୍କରେ ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀଙ୍କୁ ଯୋଗାଯୋଗ କରିବାରେ ସେ ଏହା ଉପରେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ହୋଟେଲରୁ ମଦ ଜବତ, ୪ କୋର୍ଟ ଚାଲାଣ

ଖଇରା (ସବ୍ୟୁ) :ଖଇରା ଅବକାରୀ ବିଭାଗ ପକ୍ଷରୁ ଖଇରା ଓ ସିମୁଳିଆ ଥାନାର ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇ ୭୨ଲିଟର ଦେଶୀ ଓ ୬ଲିଟର ବିଦେଶୀ ମଦ ଜବତ କରାଯିବା ସହ ଏଥିରେ ସଂପୃକ୍ତ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ ଖଇରା ହାଇସ୍କୁଲ ନିକଟସ୍ଥ ଲକ୍ଷ୍ମୀନାରାୟଣ ହୋଟେଲର ମାଲିକ ନିର୍ମଳ ଲେଙ୍କା, ବଡନୁଆଗାଁ ପଞ୍ଚାୟତ କୁମାର ମୌଦା ଗ୍ରାମର ଭଗବାନ ଗାହାଣ,ରଟିଣା ଗ୍ରାମର ରମାକାନ୍ତ ନାୟକ ଓ ଅନ୍ତରା ନୂଆ ଗ୍ରାମର ଗୌତମ ଜେନା । ତେବେ ଅଧିକାଂଶ ସମୟରେ ବିଭାଗୀୟ ଅଧିକାରୀ ମାନେ ଅଧିକ ପରିମାଣର ମଦ ଧରୁଥିଲେ ମଧ୍ୟ କମଦେଖାଉଥିବା କାରଣରୁ ଅଭିଯୁକ୍ତ ମାନେ ଦିନକ ମଧ୍ୟରେ ବେଲରେ ଆସି ମଦ ବ୍ୟବସାୟକୁ ବ୍ୟାପକ କରୁଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏଥିରୁ ମଧ୍ୟ କିଛି କର୍ମଚାରୀଙ୍କ ଆୟର ପନ୍ଥା ବଢୁଥିବା ନେଇ କୁହାଯାଉଛି । ଅବକାରୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

**AFFIDAVIT**

By virtue of an Affidavit no-221 sworn before NOTARY PUBLIC, BHUBANESWAR, Dated. 11.11.2024. I INDRA PATRA, Address : SAMANTARAPALLI, PO-GENJA, PS-SURADA, DIST-GANJAM, ODISHA declare that I have changed my daughter's Name from SAPNA PATRA to SWAPNA PATRA. Henceforth, She shall be known as SWAPNA PATRA for all purposes.

Sd/- INDRA PATRA

**GOVERNMENT OF ODISHA : OFFICE OF THE SUPERINTENDING ENGINEER, JHARSUGUDA (R&B) DIVISION, JHARSUGUDA**

E-mail ID: eepwdjsg2014@gmail.com
Telephone: 06645-271242,
Kalimandir Road, Jharsuguda, 768202

B-599

**"e"-Procurement Notice**

**Bid Identification No-SE-R&B-JSG- 11 OF 2024-25.**

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single cover** system on ON-LINE mode from eligible contractors for Construction of **Civil/Electrical Work as detailed in DTCN** | | |
| 2. | Nature of Work | : | Civil & Electrical Works |
| 3. | Estimated cost | : | Rs. 18.00 Lakhs to Rs.38.00 Lakhs |
| 4. | No. of work. | : | 03 (Three) Nos |
| 5. | Tender Cost | : | Rs. 6000/- (as per DTCN) |
| 6. | Class of Contractor | : | Sl No.1 & 2 - Specialized Agency (Joint venture with MV/HT contractor Sl No. 3- "C" & "B" |
| 7. | Availability of bid document in the website | : | 10.00 A.M. of 12.11.2024 to 05.00 P.M. of 21.11.2024 |
| 8. | Date of opening of Technical Bid (Cover-I) | : | 11.00 AM on Dt. 22.11.2024 |
| 9. | The bidders have to participate in ON-LINE bidding only. Further details can be seen from the website **(https://tendersodisha.gov.in).** Any addendum / corrigendum / cancellation of tender can also be seen in the said website. | | |

Sd/- Superintending Engineer
Jharsuguda (R&B) Division

OIPR : 34094/11/0015/2425

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER,**
**DEO IRRIGATION PROJECT, KARANJIA**
AT/PO: KARANJIA, DIST.: MAYURBHANJ-757037
Tel: 06796-296144, e-mail: cce.dip.dowr@gmail.com

A-552

**"e" Procurement Notice**

**Bid Identification No.: 02/CCEDIP of 2024-25**

Name of Work : As per Detailed Tender Call Notice
Total No. of Packages : 05 (Five) Nos. of Individual Work
Estimated cost of Package : From 270.02 Lakhs to 693.73 Lakhs
Period of Completion : 06 (Six) to 09 (Nine) Months
Class of Contractor : "B", "A" and "Special" Class Contractor
Other Details :

| Procurement Officer | Bid Identification No. | Availability of tender on-line for bidding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 02/CCEDIP of 2024-25 | 14.11.2024 at 10.000 AM | 28.11.2024 up to 05.30 PM |

Further details can be seen from the Govt. web site **www.tendersodisha.gov.in.**
Any addendum/ corrigendum/ cancellation of tender can also be seen in the said Website.

Sd/- Chief Construction Engineer,
Deo Irrigation Project, Karanjia.

OIPR : 32337/11/0002/2425

**OFFICE OF THE MUNICIPAL COUNCIL KEONJHARGARH**
email- keonjharm.hud@rediffmail.com

C-966

**Invitation for Bids (IFB)' e' Procurement NOTICE**

**Bid Identification No.ODULB_KGM-05/2024-25**

**Letter No/7554/KGM Date.08.11.2024**

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system .through e-Procurement

1. Nature of work : **Civil Work and Electrical Work.**
2. No of Work : 5 **Nos**
3. Value of works : Rs. **2,46,321/- to 19,99,700/-**
4. Date & Time of availability of Bid document in the portal : From. **11.11.2024** at 11.00 A.M. up to **19.11.2024** at 5.30 P.M.
5. Date of Opening of bid in portal. : **21.11.2024** at 11.00 A.M.
6. Name & address of the officer in Inviting Bid : EO, Keonjharagrh Municipality

Further details can be seen from Website: **www.tendersorissa.gov.in**

Sd/- Executive Officer
Keonjhargarh Municipality

OIPR : 13115/11/0008/2425

**OFFICE OF THE DIVISIONAL FOREST OFFICER, BERHAMPUR DIVISION**
**AT-COURTPETA, BRAHMAPUR-760004**
Phone/Fax- 0680-2281354, Mob- +91 7653908594, Email-dfo.berhampur@odisha.gov.in

MM-231

**Bid Identification No.08/2024-25 /IF Dated. 10 .11.2024**

**TENDER CALL NOTICE FOR CONSTRUCTION OF FOREST GUARD QUARTERS IN BERHAMPUR FOREST DIVISION. BERHAMPUR**

The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFF-LINE mode from eligible contractors with valid licenses for execution of Building & other work as detailed in DTCN

| | | | |
|---|---|---|---|
| 1. | **Nature of Works** | : | **Construction of Building Work** |
| 2. | No. of Work (03 nos) | : | **Construction Forest Guard Quarter at Samantiapalli Forest Range Office Campus for Samantiapalli Beat.**<br>**Construction Forest Guard Quarter at Jarada for jarada Beat of Samantiapalli Range**<br>**Construction of Forest Guard Quarter at Bomakei for Bomakei Beat of Digapahandi Range.** |
| 3. | Tender Form Cost | : | **Rs. 6000/- (For each Forest Guard Quarters)** |
| 4. | Class of Contractor | : | **"C & D" Class Contractor** |
| 5. | Availability of bid document in the Office | : | **From Dt. 11.11.2024 10.00 A.M.** |
| 6. | Last date and time of submission of bids. | : | **Dt. 25.11.2024 5.00 P.M.** |
| 7. | Date of opening of Bid | : | **Dt. 26.11.2024 at 11.00 AM** |
| 8. | The bidders have to participate in OFF-LINE bidding only. | | |

Sd/- Divisional Forest Officer
Brahmapur Division

OIPR : 08038/11/0018/2425

# ଜଳସେଚନ ବିଭାଗର ଅଜବ ନୀତି : ନଦୀବନ୍ଧ ମରଣଯନ୍ତା

ଦୋବଲ,(ସବ୍ୟୁ) :ଧାମନଗର ଜଳସେଚନ ବିଭାଗ ଅଧିନସ୍ତ ଗେଙ୍ଗୁଟି ନଦୀବନ୍ଧ ବିପର୍ଯ୍ୟସ୍ତ ଜାତାୟତ ପାଇଁ ଲୋକେ ହଇରାଣ ହେଉଛନ୍ତି। ମାତ୍ର ତେଲିଆ ମୁଣ୍ଡରେ ତେଲ ପରି ପଥର ପ୍ୟାକିଙ୍ଗ କୋଟି କୋଟି ଟଙ୍କା ମଞ୍ଜୁର ହେଉଛି। ତେବେ ଜଳସେଚନ ବିଭାଗର ଏ କି ଅଜବ ନୀତି ?୦ ପ୍ରକାଶ ଥାଉ କି,ପ୍ରାଥମିକ ପର୍ଯ୍ୟାୟରେ ଗାଁ ଲୋକଙ୍କ ପାଇଁ ରାସ୍ତା ଆବଶ୍ୟକ। ଭାରି ଦୟନୀୟ ଅବସ୍ଥାରେ ଲୋକେ ଯାଆସ କରୁଛନ୍ତି। ବର୍ଷା ହେଲେ ଘରୁ ବାହାରିବା କଷ୍ଟ ହୋଇଯାଉଛି। ଚାରି କିଲୋମିଟରର ରାସ୍ତାକୁ ପାରି ହେବାକୁ ୮ କିଲୋମିଟର ବୁଲିବାକୁ ପଡୁଛି। ଏନେଇ ଲୋକେ ବାରମ୍ବାର ଦାବି କରୁଥିଲେ ବି ପ୍ରଶାସନ କି ରାଜନେତା ଭ୍ରୁକ୍ଷେପ କରୁନାହାନ୍ତି। ଏଭଳି ପରିସ୍ଥିତିରେ ଜୀବନ କାଟୁଛନ୍ତି ଧାମନଗର ବ୍ଲକ ଦୋବଲ ପଂଚାୟତର ନନ୍ଦିପୁର ଅଙ୍ଗେଇପାଳ ଓ କରଦା ପଂଚାୟତର ଚଷାଖଣ୍ଡ ଗାଁ ଲୋକେ। ସେମାନେ ଆଶା କରିଥିଲେ କୋରକଦା ଗଡ଼ାଣିରୁ କରଦା ଯାଏ ରାସ୍ତା ପିଚୁ ହୋଇଯିବ। ଏନେଇ ଗତ ନିର୍ବାଚନ ବେଳେ ଧାମନଗର ବିଧାୟକ ତଥା ଏବେ କାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଶ୍ରୁତି ବି ଦେଇଥିଲେ। ହେଲେ ନୂଆ ସରକାର ଆସିବାର ୪ମାସ ପରେ ବି ରାସ୍ତା ସଂପର୍କରେ କୌଣସି ପଦକ୍ଷେପ ନିଆଯାଇନାହିଁ। ବରଂ ତା ବଦଳରେ ଗତ ଅଗଷ୍ଟ ମାସରେ ଜଳ ସଂପଦ ବିଭାଗ ଆଉ ଏକ ଚିଠି କରିଛନ୍ତି। ଏଥିରେ ଗେଙ୍ଗୁଟି ନଦୀର ପଠା ମରାମତି କରିବାକୁ ଅର୍ଥ ମଞ୍ଜୁରୀ କରାଯାଇଥିବା ଦର୍ଶାଯାଇଛି। ଚଷାଖଣ୍ଡ,ନନ୍ଦିପୁର ଓ ଅଙ୍ଗେଇପାଳ ଗାଁ ପାଖରେ ନଦୀପଠା ରେ ପଥର ପ୍ୟାକିଂ କରିବା ଲାଗି ୨କୋଟି ୯୦ଲକ୍ଷ ଟଙ୍କା ମଞ୍ଜୁର କରିଛି ଜଳସଂପଦ ବିଭାଗ। ଏନେଇ ଖୁବଶୀଘ୍ର ଟେଣ୍ଡର ଡକାଯିବାକୁ ଯୋଜନା ହୋଇଛି। ଦୋବଲରୁ କରଦା ଯିବାକୁ ମାତ୍ର ୪କିଲୋମିଟର ଦୂର। ହେଲେ ବର୍ଷା ଦିନେ ଏ ରାସ୍ତାରେ ଯିବା ସମ୍ଭବ ହେଉନଥିବାରୁ ଅଙ୍ଗେଇପାଳ ଓ କରଦା ଲୋକେ ଖଡ଼ିପଦା,ସୁଜାଣସିଂହପୁର ହୋଇଯିବା ଆସିବା କରୁଛନ୍ତି। ଏଥିଲାଗି ସେମାନଙ୍କୁ ପ୍ରାୟ ୮କିଲୋମିଟର ଅତିକ୍ରମ କରିବାକୁ ପଡୁଛି। ବେଶୀ ମାତ୍ରାରେ ହଇରାଣ ହେଉଛନ୍ତି ଅଙ୍ଗେଇପାଳ ଲୋକେ। ସେମାନଙ୍କ ପିଲାଛୁଆ ଦୋବଲ କିମ୍ବା ଖଡ଼ିପଦା ସ୍କୁଲରେ ପଢୁଛନ୍ତି। ବର୍ଷାଦିନେ ବନ୍ଧ ବାଟେ ଯିବା ସହଜ ହେଉନାହିଁ। ଏଥିଲାଗି ସେମାନେ ଅଧିକ ବାଟ ବୁଲୁଛନ୍ତି। ଆଉ କେହି କେହି ଚାଲି ଚାଲି ୪କିଲୋମିଟର ଦୂର ଦୋବଲ ସ୍କୁଲକୁ ଆସୁଛନ୍ତି। କୋରକଦା ଗଡ଼ାଣିରୁ ଅଙ୍ଗେଇପାଳ ଯାଏ ପିଚୁ କରିବା ଲାଗି ବହୁବାର ଦାବି ହୋଇଛି। ହେଲେ ଜଳସଂପଦ ବିଭାଗ ୨୦୧୬ ରୁ ୨୦୧୮ ମଧ୍ୟରେ ନଦୀବନ୍ଧ ପ୍ରଶସ୍ତିକରଣ କରିବା ସହ ନାଳି ଗୋଡ଼ି ପକାଇ ଚୁପ୍ ବସିଗଲା। ତିନି ବର୍ଷ ହେଲା ନାଳି ଗୋଡ଼ି ପଡ଼ିଥିଲା। ଏବେ ଟ୍ରାକ୍ଟର ଓ ଗାଡ଼ି ଯିବା ଆସିବା ଫଳରେ ଖାଲଖମା ହୋଇଯାଇଚି। ପୁଣି ବର୍ଷା ପରେ ରାସ୍ତାର ଅବସ୍ଥା ସଂଗୀନ ହୋଇପଡ଼ିଛି। ଏନେଇ ଧାମନଗର ଜଳସଂପଦ ଅଧିକାରୀ ବିଜୟ ସେଠୀଙ୍କୁ ଯୋଗା ଯୋଗ କରିବାରୁ ସେ କହିଥିଲେ ପ୍ରକୃତ ପକ୍ଷେ ରାସ୍ତା ଆଗେ ମରାମତି ହେବା କଥା । କିନ୍ତୁ ଅଧିକାଂଶ ନଦିବନ୍ଧ ଦୃବଳ ଥିବାରୁ ପ୍ରଥମେ ପଥର ପେକିଙ୍ଗ କରା ଯିବ। ପରବର୍ତ୍ତୀ ସମୟରେ ଉକ୍ତ ରାସ୍ତା ମରାମତି ପାଇଁ ମୋହରମ ମେଣ୍ଟାଲ ଦେଇ କାର୍ଯ୍ୟ କରାଯିବା ପାଇ ପ୍ରସ୍ତାବ ରହିଛି ବୋଲି ଶ୍ରୀସେଠୀ କହିଛନ୍ତି। ତେବେ ରାସ୍ତା ନିର୍ମାଣ କରା ନଯାଇ ମରାମତି ଆଳରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେବ ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ସାଇ କିଡ୍ସ ପ୍ଲେ ସ୍କୁଲରେ ଟାଲେଣ୍ଟ ହଣ୍ଟ ପ୍ରତିଯୋଗିତା




ଭୁବନେଶ୍ୱର (ସବ୍ୟୁ) : ସାଇ କିଡ୍ସ ପ୍ଲେ ସ୍କୁଲରେ ଇଣ୍ଟରସ୍କୁଲ୍ ଟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହ ଆସପାସର ପ୍ରାୟ ୨୫ ଠାରୁ ଅଧିକ ସ୍କୁଲର ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବିଷୟରେ ଚିତ୍ରାଙ୍କନ, ହିନ୍ଦୀ ଓ ଇଂରାଜୀ ରାଇମ୍ସ, ବକ୍ତୃତା ଓ ଗଳ୍ପ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସ୍କୁଲର ନିର୍ଦ୍ଦେଶକ ରବିନାରାୟଣ ମହାରଣା ଏବଂ ଅଧକ୍ଷା ସ୍ମୃତିସୁଧା ପଟ୍ଟନାୟକ କହିଛନ୍ତି ଯେ, ଏହି ପ୍ରତିଯୋଗିତା ପିଲାମାନଙ୍କ ମଧ୍ୟରୁ ଗୋପନ ଥିବା ପ୍ରତିଭାକୁ ଆଗକୁ ଆଣିବା ଏବଂ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଛି । ତେବେ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନେ ନୂଆ କୌଶଳ ଶିଖିବା ସହିତ ସାମାଜିକ ଜ୍ଞାନ ଓ ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର୍ ଶ୍ରୀମତୀ ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ନୃପେଶ ନାୟକ ଏବଂ ପୂର୍ବତନ କର୍ପୋରେଟର ସୀମା ନାୟକ ଅଂଶଗ୍ରହଣ କରିଥିଲେ । ବିଚାରକ ମଣ୍ଡଳରେ ଶ୍ରୁତକୃତି ତ୍ରିପାଠୀ, ଅର୍ପିତା ନନ୍ଦ, ଜୟଶ୍ରୀ ଦାଶ, କନକକାନ୍ତି ତ୍ରିପାଠୀ, ସ୍ମୃତିଶ୍ରୀ ମିଶ୍ର, ସିଲିମା ଦାଶ ଏବଂ ରାଜଶ୍ରୀ ବଟୁ ରହିଥିଲେ । ସାରା କାର୍ଯ୍ୟକ୍ରମଟିକୁ ଶିକ୍ଷୟତ୍ରୀ ଦିପ୍ତିଶିଖା ମହାନ୍ତି, ଅଞ୍ଜଳି ଦାଶ, ମଧୁସ୍ମିତା ମହାକୁଡ଼, ରସ୍ମିତା ସେନାପତି, ଜ୍ୟୋସ୍ନା ଆଚାର୍ଯ୍ୟ, ସୋମା ଗୋସ୍ୱାମୀ, ଲଡ଼ଲି ପଣ୍ଡା, ପୂର୍ଣ୍ଣିମା ତ୍ରିପାଠୀ ଏବଂ ସୁସ୍ମିତା ପାତ୍ର ଅତ୍ୟନ୍ତ ସାର୍ଥକ ଭାବରେ ପରିଚାଳନା କରିଥିଲେ ।

**GOVERNMENT OF ODISHA : OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALASORE, AT/P.O/DIST- BALASORE, PIN-756001**
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
**(WORLD BANK PROJECT ID: PI63533)**
**REQUEST FOR BIDS (RFB) E Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
**No.1920 Dated 28.10.2024**

A-547

**RFB No. OIIPCRA-BAL/W2-01/2024-25**

| | | |
|---|---|---|
| Name of work | : | Improvement to Balance works of Minor Irrigation Projects under OIIPCRA Scheme of MI Division Gajapati, Paralakhemundi. |
| No. of works | : | **2 ( Two) Nos** Minor Irrigation Projects. |
| Estimated cost: | : | From **Rs.55.70Lakh** to **Rs.75.33 Lakh** Approx. (Total estimated cost of **2** Projects **Rs.131.03 lakh)** |
| Cost of Bid Document | : | **Free of Cost** |
| Period of Completion | : | As per DTCN. |
| Availability of bid documents | : | From **12.11.2024, 10.00 Hrs. to 10.12.2024 up to 15.00 Hrs.** in the e-procurement website **(https://tendersodisha.gov.in)** |
| Date of Pre-Bid Meeting | : | 20 November 2024 As per Para-7 of DTCN |
| Last date & time of receipt of bid | : | Up to 10.12.2024, 15.00 Hrs. through online. |
| Period of receipt of bid security | : | To be paid online along with the bid. Bank Guarantees also acceptable subject to verification |
| Date of opening of technical bid | : | On dt. 10.12.2024 at 15.30 Hrs. |
| Date of opening of financial bid | : | To be intimated online after off-line evaluation of Technical Bid. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or III. |
| The detail tender call notice can also be seen in the **DOWR websie** | : | **https://dowrodisha.gov.in**<br>**https://octdms.in** |
| Name & Address of the OIT | : | **Superintending Engineer, M.I. Division, Gajapati, At/Po-paralakhemundi/ Dist : Gajapati, PIN-761200, E-Mail : eemi_gajapati@yahoo.co.in**<br>**Gmail : eemigajapatiparalakhemundi@gmail.com** |

Sd/- Superintending Engineer
M.I. Division, Gajapati

OIPR : 32013/11/0007/2425

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଭାରତ ବିକାଶ ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା

କଟକ, (ସ୍ୱପ୍ର) : ରାଷ୍ଟ୍ରବାଦୀ ସଙ୍ଗଠନ ଭାରତ ବିକାଶ ପରିଷଦର ଓଡିଶା ପୂର୍ବ ପ୍ରାନ୍ତ ତରଫରୁ ମହାନଦୀ ବିହାର ସ୍ଥିତ ମହାନଦୀ ଭବନ ସଭାଗୃହରେ ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଟକ ବାରବାଟୀ ଶାଖା ଆତିଥ୍ୟୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ପୂର୍ବ ପ୍ରାନ୍ତର ୨୨ଟି ଶାଖା ତରଫରୁ ଚୟନ ହୋଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଭାରତ ବିକାଶ ପରିଷଦ ଓଡିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ସତ୍ୟବାଦୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ବାରବାଟୀ ଶାଖାର ସଭାପତି ଡକ୍ଟର ଆଲୋକ କୁମାର ସାହୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ସଂଯୁକ୍ତ ମହାସଚିବ ସୁଭାଶିଷ କର ଯୋଗଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତାର ଉଦଯାପନୀ ପର୍ବ ତଥା ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ



ଭାରତ ବିଶ୍ୱଗୁରୁ ଥିଲା ଏବଂ ଅଛି କିନ୍ତୁ ଏହାକୁ ବିଶ୍ୱକୁ ସ୍ୱୀକାର କରିବାର ଅଛି। ବର୍ତ୍ତମାନ ବିଚାରରେ ପରିବର୍ତ୍ତନ ଆସି ଓଡ଼ିଆ ଅସ୍ମିତାରେ ବନ୍ଦେ ମାତରଂ, ବନ୍ଦେ ଉତ୍କଳ ଜନନୀ ଏବଂ ଜୟ ଜଗନ୍ନାଥ ସଭା ସମିତିରେ ବହୁଳ ପ୍ରଚଳନ ହୋଇଛି। ସମ୍ମାନିତ ଅତିଥି ଭାବେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥାନର କୁଳସଚିବ ଅଭୟ କୁମାର ନାୟକ ଓ ବିଶିଷ୍ଟ ସମାଜସେବୀ ନୟନ କିଶୋର ମହାନ୍ତି ଯୋଗଦେଇ ଥିଲାବେଳେ ମୁଖ୍ୟବକ୍ତା ଭାବେ ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାନ୍ତ ସ୍ତରୀୟ ସଂସ୍କୃତ ସମୂହ ଗାନ ପ୍ରତିଯୋଗୀତାରେ ଡିଏଭି ପବ୍ଲିକ ସ୍କୁଲ ୟୁନିଟ ୮ ପ୍ରଥମ, ସନ୍ତୋଷି ଇଂଲିଶ ମିଡିୟମ ସ୍କୁଲ ଦ୍ୱିତୀୟ, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର ତୃତୀୟ ସ୍ଥାନ ଗ୍ରହଣ କରିଥିବା ବେଳେ ହିନ୍ଦୀ ସମୂହ ଗାନ କ୍ଷେତ୍ରରେ ଡିଏଭି ପବ୍ଲିକ ସ୍କୁଲ ୟୁନିଟ ୮ପ୍ରଥମ, ସନ୍ତୋସି ଇଂଲିଶ ମିଡିୟମ ସ୍କୁଲ ଦ୍ୱିତୀୟ, ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗ ନଗର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଆ ସମୂହ ଗାନ କ୍ଷେତ୍ରରେ ଡିଏଭି ପବ୍ଲିକ ସ୍କୁଲ ୟୁନିଟ ୮ପ୍ରଥମ, ଡିଏଭି ପବ୍ଲିକ ସ୍କୁଲ ବ୍ରହ୍ମପୁର ଦ୍ୱିତୀୟ, ସନ୍ତୋସି ଇଂଗଲିସ ମିଡିୟମ ସ୍କୁଲ, ପୁରୀ ତୃତୀୟ ସ୍ଥାନ ଆରୋହଣ କରିଥିଲେ। ସମସ୍ତ କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରି ଡିଏଭି ପବ୍ଲିକ ସ୍କୁଲ ୟୁନିଟ ୮, ଭୁବନେଶ୍ୱର ଚମ୍ପିଆନ ହୋଇ କ୍ଷେତ୍ରୀୟ ସ୍ତରକୁ ଉନ୍ନୀତ ହୋଇଛି। ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ରାଷ୍ଟ୍ରୀୟ ପରିଷଦର ସଦସ୍ୟ ଡକ୍ଟର ବିଜୟ ଲକ୍ଷ୍ମୀ ସାହୁ ଏବଂ କ୍ଷେତ୍ରୀୟ ମହିଳା ସହଭାଗିତା ସଚିବ ସୁପ୍ରୀତି ରଥ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାନ୍ତ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ, ପ୍ରାନ୍ତ ଅର୍ଥ ସଚିବ ନରସିଂହ ମିଶ୍ର, ପ୍ରାନ୍ତ ମିଡିଆ ପ୍ରଭାରୀ ନିହାର ରଂଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ଶେଷରେ ବାରବାଟୀ ଶାଖା ସଚିବ ବବିତା ଭୂଇଁୟା ଧନ୍ୟବାଦ ଅର୍ପଣ କରିଥିଲେ।

## ଭୈରଙ୍ଗୀରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ସହିତ ଶିରିଡି ସାଇଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଶୁଭାରମ୍ଭ

ବେତନଟୀ ( ସବ୍ୟୁ) : ବେତନଟୀ ପୁଲିସ ଉପଖଣ୍ଡର ରାଘବପୁର ପଞ୍ଚାୟତ ଅଧିନ ଭୈରଙ୍ଗୀ ଗ୍ରାମରେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଙ୍କ ମନ୍ଦିର ସହିତ ଶିରିଡି ସାଇଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ର ଶୁଭାରମ୍ଭ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ୧୩ ତାରିଖ ବୁଧବାର ସମାପିତ ହେବ ବୋଲି ମନ୍ଦିର କମିଟି ତରଫରୁ ପ୍ରକାଶ କରିଛନ୍ତି । ଏହି ପରିପେକ୍ଷିରେ ସୋମବାର ସକାଳ ୯ ଘଟିକା ସମୟ ରେ ପୁଷ୍କରିଣୀରୁ ଘଟୋତ୍ତଳନ କରାଯାଇ ୧୫୮ କଳସ ଶୋଭାଯାତ୍ରା ରେ ମନ୍ଦିର ପ୍ରାଙ୍ଗଣ ସ୍ଥିତ ଯଜ୍ଞସ୍ଥଳକୁ ଅଣା ଯାଇଥିଲା । ବହୁ ସଂଖ୍ୟାରେ ପୁରୁଷ/ମହିଳା କଳସ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ସହିଦନଗର ସୋରୁମ୍‌ରେ ସ୍ୱର୍ଣ୍ଣକ୍ରୀତିର ଶୁଭାରମ୍ଭ




ଭୁବନେଶ୍ୱର (ସବ୍ୟୁ): ବିଶ୍ୱର ଅନ୍ୟତମ ସର୍ବବୃହତ ଓ ସବୁଠାରୁ ବିଶ୍ୱସ୍ତ ସୁନା ଓ ହୀରା କମ୍ପାନୀ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ସ୍ୱର୍ଣ୍ଣକ୍ରୀତି ଶୁଭାରମ୍ଭ କରାଯାଇଛି । ସହିଦନଗର ସ୍ଥିତ ସୋରୁମ୍‌ରେ ସୋମବାର ଦିନ ଏହା ପ୍ରଚଳନ ହୋଇଛି । ଏଥିରେ ବିଶେଷ ଭାବେ ନୂତନ ସ୍ୱର୍ଣ୍ଣ ଅଳଙ୍କାର ସ୍ଥାନ ପାଇଛି । ଭାରତର ସମୃଦ୍ଧ ଐତିହ୍ୟ ସମସାମୟିକ ଡିଜାଇନ୍‌ରେ ପ୍ରସ୍ତୁତ ସୁନା ଅଳଙ୍କାର ଖୁବ୍ ଆକର୍ଷଣୀୟ ହୋଇଛି । କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଏହିସବୁ ଅଳଙ୍କାର ଦର୍ଶକଙ୍କୁ ବିଶେଷଭାବେ ଆକୃଷ୍ଟ କରୁଛି । ପରମ୍ପରା ଓ ଆଧୁନିକତା ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ମହିଳାମାନଙ୍କ ପ୍ରତି ସ୍ୱର୍ଣ୍ଣକ୍ରୀତି ଏକ ଶ୍ରଦ୍ଧାଞ୍ଜଳୀ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗ୍ରାହକ, ଷ୍ଟୋର ମୁଖ୍ୟ, ମ୍ୟାନେଜମେଣ୍ଟ ଟିମ୍ ସଦସ୍ୟ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି ଅହମ୍ମଦ କହିଛନ୍ତି ଯେ, ସ୍ୱର୍ଣ୍ଣକୃତିର ଶୁଭାରମ୍ଭ ଦ୍ୱାରା ପ୍ରତିଟି ସୁନା ଅଳଙ୍କାର ଗ୍ରାହକମାନଙ୍କ ଦ୍ୱାରା ନିଶ୍ଚିତଭାବେ ଆଦୃତ ହେବ । ଉତ୍ତମ ମାନ, ସ୍ୱଚ୍ଛତା ଏବଂ ଉଚିତ୍ ମୁଲ୍ୟ ପ୍ରତି ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଅହମ୍ମଦ କହିଛନ୍ତି । ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ସମସ୍ତ ମାଲାବାର ସୋରୁମ୍‌ରେ ଆଜିବନ ରକ୍ଷଣାବେକ୍ଷଣର ଦାୟିତ୍ୱ କମ୍ପାନୀ ନେଇଛି । ସୁନା ଓ ହୀରା ବିନିମୟ ଉପରେ ୧୦୦ ପ୍ରତିଶତ ମୁଲ୍ୟ ପ୍ରଦାନ ଏବଂ ସବୁ ସୁନା ଓ ହୀରା ଅଳଙ୍କାର ଫେରସ୍ତ ପାଇଁ ମାଲାବାର ଗ୍ରୁପ୍ ପ୍ରତିଶ୍ରୁତି ଦେଇଥାଏ ।

# ଶିକ୍ଷାନବୀଶ ଆଇଏଏସଙ୍କୁ ଜିଲ୍ଲାପାଳଙ୍କ ମାର୍ଗଦର୍ଶନ

ପୁରୀ, (ସବ୍ୟୁ): ଭାରତୀୟ ପ୍ରଶାସନିକ ସେବା ୨୦୨୩ ବ୍ୟାଚର ୧୨ ଜଣ ଆଇଏଏସ ପ୍ରୋବେସନର ବା ଶିକ୍ଷାନବୀଶ ପୁରୀ ଜିଲ୍ଲା ଗସ୍ତରେ ରହିଛନ୍ତି । ସେମାନେ ଚଳିତ ମାସ ୧୦ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟ, ବିପଣୀ କେନ୍ଦ୍ର, ପର୍ଯ୍ୟଟନ ସ୍ଥଳ ଇତ୍ୟାଦି ପରିଦର୍ଶନ କରି ଜ୍ଞାନ ଆହରଣ କରିବେଛଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ସହ ସମସ୍ତ ଶିକ୍ଷାନବୀଶ ଆଲୋଚନା କରିଥିଲେଛଜଣେ ଆଇଏଏସ ଅଧିକାରୀ ର ଦାୟିତ୍ୱ, କର୍ତ୍ତବ୍ୟ, ସାଧାରଣ ଲୋକଙ୍କ ପ୍ରତି ବ୍ୟବହାର, ସମସ୍ୟା ଓ ତାହାର ସମାଧାନ,ଉନ୍ନୟନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ଇତ୍ୟାଦି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଅବଗତ କରାଇଥିଲେ । ପୁରୀ ବିଭିନ୍ନ ପ୍ରକଳ୍ପ ଓ ପର୍ଯ୍ୟଟନ ସ୍ଥଳର ବିକାଶ କୁ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପରେ ଶିକ୍ଷାନବୀଶ ମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ । ଅପରାହ୍ନ ରେ ଜିଲ୍ଲା ସ୍କୁଲ ପରିଦର୍ଶନ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋର୍ତିମୟୀ ମିଶ୍ର, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଙ୍କ ସହ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀ ମାନେ ମଧ ଶିକ୍ଷାନବୀଶ ମାନଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କ ଅନୁଭୂତି, ଅଭିଜ୍ଞତା ଓ ଆଇଏଏସ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝି ଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଜିଲ୍ଲାପାଳ ଙ୍କ ସହ ଉପସ୍ଥିତ ଥିଲେ । ଶିକ୍ଷାନବୀଶ ଶୁଭନ ଶର୍ମା, ଦୀପିକା ଗୌତମ,ଭାରତ ପ୍ରଦୀପ ଡି,ଏମଡି ତବିସ ହାସନ,ପନ୍ନା କରନ କୁମାର ମାନସୁଖଭାଇ,ଦେଶମୁଖ ରାଜଶ୍ରୀ ସାନ୍ତାରାମ,ରିତୁ ଯାଦବ,ପଟେଲ ଅମିତେଶ କମଲେଶ ଭାଇ,ମୁକିଲାନ ଆର,ଅରିବ ସାଙ୍ଘିର,ରାଣା ଦେ,ସଚିତ ସିଂ ଏହି ଗସ୍ତରେ ସାମିଲ ଅଛନ୍ତିଛସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏହି ଗସ୍ତରେ ସହଯୋଗ କରୁଛନ୍ତି ।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜିଏମ୍ କଲେଜ ରୋଡ୍ ଶାଖା ସ୍ଥାନାନ୍ତରିତ



ଭୁବନେଶ୍ୱର (ସବ୍ୟୁ) : ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅନ୍ତର୍ଗତ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜିଏମ୍ କଲେଜ ରୋଡ୍ ଶାଖା ନୂତନ ପରିସରକୁ ସ୍ଥାନାନ୍ତରିତ ହୋଇଯାଇଛି। ଏହି ଶାଖାଟି ସମ୍ବଲପୁର ଜିଏମ୍ କଲେଜ ନିକଟସ୍ଥ ଜିଏମ୍ କଲେଜ ରୋଡ୍, ଚର୍ଚ୍ଚ ଛକଠାରେ କାର୍ଯ୍ୟରତ ଥିଲା। ଏହା ସ୍ଥାନାନ୍ତରଣ ହୋଇ ଧନୁପାଲୀସ୍ଥିତ କଟକ ରୋଡ ରିଲାଏନ୍ସ ପଏଣ୍ଟ ସମ୍ମୁଖରେ କାର୍ଯ୍ୟ କରିବ ବୋଲି ସର୍ବସାଧାରଣଙ୍କୁ ସୂଚୀତ କରାଯାଇଛି। ଏହି ଅବସରରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆ, ଉପ–କ୍ଷେତ୍ରୀୟ ମୁଖ୍ୟ ଏଚ୍ .କେ ଜେନା, ଉପ–କ୍ଷେତ୍ରୀୟ ମୁଖ୍ୟ ପବନ କୁମାର କୋଲୁ ଏବଂ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଧନୁପାଲୀ ଶାଖାର ଶାଖା ପ୍ରବନ୍ଧକ ସିଦ୍ଧାର୍ଥ ସରକାର ପ୍ରମୁଖ ଉପସ୍ଥିତ ଥିଲେ ।

# ୪୦ ମୋବାଇଲ ଜବତ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନୂଆପଲ୍ଲୀ ଥାନା ପୋଲିସ ଏକ ଲୁଟେରା ଗ୍ୟାଙ୍ଗ୍‌ର ୪ ସଦସ୍ୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪୦ଟି ମୋବାଇଲ ଜବତ କରିଛି । ଏହି ଲୁଟେରା ଗ୍ୟାଙ୍ଗ ରାଜା ଗ୍ୟାଙ୍ଗ୍ ଭାବେ ପରିଚିତ ।

ଗିରଫ ହୋଇଥିବା ଗ୍ୟାଙ୍ଗ୍ ସଦସ୍ୟମାନେ ଭୋର୍ ସମୟରେ ମର୍ଣ୍ଣିଂଓ୍ୱାର୍କ କରୁଥିବା ବ୍ୟକ୍ତି ଓ ଏକୁଟିଆ ଯାଉଥିବା ପଥଚାରୀଙ୍କୁ ଟାର୍ଗେଟ କରି ଲୁଟ୍‌ପାଟ କରିଥାନ୍ତି । ସେମାନେ ମାରଣାସ୍ତ୍ର ଦେଖାଇ ଲୁଟ୍ କରନ୍ତି । କେତେବେଳେ ଚେନ୍, କାନଫୁଲ ତ ଆଉ କେତେବେଳେ ମୋବାଇଲ ଲୁଟି ନେଇଥାନ୍ତି । ଗିରଫ ହୋଇଥିବା ୪ଜଣ ହେଲେ ବାଦଲ ନାୟକ, ରାଜେଶ ଦିଘାଲ, ଚିନ୍ମୟ ରାଉତ ଓ ନିରାକାର ନାୟକ । ଏହି ୪ଜଣ ପରସ୍ପରକୁ ରାଜା ବୋଲି ସମ୍ବୋଧନ କରୁଥିଲେ । ସେମାନଙ୍କ ନିକଟରୁ ଗହଣା ଜବତ ହୋଇନଥିବା ବେଳେ ୪୦ଟି ଲୁଟ୍ ମୋବାଇଲ ଜବତ ହୋଇଛି । କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ୪ଜଣଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଡଙ୍ଗାଭସା ପାଇଁ ତୁଠ ନିର୍ମାଣ କଲେ କର୍ପୋରେଟର

କଟକ, (ସ୍ୱପ୍ର): ପବିତ୍ର କାର୍ତିକ ପୂର୍ଣ୍ଣମୀ ଅବସରରେ ଉତ୍କଳୀୟ ସଂସ୍କୃତିକୁ ପୁର୍ନଜିବୀତ କରିବା ପାଇଁ ଡଙ୍ଗା ଭସା ପ୍ରଥା ପ୍ରଚଳିତ ହୋଇଆସୁଛି । ଏହି ଅବସରରେ ସ୍ଥାନୀୟ ୫୩ନଂ ଓ୍ୱାର୍ଡ ଦେଇ ଯାଇଥିବା ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଥିବାରୁ ଏଠାରେ ଡଙ୍ଗା ଭସାଇବା ନିମନ୍ତେ ଓ୍ୱାର୍ଡବାସୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାର ସମାଧାନ ଦିଗରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ଉଦ୍ୟମରେ ମାଟିକୁ ସମତୁଲ କରି ପଥର ପ୍ୟାକିଂ ଜରିଆରେ ଦୁଇଟି



ଅସ୍ଥାୟୀ ତୁଠ ନିର୍ମାଣ କରାଯାଇଛି । ଫଳରେ ଲୋକମାନେ ସୁରକ୍ଷିତ ଭାବେ ଡଙ୍ଗା ଭସାଇ ପାରିବେ । ତାଳଦଣ୍ଡା କେନାଲ କାର୍ଯ୍ୟର ସୌନ୍ଦର୍ଯ୍ୟକରଣ ସରିଲା ପରେ ଏହି ତୁଠକୁ ସ୍ଥାୟୀ ତୁଠ ଭାବେ ନିର୍ମାଣ କରାଯିବ ବୋଲି କର୍ପୋରେଟର ଶ୍ରୀ ଜେନା କହିଛନ୍ତି ।

# ଫିନୋ ବ୍ୟାଙ୍କ ପ୍ରଚଳନ କଲା ଗୁଗୁଲ ଆକାଉଣ୍ଟ

ଭୁବନେଶ୍ୱର, (ସବ୍ୟୁ): ବ୍ୟାଙ୍କିଙ୍ଗକୁ ସହଜ, ସରଳ ଏବଂ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ କରି ଫିନୋ ପେମେଣ୍ଟସ୍ ବ୍ୟାଙ୍କ ସମ୍ପ୍ରତି ଗ୍ରାହକମାନେ ଯେଭଳି ଅଧିକ ସଞ୍ଚୟ କରିବେ ତାହା ଉପରେ ଦୃଷ୍ଟିନିବଦ୍ଧ କରୁଛି। ଗ୍ରାହକମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବା ପ୍ରୟାସ ଜାରି ରଖି ଫିନୋ ବ୍ୟାଙ୍କ ଏକ ନୂଆ ସଞ୍ଚୟ ଆକାଉଣ୍ଟସ୍ ଗୁଗୁଲ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଯାହା ଗ୍ରାହକଙ୍କର ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ନିମନ୍ତେ ଡିଜାଇନ କରାଯାଇଥିବା ଏବଂ ଏକାଧିକ ଫାଇଦା ଯୋଗାଇଦେଇ ସଞ୍ଚୟରେ ଉନ୍ନତି ସାଧନ କରିବା ଲକ୍ଷ୍ୟ ରଖିଛି। ଜଣେ ଫିନୋ ବ୍ୟାଙ୍କର ସାରା ଓଡ଼ିଶାରେ ପରିବ୍ୟାପ୍ତ ପାଖାପାଖି ୧୬୫୦୦ ମର୍ଚ୍ଚାଣ୍ଟ ପଏଣ୍ଟ ମଧ୍ୟରୁ ଯେକୌଣସିଟିରେ ଗୁଗୁଲ ଆକାଉଣ୍ଟ ଖୋଲି ଫାଇଦା ଉପଭୋଗ କରିପାରିବେ। ମାତ୍ର ୧୦୦୦ ଟଙ୍କା ବାଲାନ୍ସ ସହିତ ଗୁଗୁଲ ଆକାଉଣ୍ଟଧାରୀଙ୍କୁ ଅନ୍ୟ କୌଣସି ବାର୍ଷିକ ପ୍ଲାନ ଦେୟ ଦେବାକୁ ପଡିବ ନାହିଁ, କୌଣସି ଚାର୍ଜ ବିନା ନଗଦ ଅର୍ଥ ଜମା କରିବା, ଅଣ ମେଟ୍ରୋ ସହରଗୁଡିକରେ ୭ଟି ମାଗଣା ଏଟିଏମ କାରବାର କରିବା ଏବଂ ରୂପେ ଡେବିଟ କାର୍ଡରେ ଅଫରଗୁଡିକ ଉପଭୋଗ କରିପାରିବେ। ଟଙ୍କା ସ୍ଥାନାନ୍ତରଣ ଏବଂ ଜୀବନ ବୀମା, ସ୍ୱାସ୍ଥ୍ୟ ଓ ମୋଟର ବୀମା, ରେଫରାଲ ଋଣ, ୟୁଟିଲିଟି ବିଲ୍ ପୈଠ ଆଦି ତୃତୀୟ ପକ୍ଷ ଉତ୍ପାଦଗୁଡିକର ସୁଯୋଗ ନେଇପାରିବେ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଧ୍ୟାତ୍ମିକ ମହା ସତସଙ୍ଗ

କଟକ, (ସବ୍ୟୁ): ସାଂସ୍କୃତିକ ଓ ଶିକ୍ଷାଗତ ଉତ୍କର୍ଷତା ପାଇଁ ଉତ୍ସର୍ଗୀକୃତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳ ୟ ପକ୍ଷରୁ ଆଧ୍ୟାତ୍ମିକ ମହା ସତସଙ୍ଗ ଅନୁଷ୍ଠିତ ହୋଇଯାଇ । ସନ୍ଧ୍ୟାରେ 'ଓଁକାର'ନାଦ ସାଙ୍ଗକୁ ପବିତ୍ର 'ଗଣେଶ ବନ୍ଦନା' ପାଠ ଦ୍ୱାରା ଶାନ୍ତି ଓ ଶ୍ରଦ୍ଧାର ବାତାବରଣ ସୃଷ୍ଟି ହୋଇଥିଲାଛ ଏହି କାର୍ଯ୍ୟକ୍ରମରେ କଳା, ଯୋଗାଯୋଗ ଓ ଭାରତୀୟ ଅଧ୍ୟୟନ ବିଭାଗର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ, ଯାହା ଆରମ୍ଭରୁ ଦର୍ଶକଙ୍କୁ ବାନ୍ଧିରଖିବାରେ ସକ୍ଷମ ହୋଇଥିଲା । ବିଶ୍ୱ ମାନବବାଦୀ, ସମ୍ମାନଜନକ ଆଧ୍ୟାତ୍ମିକ ଗୁରୁ,'ଆର୍ଟ ଅଫ୍ ଲିଭିଂ'ର ପ୍ରତିଷ୍ଠାତା ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଜୀବନ ସଭାପତି ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଉପସ୍ଥିତିରେ ଶତାଧିକ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୁରୁଦେବ ଉପସ୍ଥିତ ଦର୍ଶକଙ୍କୁ ସମ୍ବୋଧିତ କରି ବହୁ ସାରଗର୍ଭକ ବିଷୟରେ ଚିନ୍ତନଧର୍ମୀ ସୂଚନା ଦେଇଥିଲେ । ପ୍ରାରମ୍ଭିକ ଅବସ୍ଥାରେ ସେ କିଛି ଅନୁସନ୍ଧିତ୍ସୁମାନଙ୍କ ପ୍ରଶ୍ନର ଉତ୍ତର ଖୁବ୍ ସରଳ ଭାଷାରେ ଦେଇଥିଲେ । ସେ କହିଲେ, ପୁରୁଣା କଥାକୁ ନେଇ ଚର୍ଚ୍ଚା କରିବା ଜ୍ଞାନୀ ବ୍ୟକ୍ତିଙ୍କ ଲକ୍ଷଣ ନୁହେଁ । ଯାହା ବିତିଯାଇଛି, ବିତିଯିବାକୁ ଦିଅ । ଅତ୍ୟଧିକ ରକ୍ଷାତ୍ମକ ହେବା ମଧ ବୁଦ୍ଧିମାନର ଲକ୍ଷଣ ନୁହେଁ । ବର୍ତ୍ତମାନରେ ଜିଇଁବା ସହ ସବୁଠି ସମସ୍ତଙ୍କ ଉତ୍ସାହ ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଥିଲେ ।

ସାମ୍ପ୍ରତିକ ସମାଜରେ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ସବୁଠି ଚର୍ଚ୍ଚା ହେଉଥିବା ବେଳେ ସେ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ଏହାକୁ ବ୍ୟବହାର କରିବା ଭଲ, କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ଯାହା ନ ଦେଇପାରେ, ତାହା କରିପାରିଲେ ହିଁ ଜଣେ ପ୍ରକୃତ ଜ୍ଞାନୀ ବୋଲାଇବ ବୋଲି ଥିଲା ଗୁରୁଜୀଙ୍କ ମତ । ଆର୍ଟ ଅଫ୍ ଲିଭିଂ ଅନେକ ଜନମଙ୍ଗଳକାରୀ କାମ କରୁଥିଲେ ମଧ କାହିଁକି ମୁଖ୍ୟ ଧାରାର ଗଣମାଧ୍ୟମରେ ତାହା ଆସୁନାହିଁ, ସେ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ କହିଥିଲେ, ଆର୍ଟ ଅଫ୍ ଲିଭିଂ ଆତ୍ମପ୍ରଚାରର ସପକ୍ଷବାଦୀ ନୁହେଁ ।

## ବୈଜୟନ୍ତଙ୍କ ଦ୍ୱିତୀୟ ବଡ ସଫଳତା

# ବିଜେପିରେ ଯୋଗଦେଲେ ରାମ ନାରାୟଣ ଭାରଦ୍ୱାଜ



ଭୁବନେଶ୍ୱର (ସବ୍ୟୁ): ଦିଲ୍ଲୀ ନିର୍ବାଚନ ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମିଳିଛି ଆଉ ଏକ ବଡ଼ ସଫଳତା । ରବିବାର ଆମ ଆଦମୀ ପାର୍ଟିର ପୂର୍ବତନ ମନ୍ତ୍ରୀ ହରସରନ ସିଂହ ବାଲି ଓ ତାଙ୍କ ପୁଅ ଗୁର୍ମିତ ସିଂହ ସୋମବାର ବିଜେପିରେ ଯୋଗ ଦେଇଥିବା ବେଳେ ସୋମବାର ଆଉ ଜଣେ ପ୍ରଭାବଶାଳୀ ନେତା ରାମ ନାରାୟଣ ଭାରଦ୍ୱାଜ ଯୋଗ ଦେଇଛନ୍ତି । ରବିବାର ଶ୍ରୀ ବାଲି ଓ ତାଙ୍କ ପୁଅ ନୂଆଦିଲ୍ଲୀରେ ଦିଲ୍ଲୀ ପ୍ରଦେଶ ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବା, ସୁବାସ ଆର୍ଯ୍ୟ ଏବଂ ସୁବାଷ ସଚଦେବାଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଥିବା ବେଳେ ସୋମବାର ଆଉ ଜଣେ ପ୍ରଭାବଶାଳୀ ନେତା ରାମ ନାରାୟଣ ଭାରଦ୍ୱାଜ ବିଜେପିରେ ଯୋଗ ଦେଇଛନ୍ତି । ଦୁଇ ଦିନରେ ଆମ ଆଦମୀ ପାର୍ଟିର ଦୁଇ ପ୍ରଭାବଶାଳୀ ନେତା ଦଳ ଛାଡିବା ଦଳ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ବୈଜୟନ୍ତ ପଣ୍ଡାଙ୍କ ସଫଳ ରଣନୀତି ଓ ଦୃଢ ନେତୃ ପାଇଁ ଦିଲ୍ଲୀର ଆମ ଆଦମୀ ପାର୍ଟିର ଟାଣୁଆ ଓ ପ୍ରଭାବଶାଳୀ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି ଏବଂ ଆଗାମୀ ଦିନରେ ଅଧିକରୁ ଅଧିକ ନେତା ସାମିଲ ହେବା ସୂଚନା ମିଳିଛି ।

# ଗଞ୍ଜେଇ ମାଫିଆକୁ ଉଠାଇ ନେଲା ଏନ୍‌ସିବି

ଭୁବନେଶ୍ୱର, (ସବ୍ୟୁ) : ଗଞ୍ଜେଇ ମାଫିଆ ବିନୋଦ ସାହୁକୁ ରସୁଲଗଡ ଅଞ୍ଚଳରୁ ଏନ୍‌ସିବି ଉଠାଇ ନେଇଛି । ସେ ବଲିଉଡ୍ ସେଲିବ୍ରିଟିଙ୍କୁ ଗଞ୍ଜେଇ ଯୋଗାଉଥିଲା । ଏନ୍‌ସିବି ଟାର୍ଗେଟ କରି ସୋମବାର କାବୁ କରିବାରେ ସଫଳ ହେଲା । କେନ୍ଦୁଝରର ବିନୋଦ ସାହୁ । ଓଡ଼ିଶାର କନ୍ଧମାଳରୁ ମୁମ୍ବାଇର ବଲିଉଡ୍ ସେଲିବ୍ରିଟିଙ୍କୁ ସେ ଗଞ୍ଜେଇ ଯୋଗାଉଥିବା ଏନ୍‌ସିବି ତଥ୍ୟ ପାଇବା ପରେ ଟାର୍ଗେଟ କରିଥିଲା । ଏପରିକି ସେ ଏନ୍‌ସିବିର ଓ୍ୱାଣ୍ଟେଡ୍ ଥିଲା । ବିନୋଦର ସତ୍ୟନଗର ଭଡାଘର ଓ କେନ୍ଦୁଝରରେ ମଧ ଚଢାଉ କରାଯାଇଛି । ତା'ନିକଟରୁ ୫୦କେଜି ଗଞ୍ଜେଇ ଏନ୍‌ସିବି ଜବତ କରିଛି । ବିନୋଦକୁ ପଚରାଉଚରା କରିବା ପରେ ବହୁ ରହସ୍ୟଜନକ ତଥ୍ୟ ସଂଗ୍ରହ କରିବ ଏନ୍‌ସିବି । ବିନୋଦ ପୂର୍ବରୁ ବ୍ରହ୍ମପୁରର ନିଲୁ ପ୍ରଧାନଙ୍କୁ ଏନ୍‌ସିବି ଉଠାଇ ନେଇଛି । ତାକୁ ଗଞ୍ଜାମରୁ ଧରିବା ପରେ ଭୁବନେଶ୍ୱରରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିଲା । ସେ ବିନୋଦ ପରି ସେଲିବ୍ରିଟିଙ୍କୁ କନ୍ଧମାଳର ଶିଳାବତୀ ଗଞ୍ଜେଇ ଯୋଗାଉଥିଲା । କନ୍ଧମାଳର ଶିଳାବତୀ ଓ ମଣିପୁରି ଗଞ୍ଜେଇର ଚାହିଦା ସେଲିବ୍ରିଟିଙ୍କ ମଧ୍ୟରେ ରହିଥିବାରୁ ସେମାନଙ୍କୁ ଦୀର୍ଘ କେତେବର୍ଷ ହେବ ଉଚ୍ଚା ଦରରେ ଗଞ୍ଜେଇ ଯୋଗାଉଥିଲେ । ଦୁଇ ମାଫିଆଙ୍କୁ ପଚରାଉଚରା କରିବା ପରେ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣର ବହୁ ରହସ୍ୟ ଜାଣିପାରିବ ଏନ୍‌ସିବି ।

## ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ

# ତୃତୀୟ ଦିନରେ ବୈଚିତ୍ର୍ୟମୟ ଶ୍ରୀଜଗନ୍ନାଥ ଆଲୋଚନାଚକ୍ର



ଭୁବବନେଶ୍ୱର, (ସବ୍ୟୁ): ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ କମିଟି ତରଫରୁ ନୟାପଲ୍ଲୀ ସ୍ଥିତ ୫ଦିନ ବ୍ୟାପି ଏହି ମହୋତ୍ସବର ତୃତୀୟ ସନ୍ଧ୍ୟାରେ କଥାବାଚକ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଲୀଳାର ବିଭିନ୍ନ ମାହାତ୍ମ୍ୟ ଉପରେ ଭକ୍ତଙ୍କୁ ସ୍କନ୍ଦପୁରାଣ ଅନ୍ତର୍ଗତ ଅମୃତବାଣୀ ପ୍ରଦାନ କରିଥିଲେ । ଏହା ସହିତ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଯଜ୍ଞ ଆସନ୍ତା ୧୩ ତାରିଖରେ ସମାପନ ହେବ । ଏହି ଅବସରରେ ମହୋତ୍ସବରେ ମହାପ୍ରଭୁଙ୍କ ୨୪ବେଶ ପ୍ରଦର୍ଶିତ ହେବା ସହ ଭଜନ ଓ ସଙ୍କୀର୍ତ୍ତନ ସେଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଚି, ମହୋତ୍ସବରେ ଆଜିର ଆଲୋଚନା କାର୍ଯ୍ୟକ୍ରମ ରେ ରାମଚନ୍ଦ୍ର ଦାସ ମହାପାତ୍ର ମୁଖ୍ୟ ବାଡ଼ଗ୍ରାହୀ ମା ସୁଭଦ୍ରା ଡ଼ ଭାସ୍କର ମିଶ୍ର , ଡ଼ ଅସିତ ମହାନ୍ତି ପୀତବାସ ରାଉତରାୟ ଡ଼ ଅଭୟ ନାୟକ, ସୁଦର୍ଶନ ସାହୁ ପ୍ରବାସୀ ଓଡ଼ିଆ ରମେଶ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ବହୁ କଥା କହିଥିଲେ। ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଜଗନ୍ନାଥ ପ୍ରଧାନ, ଡ଼ ଦିଲ୍ଲିପ ଶ୍ରୀଚନ୍ଦନ, କର୍ପୋରେଟର ବନ୍ଦିତା ପାଲ୍,ଅର୍ଜୁନ ବେହେରା,ସମ୍ପାଦକ ପ୍ରଦିପ କୁମାର ରାଉତରାୟ,ପ୍ରକାଶ ଶ୍ରୀଚନ୍ଦନ,ରଣଜିତ କର୍ମି, ସୋନାଲିସା ମହାପାତ୍ର ଓ ଡ଼ ନାରାୟଣ ମହାପାତ୍ର ଭଗବାନ ଦାଶ, ଅକ୍ଷୟ ସାହୁ ଶ୍ରୀନିବାସ ରାଓ ତନ୍ମୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ, ଆଲୋଚନା ଚକ୍ରକୁ ଅଭିନନ୍ଦନ ଦାସ ପରିଚାଳନା କରିଥିଲେ ।

## ଭାନ୍‌ଜୁ ଭାରତର ଅଗ୍ରଣୀ ମ୍ୟାଥ୍ ପ୍ଲାଟଫର୍ମକୁ

# ସମ୍ପ୍ରସାରିତ କରିବାକୁ ୧୬.୫ ନିୟୁତ ଡଲାର ସିରିଜ ବି ଫଣ୍ଡିଂରେ ହାସଲ କଲା

ଭୁବନେଶ୍ୱର (ସବ୍ୟୁ): ବିଶ୍ୱର ଦ୍ରୁତତମ ମାନବ କାଲକୁଲେଟର ନୀଳକଣ୍ଠ ଭାନୁଙ୍କ ଦ୍ୱାରା ସ୍ଥାପିତ ଏକ ବିଶ୍ୱସ୍ତରୀୟ ମ୍ୟାଥ୍– ଲର୍ଣ୍ଣିଂ (ଗଣିତ ଶିକ୍ଷା) ଏଡଟେକ୍ ଷ୍ଟାର୍ଟଅପ୍ ଭାନ୍‌ଜୁ ଏପିକ୍ କ୍ୟାପିଟାଲ ସହ ଜେଡ୍‌ଏ ଭେଞ୍ଚରସ୍, ଏଇଟ୍ ରୋଡସ୍ ଏବଂ ଲାଇଟସ୍ପିଡ ଭେଞ୍ଚରସ୍‌ର ନିରନ୍ତର ସମର୍ଥନ ବଳରେ ସିରିଜ ବି ଫଣ୍ଡିଂରେ ୧୬.୫ ନିୟୁତ ଡଲାର ସଂଗ୍ରହ କରିଛି। ଏହି ପୁଞ୍ଜିନିବେଶ ଭାନ୍‌ଜୁକୁ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ୧୦୦ ନିୟୁତ ଛାତ୍ର ଛାତ୍ରୀଙ୍କ ନିକଟରେ ପହଞ୍ଚିବା, ସମଗ୍ର ଭାରତ, ଆମେରିକା, ବ୍ରିଟେନ ଏବଂ ମଧ୍ୟପ୍ରାଚ୍ୟରେ ଗଣିତ ପ୍ରତି ରହିଥିବା ଭଲପାଇବାକୁ ସମ୍ପ୍ରସାରିତ କରିବାକୁ ଯାଉଛି। ଭାନ୍‌ଜୁ ତାହାର ପୂର୍ବ ପର୍ଯ୍ୟାୟ ଫଣ୍ଡିଂ ପରଠାରୁ ୮ଗୁଣ ଅଭିବୃଦ୍ଧି ସହିତ ବେଶ୍ ପ୍ରଭାବୀ ସଫଳତା ହାସଲ କରିଛି। ଏହି ଅଭିବୃଦ୍ଧି ଉଭୟ ପିତା ମାତା ଏବଂ ଛାତ୍ର ଛାତ୍ରୀଙ୍କର ଆସ୍ଥା ଓ ବିଶ୍ୱାସ ଦ୍ୱାରା ପରିଚାଳିତ ହେଉଛି, ଯାହା ପୁନଃସବ୍‌ସ୍କ୍ରିପସନରେ ୫ଗୁଣ ବୃଦ୍ଧି ଦ୍ୱାରା ପ୍ରତିଫଳିତ ହେଉଛି।

# ଦେଶବ୍ୟାପୀ ଏମ୍‌ଏସ୍‌ଏମ୍‌ଇ ସମୂହ ସମ୍ପର୍କ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ୬ଟି ସ୍ଥାନ ସମେତ ସମଗ୍ର ଦେଶରେ ୧୪୯ଟି ସ୍ଥାନରେ ଏମ୍‌ଏସ୍‌ଏମ୍‌ଇ ସମୂହ ସମ୍ପର୍କ କର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବେଙ୍ଗାଲୁରୁର ପିନିଆ କ୍ଲଷ୍ଟରଠାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ ରାମ ମାଝି ଗୟାରୁ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ବେଙ୍ଗୁଲୁରୁରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ର ମନ୍ତ୍ରୀ ସୁଶ୍ରୀ ଶୋଭା କରନ୍ଦଲାଜେ ତଥା ସଚିବ, ଆର୍ଥିକ ସେବା ବିଭାଗ, ବିତ୍ତୀୟ ମନ୍ତ୍ରାଳୟ ମଧ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ଜନତାଙ୍କୁ ସମ୍ବୋଧନ କରିବା ସହ ଏମ୍‌ଏସ୍‌ଏମ୍‌ଇ ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ଏବଂ ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅର୍ଥମନ୍ତ୍ରୀ ସୀତାରମଣ ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ ସମିତିର ଆବାହକ, ଓଡିଶା ପକ୍ଷରୁ ୬ଟି ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଓ ବ୍ୟାଙ୍କର ମିଳିତ ଆନୁକୁଲ୍ୟରେ ବାଲେଶ୍ୱର, କଟକ, ଭୁବନେଶ୍ୱର, ବ୍ରହ୍ମଗିରି (ପୁରୀ), ବରଗଡ ଓ ରମ୍ଭା (ଗଞ୍ଜାମ) ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶାରେ ଆୟୋଜିତ ବିଭିନ୍ନ କେନ୍ଦ୍ରର ପରିଚାଳନା ଯଥା କଟକ, ବାଲେଶ୍ୱର, ବ୍ରହ୍ମଗିରି (ପୁରୀ), ଭୁବନେଶ୍ୱର, ରମ୍ଭା (ଗଞ୍ଜାମ) ଓ ସମ୍ବଲପୁର କେନ୍ଦ୍ରରେ ୟୁକୋ ବ୍ୟାଙ୍କ, ପ୍ରଧାନ କାର୍ଯ୍ୟାଳୟ କୋଲକାତାର ମହାପ୍ରବନ୍ଧକ



ଅରୁପାନନ୍ଦ ଜେନା, ରାଜେଶ ଉପାଧ୍ୟାୟ, ସତ୍ୟରଞ୍ଜନ ପଣ୍ଡା ଏବଂ ମହାପ୍ରବନ୍ଧକ ତଥା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ଗୌତମ ପାତ୍ର, ଭୁବନେଶ୍ୱର ଆଞ୍ଚଳିକ ପ୍ରମୁଖ ଚିନ୍ମୟ କୁମାର ସାହୁ, ସମ୍ବଲପୁରର ଆଞ୍ଚଳିକ ପ୍ରମୁଖ ଆଶିଷ କୁମାର ବିଶ୍ୱାଳ ଏବଂ ବାଲେଶ୍ୱରର ଆଞ୍ଚଳିକ ପ୍ରମୁଖ ସୁଦୀପ ଡାକୁଆ ଏହି କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଏସ୍‌ଏଲ୍‌ବିସି ଓଡିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଓଡିଶାରେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗୁଳିରେ ଟଳିଲେ ୧୧ କୁକି ଉଗ୍ରପନ୍ଥୀ



**ଇମ୍ଫାଲ:** ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇପଡ଼ିଥିବା ମଣିପୁରରେ ଆଜି ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା ମିଳିଛି । ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୧୧ ସନ୍ଦିଗ୍ଧ କୁକି ଉଗ୍ରବାଦୀ । ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମିଳିଛି । ମଣିପୁରର ଜିରିବାମ ଜିଲ୍ଲାରେ କୁକି ଉଗ୍ରବାଦୀମାନେ ଗୋଟିଏ ପୁଲିସ ଷ୍ଟେସନ ଉପରେ ଉଭୟ ପାର୍ଶ୍ୱରୁ ହମଲା କରିଥିଲେ । ସେହିପରି କିଛି କୁକି ଉଗ୍ରବାଦୀମାନେ ପାହାଡ଼ ଉପରେ ରହି ଗୁଳି ମାଡ଼ କରିଥିଲେ । ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା । ପୁଲିସ୍ ଓ ସିଆରପିଏଫ ଯବାନମାନେ କୁକି ଉଗ୍ରବାଦୀଙ୍କ ହମଲାକୁ ମୁକାବିଲା କରିଥିଲେ । ଫଳରେ ଉଭୟ ପକ୍ଷ ମଧ୍ୟରେ ବେଶ କିଛି ସମୟ ଗୁଳି ବିନିମୟ ହୋଇଥିଲା । ଏଥିରେ ୧୧ ଜଣ କୁକି ଉଗ୍ରବାଦୀଙ୍କ ମୃତଦେହ ମିଳିଛି । ଏବେ ବି ସେଠାରେ ଆଉ କିଛି ଉଗ୍ରବାଦୀ ଲୁଚି ରହିଥିବାରୁ ସର୍ଚ୍ଚ ଅପରେସନ ଜାରି ରହିଛି । ସେହିପରି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି । କୁକି ଉଗ୍ରବାଦୀଙ୍କ ହମଲାରେ କିଛି ଯବାନ ଓ ପୁଲିସ୍ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି ।

ଗୁରୁବାର ରାତିରେ ହମାର ଆଦିବାସୀ ସଂପ୍ରଦାୟର ଜଣେ ମହିଳାଙ୍କୁ ଜିରିବାମ ଜିଲ୍ଲାରେ ଦୁଷ୍କର୍ମ ପରେ ଗୁଳି କରି କରାଯାଇଥିଲା । ଏହାପରେ ତାଙ୍କୁ ପୋଡ଼ି ଦିଆଯାଇଥିଲା । ଘଟଣା ପଛରେ ମୈତେ ସଂପ୍ରଦାୟର ଆତଙ୍କବାଦୀଙ୍କ ହାତ ଥିବା ଅଭିଯୋଗ ହୋଇଥିଲା ।

ଘଟଣାର ଦିନକ ପରେ ମୈତେ ସଂପ୍ରଦାୟର ଜଣେ ମହିଳାଙ୍କୁ କୁକି ବିଦ୍ରୋହୀମାନେ ଗୁଳି କରି ହତ୍ୟା କରିଥିଲେ । ମହିଳା ଜଣଙ୍କ ବିଷ୍ଣୁପୁର ଜିଲ୍ଲାରେ ଥିବା ତାଙ୍କ ଜମିରେ କାମ କରୁଥିଲେ । ଏହି ସମୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ଦୁଇ ଘଟଣାକୁ ନେଇ ମଣିପୁର ପୁଣି ଅଶାନ୍ତ ହୋଇଥିବା ବେଳେ ଏବେ ୧୧ କୁକି ଉଗ୍ରବାଦୀଙ୍କ ନିହତ ଖବର ସାମ୍ନାକୁ ଆସିଛି ।

# ବଙ୍କରରେ ଭିତରେ ନେତାନ୍ୟାହୁ

**ଜେରୁଜେଲମ୍:** ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନର ଆକ୍ରମଣକୁ ଭୟ କରୁଛନ୍ତି । ଇସ୍ରାଏଲ୍ ମିଡିଆ ରିପୋର୍ଟରେ କୁହାଯାଇଛି ଯେ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନେତାନ୍ୟାହୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ତଳ ମହଲାର ଏକ ଶକ୍ତିଶାଳୀ ବେସମେଣ୍ଟ୍ ବଙ୍କରରେ ଅଧିକାଂଶ ସମୟ କାମ କରୁଛନ୍ତି ।

ଗତ ମାସରେ ସିଜେରିୟାରେ ଥିବା ତାଙ୍କ ବ୍ୟକ୍ତିଗତ ବାସଭବନରେ ହେଜବୁଲ୍ଲା ଡ୍ରୋନ୍ ଆକ୍ରମଣ ପରେ ତାଙ୍କୁ ଏହି ସୁରକ୍ଷିତ ବେସମେଣ୍ଟ୍ ବ୍ୟବହାର କରିବାକୁ କୁହାଯାଇଛି । ଏହା ସହିତ କେତେକ ସ୍ଥାନକୁ ନଯିବାକୁ ପରାମର୍ଶ ଦିଆଯାଇଛି ।

ଅକ୍ଟୋବର ୧୯ରେ ହେଜବୁଲ୍ଲା ଡ୍ରୋନ୍ ପଠାଇଥିଲା,ସେଥିମଧ୍ୟରୁ ସିଜେରିୟାରେ ନେତାନ୍ୟାହୁଙ୍କ ଘର ନିକଟରେ ବିସ୍ଫୋରଣ ହୋଇଥିଲା । ଡ୍ରୋନ୍ ଶୋଇବା ଘରର ଝରକା ଭାଙ୍ଗି ଦେଇଥିଲା । ଅବଶ୍ୟ,ଏହାଭିତରକୁ ପ୍ରବେଶ କରିବାରେ ସକ୍ଷମ ହୋଇ ପାରିନଥିଲା ଯେଉଁ କାରଣରୁ ବହୁ କ୍ଷୟକ୍ଷତି କମ୍ ହୋଇଥିଲା । ତେବେ ଆକ୍ରମଣ ସମୟରେ ନେତାନ୍ୟାହୁ ଘରେ ନ ଥିଲେ ।

ଇସ୍ରାଏଲର ନ୍ୟୁଜ ଆଉଟଲେଟ୍ ଚ୍ୟାନେଲ ୧୨ ରିପୋର୍ଟ କରିଛି ଯେ ବିଭିନ୍ନ ସ୍ଥାନରେ କ୍ୟାବିନେଟ ବୈଠକ କାହିଁକି ଅନୁଷ୍ଠିତ ହେଉଛି ତାହା ନୂତନ ସୁରକ୍ଷା ପ୍ରୋଟୋକଲରେ ବର୍ଣ୍ଣନା କରାଯାଇଛି । ଏହା ସହିତ ନଭେମ୍ବର ୨୬ରେ ହେବାକୁ ଥିବା ନେତାନ୍ୟାହୁଙ୍କ ପୁଅ ଅୱନର ନେତାନ୍ୟାହୁଙ୍କ ବିବାହ ପରବର୍ତ୍ତୀ ତାରିଖକୁ ସ୍ଥଗିତ ରଖାଯାଇଛି । ରିପୋର୍ଟ ଆସିବାର କିଛି ଘଣ୍ଟା ପରେ ନେତାନ୍ୟାହୁଙ୍କ ଆଇନଜୀବୀମାନେ ତାଙ୍କ ସାକ୍ଷ୍ୟର ନିର୍ଦ୍ଧାରିତ ସମୟକୁ ଆସନ୍ତା ମାସରେ ଜେରୁଜେଲମ୍ ଜିଲ୍ଲା କୋର୍ଟରେ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ ତେଣୁ ତାଙ୍କୁ ସପ୍ତାହରେ ଅନେକଥର ସମାନ ସ୍ଥାନକୁ ଯିବାକୁ ପଡିବ ନାହିଁ । ତିନୋଟି ଦୁର୍ନୀତି ମାମଲାରେ ନେତାନ୍ୟାହୁଙ୍କ ଉପରେ ବିଚାର ଚାଲିଛି । କୋର୍ଟରେ କୌଣସି ସୁରକ୍ଷିତ କୋଠରୀ କିମ୍ବା ବୋମା ଆଶ୍ରୟସ୍ଥଳ ନାହିଁ ବୋଲି ସୂଚନା ମିଳିଛି । ତେଣୁ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃ କରାଯାଇଛି ।

# ଅଗ୍ନିଶମ ସେବା ଆଧୁନିକୀକରଣ: ଓଡିଶା ଭାଗରେ ୨୦୧.୧୦ କୋଟି



**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗ, ଓଡିଶା ଏବଂ ଛତିଶଗଡ ଆଦି ୩ ରାଜ୍ୟରେ ଅଗ୍ନିଶମ ସେବାର ଆଧୁନିକୀକରଣ ଏବଂ ବିସ୍ତାର ପାଇଁ ୭୨୫.୬୨ କୋଟି ଟଙ୍କାର ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଏହି ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି । ଏହି କମିଟି ପଶ୍ଚିମବଙ୍ଗ ପାଇଁ ୩୭୬.୭୬ କୋଟି, ଓଡିଶା ପାଇଁ ୨୦୧.୧୦ କୋଟି ଏବଂ ଛତିଶଗଡ ପାଇଁ ୧୪୭.୭୬ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଏହି କମିଟିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ ଏନଆଇଟି ଆୟୋଗ ଉପାଧ୍ୟକ୍ଷ ସୁମନ କେ. ବେରୀ ସାମିଲ ଅଛନ୍ତି । ଏହି କମିଟି ବିପର୍ଯ୍ୟୟ ପ୍ରସ୍ତୁତି ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଗୃହ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଏକ ବିପର୍ଯ୍ୟୟ ମୁକାବିଲା ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୋଜନାର ଏହା ଏକ ଅଂଶ । ଏହି ପ୍ରୟାସର ଏକ ଅଂଶ ଭାବରେ ସାରା ଦେଶରେ ଅଗ୍ନିଶମ ସେବାରେ ଉନ୍ନତି ଆଣିବା ପାଇଁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ) ଅଧୀନରେ ସରକାର ୫୦୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି । ଏପର୍ଯ୍ୟନ୍ତ ୧୫ଟି ରାଜ୍ୟ ପାଇଁ ୨,୫୪୨.୧୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଅଗ୍ନିଶମ ସେବା ପଦକ୍ଷେପ ବ୍ୟତୀତ ବିପର୍ଯ୍ୟୟ ପରିଚାଳନା ପ୍ରୟାସକୁ ସମର୍ଥନ କରିବାକୁ ଚଳିତ ବର୍ଷ ୨୧,୦୨୬ କୋଟିରୁ ଅଧିକ ଟଙ୍କା ମଞ୍ଜୁରୀ ପାଇଛି । ଏଥିରେ ବିଭିନ୍ନ ବିପର୍ଯ୍ୟୟ ସମ୍ବନ୍ଧୀୟ ପାଣ୍ଠିରୁ ପ୍ରାପ୍ତ ପାଣ୍ଠି ଅନ୍ତର୍ଭୁକ୍ତ । ଯେପରିକି ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ) ପାଇଁ ୨୬ଟି ରାଜ୍ୟ ପାଇଁ ୧୪,୮୭୮.୪୦ କୋଟି ଏବଂ ଏନଡିଆରଏଫ ପାଇଁ ୧୫ଟି ରାଜ୍ୟ ପାଇଁ ୪,୬୩୭.୬୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି ।

ଓଡ଼ିଶା ଅଗ୍ନୀସମର ଆଧୁନିକରଣ ପାଇଁ କେନ୍ଦ୍ରର ମଞ୍ଜୁରୀ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ପ୍ରକଟ କରିଛନ୍ତି । ସେ ଟ୍ୱିଟ୍ କରି ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଲୋକଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ କେନ୍ଦ୍ରର ଏହି ସହାୟତା ବେସ ସମୟ ଉପଯୋଗୀ ।

# ପେଜର ବିସ୍ଫୋରଣ କରିଥିବା ମାନିଲା ଇସ୍ରାଏଲ



**ବେରୁଟ୍:** ଲେବାନନରେ ପେଜର ବିସ୍ଫୋରଣ କରିଥିଲା ଇସ୍ରାଏଲ । ପେଜର ଆଟାକ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନିଜେ ଅନୁମତି ଦେଇଥିଲେ । ଏକଥା ନିଜେ ନେତାନ୍ୟାହୁ ଆଜି ସ୍ୱୀକାର କରିଛନ୍ତି । ଲେବାନନରେ ହୋଇଥିବା ପେଜର ବିସ୍ଫୋରଣରେ ଇରାନ ସମର୍ଥିତ ସଂଗଠନ ହେଜବୁଲ୍ଲାର ୪୦ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା ।

ନେତାନ୍ୟାହୁଙ୍କ ମୁଖପାତ୍ର ଓମେର ଦୋଷ୍ଟ୍ରି ଆଜି କହିଛନ୍ତି, ନେତାନ୍ୟାହୁ ରବିବାର ନିଶ୍ଚିତ କରିଛନ୍ତି ଯେ ସେ ହିଁ ଲେବାନନରେ ପେଜର ଅପରେସନ ପାଇଁ ସବୁଜ ସଙ୍କେତ ଦେଇଥିଲେଛସେପ୍ଟେମ୍ବର ୧୭ରେ ହେଜବୁଲ୍ଲା ଯୋଗାଯୋଗ ପାଇଁ ବ୍ୟବହାର କରୁଥିବା ଶତାଧିକ ପେଜର ଏକାସାଙ୍ଗରେ ବିସ୍ଫୋରଣ ହୋଇଥିଲା । ଏଥିଯୋଗୁ ହେଜବୁଲ୍ଲା ସମେତ ଏକାଧିକ ସାଧାରଣ ଲୋକ ମଧ୍ୟ ମୃତାହତ ହୋଇଥିଲେ । ବୁଧବାର ଲେବାନନ ସରକାର ମିଳିତ ଜାତିସଂଘର ଲେବର ଏଜେନ୍ସି ନିକଟରେ ଭୟଙ୍କର ପେଜର ବିସ୍ଫୋରଣ ସମ୍ପର୍କରେ ବିଧିବଦ୍ଧ ଭାବେ ଅଭିଯୋଗ ଦାଖଲ କରିଥିଲା । ଏପରି ପେଜର ଆକ୍ରମଣ ମାନବତାପ୍ରତି ବିରୋଧରେ ଗୋଟିଏ ବଡ଼ ଯୁଦ୍ଧ । ଏହା ପଛରେ ଇସ୍ରାଏଲ ସରକାର ରହିଛନ୍ତି । ଲେବାନନର ଏପରି ଅଭିଯୋଗ ପରେ ନେତାନ୍ୟାହୁ ନିଜ ଆଡୁ ପେଜର ଆକ୍ରମଣ ପାଇଁ ସେ ହିଁ ନିର୍ଦ୍ଦେଶ ଦେଇଥିଲେ ବୋଲି କହିଛନ୍ତି ।

# ଦିଲ୍ଲୀରେ ବର୍ଷତମାମ ବାଣ ନିଷିଦ୍ଧ

**ନୂଆଦିଲ୍ଲୀ:** ଦିପାବଳୀ ପରେ ଅଣନିଶ୍ୱାସୀ ହୋଇପଡ଼ିଛି ଦିଲ୍ଲୀ । ବାୟୁର ମାନ ଅତି ନିମ୍ନ ସ୍ତରକୁ ଚାଲିଯିବା ଚିନ୍ତାର ବିଷୟ ପାଲଟିଛି । ଏହାକୁ ଦୃଷ୍ଟିରେ ରଖି ସୋମବାର ସହରରେ ବାଣ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଦିଲ୍ଲୀ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ବାଣ ବିକ୍ରି ଓ ବିସ୍ଫୋରଣ ବନ୍ଦ କରିବା ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଦିଲ୍ଲୀର ବାୟୁ ପ୍ରଦୂଷଣ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟରେ ଜଷ୍ଟିସ ଅଭୟ ଏସ୍ ଓକା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ବାଣ ବିକ୍ରି ରୋକିବାରେ ଅପାରଗତା କାରଣରୁ ଦିଲ୍ଲୀ ପୁଲିସକୁ ଭର୍ତ୍ସନା କରିଛନ୍ତି । କୋର୍ଟ କହିଛନ୍ତି, 'କୌଣସି ଧର୍ମ ପ୍ରଦୂଷଣ ସୃଷ୍ଟିକାରୀ କୌଣସି କାର୍ଯ୍ୟକୁ ପ୍ରୋତ୍ସାହିତ କରେ ନାହିଁ । ଯଦି ଏହିଭଳି ବାଣ ଫୁଟାଯାଏ, ଏହା ନାଗରିକଙ୍କ ସ୍ୱାସ୍ଥ୍ୟଗତ ମୌଳିକ ଅଧିକାରକୁ ମଧ୍ୟ ପ୍ରଭାବିତ କରୁଛି । ବାଣରେ ଥିବା ରାସାୟନିକ ଅବଶିଷ୍ଟାଂଶ ବିଷାକ୍ତ ଧୂଆଁରେ ପରିଣତ ହୋଇ ଦିଲ୍ଲୀ ବାୟୁକୁ ପ୍ରବଳ ମାତ୍ରାରେ ପ୍ରଦୂଷଣ କରିଛି । ଏଥିପାଇଁ ସହରବାସୀଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି । ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରି ଦିଲ୍ଲୀ ସରକାର ବାଣ ଉପରେ ସ୍ଥାୟୀ ନିଷେଧାଦେଶ ନେଇ ନିଷ୍ପତ୍ତି ନେବାକୁ କୋର୍ଟ ଦାବି କରିଛନ୍ତି । ଦିଲ୍ଲୀ ପୁଲିସ ଓ ଦିଲ୍ଲୀ ସରକାର କାହିଁକି ବାଣ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି ପ୍ରଶ୍ନ କରି ସୁପ୍ରିମକୋର୍ଟ ଗତ ସପ୍ତାହରେ ଏକ ନୋଟିସ ଜାରି କରିଥିଲେ ।

# କଂଗ୍ରେସର ୨୨ ବିଦ୍ରୋହୀ ନେତା ବହିଷ୍କୃତ

**ମୁମ୍ବାଇ:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଆକ୍ସନ ମୁଡ୍ରେ କଂଗ୍ରେସ । ବିଦ୍ରୋହୀ ନେତାଙ୍କ ବିରୋଧରେ ଆରମ୍ଭ କରିଛି କଠୋର କାର୍ଯ୍ୟାନୁଷ୍ଠାନ । ୨୨ ବିଦ୍ରୋହୀ ନେତାଙ୍କୁ ହାତ ଦେଖାଇଲା ବାହାରର ରାସ୍ତା । ଦଳ ବିରୋଧରେ ବିଦ୍ରୋହ କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨୨ ନେତାଙ୍କୁ କଂଗ୍ରେସ ନିଲମ୍ବିତ କରିଛି । ଦଳ ବିରୋଧୀ କାର୍ଯ୍ୟ ପାଇଁ ଏହି ନେତାମାନଙ୍କୁ ୬ ବର୍ଷ ପାଇଁ ନିଲମ୍ବିତ କରାଯାଇଛି । ପ୍ରକୃତରେ ଆସନ୍ତା ୨୦ ତାରିଖରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପଡ଼ିବ ଭୋଟ୍ । ତେବେ ଏହା ପୂର୍ବରୁ ବିଦ୍ରୋହୀ ନେତାମାନେ କଂଗ୍ରେସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ଜଣାପଡିଛି । ଦଳରୁ ବହିଷ୍କୃତ ହୋଇଥିବା ୨୨ ନେତା ଆସନ୍ତା ବିଧାନସଭା ନିର୍ବାଚନରେ ମହା ବିକାଶ ଆଗାଡିଙ୍କ ପ୍ରାର୍ଥୀଙ୍କ ବିରୋଧରେ ହିଁ ମୈଦାନକୁ ଓହ୍ଲାଇଛନ୍ତି । କଂଗ୍ରେସରୁ ବହିଷ୍କୃତ ହୋଇଥିବା ନେତାଙ୍କ ମଧ୍ୟରେ ଅନେକ ବଡ଼ ବଡ଼ ନେତା ସାମିଲ ଅଛନ୍ତି ।

# ହିନ୍ଦୁ ଓ ଶିଖଯାତ୍ରୀଙ୍କୁ ଦିଆଯିବ ନି ହଲାଲ୍ ଖାଦ୍ୟ

**ମୁମ୍ବାଇ:** ଖାଦ୍ୟ ବିବାଦକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି ଏୟାର ଇଣ୍ଡିଆ । ଏହି ବିମାନ ସେବା କମ୍ପାନି ଘୋଷଣା କରିଛି ଯେ ବିମାନ ଯାତ୍ରା ସମୟରେ ହିନ୍ଦୁ ଓ ଶିଖମାନଙ୍କୁ ଆଉ 'ହଲାଲ' ପ୍ରମାଣିତ ଭୋଜନ ଦିଆଯିବ ନାହିଁ । ସେହିପରି ହଲାଲ୍ ପ୍ରମାଣିତ ଖାଦ୍ୟକୁ ସ୍ପେଶାଲ ମିଲ୍ ବୋଲି କୁହାଯିବ । ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏହି କମ୍ପାନି ପକ୍ଷରୁ କୁହାଯାଇଛି ଯେ ହଲାଲ୍ ପ୍ରମାଣପତ୍ର ପ୍ରାପ୍ତ ଖାଦ୍ୟକୁ ଏବେ 'ମୁସଲିମ୍ ଖାଦ୍ୟ' ପରିବର୍ତ୍ତେ 'ସ୍ପେଶାଲ୍ ମିଲ୍' ବୋଲି କୁହାଯିବ । 'ସ୍ପେଶାଲ ମିଲ୍' ଶବ୍ଦର ଅର୍ଥ ଏବେ ହଲାଲ ସାର୍ଟିଫାଏଡ୍ ଖାଦ୍ୟ । କିଛି ଦିନ ତଳେ ଏହି ଖାଦ୍ୟର ନାମ 'ମୁସଲିମ ଭୋଜନ' ବୋଲି କୁହାଯାଉଥିବାରୁ ବିବାଦ ଦେଖାଦେଇଥିଲା । ଏୟାରଲାଇନ୍ସ ଅନୁଯାୟୀ, ଏମଓଏମଏଲ (ମୁସଲିମ ମିଲ୍) ଷ୍ଟିକର ସହିତ ପ୍ରି-ବୁକିଂ ହୋଇଥିବା ଖାଦ୍ୟକୁ ଏବେ ସ୍ପେଶାଲ ମିଲ୍ସ ବୋଲି କୁହାଯିବ । ହଲାଲ ସାର୍ଟିଫିକେଟ୍ କେବଳ ଅପଲିପ୍ଟ ହୋଇଥିବା ଏମଓଏମଏଲ ଖାଦ୍ୟ ପାଇଁ ଦିଆଯିବ । ସାଉଦି ସେକ୍ଟରରେ ସମସ୍ତ ଖାଦ୍ୟ ହଲାଲ ହେବ, ଯେଉଁଥିରେ ହଜ୍ ବିମାନ ସମେତ ଜେଦ୍ଦା, ଦମ୍ମାମ, ରିୟାଦ ଏବଂ ମଦିନା ସେକ୍ଟର ଅନ୍ତର୍ଭୁକ୍ତ ।

# ମିଥୁନଙ୍କୁ ପାକିସ୍ତାନୀ ଡନ୍‌ଙ୍କ ଧମକ



**କୋଲକାତା:** ଅଭିନେତା ସଲମାନ ଖାନ୍ ଓ ଶାହରୁଖ ଖାନ୍‌ଙ୍କ ପରେ ଏବେ ବଲିଉଡ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ମିଳିଛି ଧମକ । ତାଙ୍କୁ ଖୋଲାଖୋଲି ଭାବେ ଧମକ ଦେଇଛି ପାକିସ୍ତାନର ଡନ୍ । ସୋସିଆଲ ମିଡିଆରେ ଏକ ଭିଡିଓ ସାମ୍ନାକୁ ଆସିଛି । ଯେଉଁଥିରେ ଦୁବାଇରେ ବସିଥିବା ଜଣେ ପାକିସ୍ତାନୀ ଡନ୍ ଶହଜାଦ ଭଟ୍ଟୀ ୧୫ ଦିନ ଭିତରେ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ମିଥୁନଙ୍କୁ ଧମକ ଦେଇଛନ୍ତି । ଦୁବାଇରେ ଥିବା ପାକିସ୍ତାନୀ ଡନ୍ ଶହଜାଦ ଭଟ୍ଟୀର ଦୁଇଟି ଭିଡିଓ ଜାରି କରିଛି । ଯେଉଁଥିରେ ସେ ନିକଟରେ ମିଥୁନ ଚକ୍ରବର୍ତ୍ତୀ ଦେଇଥିବା ଏକ ବୟାନକୁ ନେଇ ଧମକ ଦେଉଥିବା ଦେଖିବାକୁ ମିଳିଛି । ୧୦-୧୫ ଦିନ ମଧ୍ୟରେ ଆପଣଙ୍କ କ୍ଷମା ମାଗନ୍ତୁ । କ୍ଷମା ମାଗିବା ଆପଣଙ୍କ ପାଇଁ ଭଲ । ଯଦି ଏଭଳି ନକରନ୍ତି ତେବେ ଆପଣଙ୍କୁ ପସ୍ତେଇବାକୁ ପଡିବ । ପାକିସ୍ତାନୀ ଡନ୍ ଶହଜାଦ ଭଟ୍ଟୀର ଏହି ଧମକପୂର୍ଣ୍ଣ ଭିଡିଓ ବର୍ତ୍ତମାନ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ସୂଚନାଯୋଗ୍ୟ ଯେ ଗତ ମାସରେ ମିଥୁନ ଚକ୍ରବର୍ତ୍ତୀ ଉତ୍ତର ୨୪ ପରଗନା ଜିଲ୍ଲାରେ ଏକ ଦଳୀୟ କାର୍ଯ୍ୟକ୍ରମ ଯୋଗ ଦେଇଥିଲେ । ଏହି ସମୟରେ ସେ ଏକ ହେଟ୍ ସ୍ପିଚ୍ ଦେଇଥିବାର ଅଭିଯୋଗ ହୋଇଥିଲା । ଏହା ପରେ ହିଁ ହଙ୍ଗାମା ହୋଇଥିଲା । ବାସ୍ତବରେ, ଏହା ପରେ ମିଥୁନଙ୍କ ବିରୋଧରେ ଏକ ଏଫଆଇଆର ମଧ୍ୟ ରୁଜୁ କରାଯାଇଥିଲା ।

# ଲିଙ୍ଗ ବଦଳାଇଲେ ସଞ୍ଜୟ ବଙ୍ଗରଙ୍କ ପୁଅ

**ନୂଆଦିଲ୍ଲୀ:** କ୍ରୀଡା ଜଗତରେ ଏବେ ଏକ ଖବରକୁ ନେଇ ଖୁବ ଚର୍ଚ୍ଚା ଚାଲିଛି କୁହାଯାଉଛି ଯେ, ଜଣେ ପୂର୍ବତନ ଭାରତୀୟ କ୍ରିକେଟରଙ୍କ ପୁଅ ତାଙ୍କ ଲିଙ୍ଗ ପରିବର୍ତ୍ତନ କରିଛନ୍ତି । ସମସ୍ତେ ଜାଣିବାକୁ ଚାହାଁନ୍ତି ଯେ ସେହି ଭାରତୀୟ କ୍ରିକେଟରଜଣକ କିଏ? ତେବେ ସେ ହେଉଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ବଙ୍ଗର । ସଞ୍ଜୟ ବଙ୍ଗରଙ୍କ ପୁଅ ଆରୟନ ବଙ୍ଗର ନିକଟରେ ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହୋଇଛନ୍ତି । ଲିଙ୍ଗ ପରିବର୍ତ୍ତନ ପରେ ଆରୟନ ବଙ୍ଗର ତାଙ୍କ ନାମ ଅନାୟା ବଙ୍ଗର ରଖିଛନ୍ତି । ଅନାୟା ନିଜ ଇନଷ୍ଟାଗ୍ରାମରେ ଏହି ଖବର ବିଷୟରେ ପ୍ରକାଶ କରିବା ପରେ ଏବେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

# ବାବା ସିଦ୍ଦିକ୍‌ଙ୍କ ଶୁଟରର ଚାଞ୍ଚଲ୍ୟକର ବୟାନ

## ଭାଇ ପାଠପଢ଼ା ଓ ଭଉଣୀ ବାହାଘର ପାଇଁ ନେଇଥିଲେ ସୁପାରି



**ମୁମ୍ବାଇ:** ବରିଷ୍ଠ ରାଜନେତା ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ଗୁଳିମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତ ୨୨ ବର୍ଷୀୟ ଶିବ କୁମାର ଗୌତମକୁ ପୁଲିସ୍ ରବିବାର ଗିରଫ କରିଛି । ଗିରଫ ପରେ ଜଣାପଡ଼ିଛି ଯେ ଶିବ କୁମାର ହେଉଛି ଜଣେ କବାଡିଆ । ସେ ଉତ୍ତର ପ୍ରଦେଶ ଦେଇ ନେପାଳ ଚାଲି ଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ୍ ତା'କୁ ଗିରଫ କରିଥିଲା । ଏବେ ତଦନ୍ତରୁ ଜଣାପଡ଼ିଛି ଯେ ଶିବ କୁମାର କବାଡିଆ ଭାବେ କାମ କରୁଥିଲେ ହେଁ ପରିବାର ଚଳାଇବା ତା' ପାଇଁ କଷ୍ଟକର ଥିଲା । ପରିବାର ସହ ଦୁଇ ସାନ ଭାଇଙ୍କ ପାଠ ପା ପାଇଁ ଟଙ୍କା ଆବଶ୍ୟକ ପଡ଼ିବାରୁ ସେ ଅପରାଧ ଦୁନିଆରେ ପାଦ ରଖିଥିଲା । ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପୂର୍ବରୁ ଶିବ କୁମାର ନାଁରେ କୌଣସି ଅପରାଧିକ ମାମଲା ନଥିଲା । ଉତ୍ତର ପ୍ରଦେଶର ଏସ୍ଟିଏଫ କହିଛି ଯେ ଶିବ କୁମାରର ଦୁଇ ସାନ ଭାଇ(ବୟସ ୧୧ ଓ ୭) ସ୍ଥାନୀୟ ସ୍କୁଲରେ ପଢନ୍ତି । ସେମାନଙ୍କୁ ଠିକ ଭାବେ ପାଠ ପାଇବା ପାଇଁ ଶିବ କୁମାର ପାଖରେ ଟଙ୍କା ନଥିଲା । ସେହିପରି ଦୁଇ ଭଉଣୀ(ବୟସ ୧୫ ଓ ୧୬)ଙ୍କ ବାହାଘର କରିବାକୁ ମଧ୍ୟ ଶିବ କୁମାର ଚାହୁଁଥିଲା । ଏଥିପାଇଁ ମଧ୍ୟ ତା'କୁ ଟଙ୍କାର ଆବଶ୍ୟକ ରହିଥିଲା । ତା' ବାପା ବାଲ କିଶୁନ ଜଣେ ଚାଷୀ । ଶିବ କୁମାରଙ୍କୁ ଜେରା କରିବା ବେଳେ ପୁଲିସ୍ ଜାଣିବାକୁ ପାଇଛି ଯେ ସେ ନିଜ ପରିବାରକୁ ଆର୍ଥିକ ସ୍ତରରେ ସହାୟତା କରିବାକୁ ଚାହୁଁଥିଲା । ଏଥିପାଇଁ ସେ ୪ ବର୍ଷ ତଳେ କାମ ଅନ୍ୱେଷଣରେ ପୁଣେ ଚାଲି ଯାଇଥିଲା । ସେଠାରେ କାମ କରୁଥିବା ବେଳେ ୨ ମାସ ତଳେ ତା'ର ଦେଖା ଗାଁର ଅନ୍ୟତମ କବାଡିଆ ଧର୍ମରାଜ କଶ୍ୟପ ସହ ହୋଇଥିଲା । ଧର୍ମରାଜ କିଛି ଦିନ ପରେ ଶୁବମ ଲୋନକର ଜରିଆରେ ଶିବ କୁମାରକୁ ଲରେନ୍ସ ଗ୍ୟାଙ୍ଗର ସଦସ୍ୟମାନଙ୍କ ସହ ପରିଚିତ କରାଇଥିଲା ।

ଶିବ କୁମାର ସ୍ନାପଚାଟ ଜରିଆରେ ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇକୁ ଯୋଗାଯୋଗ କରିଥିଲା । ଅନମୋଲ ହିଁ ବାବା ସିଦ୍ଦିକିଙ୍କୁ ହତ୍ୟା କଲେ ୧୦ ଲକ୍ଷ ଟଙ୍କା ଦିଆଯିବ ବୋଲି ଶିବ କୁମାରକୁ ପ୍ରତିଶ୍ରୁତି ଦେଇଥିଲା । ଟଙ୍କା କଥା ଶୁଣି ଶିବ କୁମାର ହତ୍ୟା କରିବାକୁ ରାଜି ହୋଇଯାଇଥିଲା ।

ହତ୍ୟାକାଣ୍ଡ ପୂର୍ବରୁ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ଶିବ କୁମାରକୁ ୯ଏମଏମ ବନ୍ଧୁକ ଦିଆଯାଇଥିଲା । ଏଥିରୁ କେମିତି ଗୁଳି କରାଯିବ, ତା'ର ତାଲିମ ମଧ୍ୟ ଶିବ କୁମାର ପାଇଥିଲା । ୟୁଟ୍ୟୁବରୁ ମଧ୍ୟ ସେ କିଛି ଭିଡିଓ ଦେଖି ବନ୍ଧୁକ ଚାଳନା ଶିଖିଥିଲା ।

ଏସଟିଏଫ କହିଛି ଯେ ଶିବ କୁମାର ବେଶ ଭଲ ଭାବେ ତାଲିମ ପାଇଥିଲା । ସେ ନିର୍ଦ୍ଦିଷ୍ଟ ସ୍ଥାନକୁ ବେଶ ନିୟନ୍ତ୍ରଣର ସହ ଗୁଳି ଚଳାଉଥିଲା । ଏଥିପାଇଁ ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପାଇଁ ଶିବ କୁମାରଙ୍କୁ ମୁଖ୍ୟ ଶୁଟର ଭାବେ ଚୟନ କରାଯାଇଥିଲା । ତା'କୁ ସହାୟତା କରିବା ପାଇଁ ଧର୍ମରାଜ ଓ ଗୁରମାଳି ସିଂହକୁ କୁହାଯାଇଥିଲା ।

୩ ଜଣ ଯାକ ପ୍ରାୟ ୨ ମାସ ଧରି ସିଦ୍ଦିକିଙ୍କ ଗତିବିଧି ଉପରେ ନଜର ରଖିଥିଲେ । ଇନଷ୍ଟାଗ୍ରାମ ଦ୍ୱାରା ପୂରା ଅପରେସନକୁ ପରିଚାଳନା କରାଯାଇଥିଲା । ଘଟଣା ଦିନ ସିଦ୍ଦିକିଙ୍କୁ ଶିବ କୁମାର ମୋଟ ୬ଟି ଗୁଳି ମାରିଥିଲା । ଏହା ମଧ୍ୟରୁ ୩ଟି ତାଙ୍କ ଦେହରେ ବାଜିଥିଲା । ଗୁଳିମାଡ଼ କରିବା ପରେ ଶିବ କୁମାର ବନ୍ଧୁକ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ବିଷ୍ଣୋଇ ଗ୍ୟାଙ୍ଗ ପୂରା ଯୋଜନାକୁ କାର୍ଯ୍ୟକାରୀ କରିଥିଲା । ଏପରି କି ଶିବ କୁମାରକୁ ଗ୍ୟାଙ୍ଗ ପକ୍ଷରୁ ୨ଟି ସିମ କାର୍ଡ ମଧ୍ୟ ଦିଆଯାଇଥିଲା । ଗୋଟିଏ ସେ ଘଟଣା ପୂର୍ବରୁ ଓ ଆଉ ଗୋଟିଏକୁ ଘଟଣା ପରେ ବ୍ୟବହାର କରୁଥିଲା । ହତ୍ୟାକାଣ୍ଡ ପାଇଁ ଶିବ କୁମାରକୁ ଆଗୁଆ ୨୫ ହଜାର ଟଙ୍କା ମିଳିଥିଲା । ଘଟଣା ପରେ ପୁଲିସ ଗିରଫଦାରୀରୁ ବର୍ତ୍ତିବା ପାଇଁ ଶିବ କୁମାର ପ୍ରଥମେ ଝାନସୀ ପରେ ଦିଲ୍ଲୀ ଯାଇଥିଲା । ସେ ହିମାଚଳ ପ୍ରଦେଶରେ କିଛି ଦିନ ରହିଥିଲା । ସେଠାରେ ସେ ୟୁପି ଦେଇ ନେପାଳ ଯିବାର ଥିଲା । କିନ୍ତୁ ମୁମ୍ବାଇ ପୁଲିସ୍ ୟୁପି ଏସଟିଏଫ ଜରିଆରେ ତା'କୁ ଗିରଫ କରିବାକୁ ସକ୍ଷମ ହୋଇଛି ।

# ମହାରାଷ୍ଟ୍ର ମ୍ୟାଚ୍ ପାଇଁ ଓଡ଼ିଶା ରଣଜୀ ଟିମ୍

## ବିପ୍ଳବ, ଅନୁରାଗ ବାଦ୍: ତାପସ ସାମିଲ

କଟକ,୧୧।୧୧ (ସବ୍ୟୁ): ନଭେମ୍ବର ୧୩ରୁ ୧୬ତାରିଖ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମ୍ ଖେଳାଯିବାକୁ ଥିବା ମହାରାଷ୍ଟ୍ର ବିପକ୍ଷ ରଣ୍ଜୀ ଟ୍ରଫି ମ୍ୟାଚ୍ ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି । ଅଲରାଉଣ୍ଡର ଗୋବିନ୍ଦ ପୋଦାରଙ୍କ ନେତୃତ୍ୱାଧୀନ ଏହି ଦଳରେ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟ ଓ ଓପନର୍ ଅନୁରାଗ ଷଡ଼ଙ୍ଗୀଙ୍କୁ ସ୍ଥାନ ମିଳିନି । ବିପ୍ଳବ ଆଘାତଜନିତ କାରଣରୁ ବାଦ୍ ଦିଆଯାଇଛି ବୋଲି ଓସିଏ ଚୟନ କମିଟି କହିଛି । ଡାହାଣହାତୀ ଦ୍ରୁତ ବୋଲର ତାପସ ଦାସଙ୍କୁ ସାମିଲ କରାଯାଇଛି । ଗତ ରଣଜୀ ଋତୁରେ ତାପସ ଓଡ଼ିଶା ଦଳରେ ସ୍ଥାନ ପାଇଥିଲେ ମଧ ମ୍ୟାଚ୍ ଖେଳିନଥିଲେ । ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍ରେ ତାପସଙ୍କ ଖେଳିବା ସମ୍ଭାବନା ରହିଛି । ସୁଯୋଗ ମିଳିଲେ ପ୍ରଥମଶ୍ରେଣୀ କ୍ରିକେଟରେ ତାପସ ପଦାର୍ପଣ କରିବେ । ଚଳିତ ଋତୁରେ ଦୁଇଟି ମ୍ୟାଚ୍ ପରାଜୟ ଓ ଗୋଟିଏ ଡ୍ର' ପାଇଥିବା ଓଡ଼ିଶା ମୋଟ ୪ ମ୍ୟାଚରୁ ମାତ୍ର ୪ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି ।

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, କାର୍ତ୍ତିକ ବିଶ୍ୱାଳ, ସ୍ୱସ୍ତିକ ସାମଲ, ରାଜେଶ ଧୂପର (ୱିକେଟରକ୍ଷକ), ଆଶୀର୍ବାଦ ସ୍ୱାଇଁ (ୱିକେଟ୍ରକ୍ଷକ), ଅନୀଲ ପରିଡ଼ା, ସୂର୍ଯ୍ୟକାନ୍ତ ପ୍ରଧାନ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତରଣୀ ସ', ହର୍ଷିତ ରାଥୋଡ଼, ସୁମିତ ଶର୍ମା, ତାପସ ଦାସ । ସୁରେନ୍ଦ୍ର ଭାବେ (ମୁଖ୍ୟ ପ୍ରଶିକ୍ଷକ), ଅବକାଶ ଖଟୁଆ (ସହକାରୀ ପ୍ରଶିକ୍ଷକ), ସଂଗ୍ରାମ ଗୁମାନସିଂହ, ସୁଶାନ୍ତ ମହାନ୍ତି (ପ୍ରବନ୍ଧକ), ରେନି ଚାଟାର୍ଜୀ (ଫିଜିଓ), ପ୍ରତ୍ୟୁଷ ଅଗ୍ରୱାଲ (ପ୍ରଶିକ୍ଷକ), ସାରଦା ବିଶ୍ୱାଳ (ଭିଡିଓ ସମୀକ୍ଷକ) ।

## ରେଲୱେ ରକର୍ଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଥାର୍ଡ ଆୟ୍ ବିଦ୍ୟୁତ୍ ଟିମ ବିଜୟୀ

ଭୁବନେଶ୍ୱର,୧୧।୧୧ (ସବ୍ୟୁ): ନିଳାଦ୍ରୀ ବିହାର ସ୍ଥିତ ଗୋପବନ୍ଧୁ ଖେଳ ପଡିଆ ଠାରେ ୩ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ରେଲୱେ ରକର୍ଜ କ୍ଲବ ଯୁବକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି କର୍ପୋରେଟ୍ ଟିମ୍ ଅଂଶଗ୍ରହଣ କରିଥିଲେ । ୮ ନଭେମ୍ବର ଦିନ କ୍ଲବ ପକ୍ଷରୁ ଆରମ୍ଭ ହୋଇଥିବା କ୍ରିକେଟ ମ୍ୟାଚର ପ୍ରଥମ ସଂସ୍କରଣକୁ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ ଉଦ୍ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଫାଇନାଲ ମ୍ୟାଚ ଥାର୍ଡ ଆୟ୍ ବିଦ୍ୟୁତ୍ ଓ ୱିସଡମ୍ ୱାରିୟର ଙ୍କ ମଧ୍ୟରେ ହୋଇଥିବା ଏହି ମ୍ୟାଚରେ ଥାର୍ଡ ଆୟ୍ ବିଦ୍ୟୁତ୍ ଦଳ ବିଜୟୀ ହୋଇଥିଲେ । ୱିସଡମ୍ ୱାରିୟରର ଅଧିନାୟକ ଦୁର୍ଗା ଚରଣ ନାୟକ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂର ଆମନ୍ତ୍ରଣ ପାଇ ଥାର୍ଡ




ଆୟ୍ ବିଦ୍ୟୁତ୍ ନିର୍ଦ୍ଧାରିତ ୮ ଓଭରରେ ୪ ୱିକେଟ୍ ବିନିମୟରେ ୧୫୧ ରନ କରିବାକୁ ସକ୍ଷମ ହୋଇଥିଲେ । ଯେଉଁଥିରେ ଦିବ୍ୟରଞ୍ଜନ ୨୨ ବଲ୍ରେ ୭୦ ରନ କରି ଏକ ଆକର୍ଷଣୀୟ ଇନଙ୍ଗସ ଖେଳିଥିଲେ । ୱିସଡମ୍ ୱାରିୟର ଏହି ଲକ୍ଷକୁ ପିଛା କରି ନିର୍ଦ୍ଧାରିତ ୮ ଓଭର୍ ରେ ୩ ୱିକେଟ୍ ବିନିମୟରେ ୧୩୩ ରନ କରିବାରେ ସକ୍ଷମ ହୋଇଥିଲେ । ଟୁର୍ଣ୍ଣାମେଣ୍ଟରେ ବିଜେତା ଥାର୍ଡ ଆୟ୍ ବିଦ୍ୟୁତ ଦଳକୁ ଟ୍ରଫି ଓ ୩୦ ହଜାର ଟଙ୍କା ଓ ରନର୍ସ-ଅପ ଦଳ ୱିସଡମ୍ ୱାରିୟରକୁ ଟ୍ରଫି ଓ ୧୫ ହଜାର ଟଙ୍କା ପୁରସ୍କାର ହିସାବ ରେ ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ରେ ମ୍ୟାନ ଅଫ୍ ଦ ମ୍ୟାଚ ଦିବ୍ୟରଞ୍ଜନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ମ୍ୟାଚକୁ ବିରେନ୍ଦ୍ର ରାୟ ସିଂହ, ରାଜୀବ ପଣ୍ଡା, ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀ ବଲ୍ଲଭ, ଆଶିଷ ସାମଲ, ଆଶିଷ ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନା କରିବାରେ ରେ ସହଯୋଗ କରିଥିଲେ ।

## ବିଏମ୍ବି ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଠାକୁରମୁଣ୍ଡା ଜୟକୃଷ୍ଣ କ୍ଲବ ଚାମ୍ପିଅନ

ଖଇରା,୧୧।୧୧ (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବଗେଇପୁର ମିନିଷ୍ଟାଡିୟମରେ ଚାଲିଥିବା ୨୧ତମ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାରର ଫାଇନାଲ ମ୍ୟାଚରେ ଓଡିଶା ଠାକୁରମୁଣ୍ଡାର ଜୟକୃଷ୍ଣ କ୍ଲବ ଝାରଖଣ୍ଡ ଆରବିଏଫସିକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ଗୋଲ ଦେବାକୁ ସକ୍ଷମ ହୋଇନଥିବା ବେଳେ ଠାକୁରମୁଣ୍ଡା ପେନାଲ୍ଟିରେ ଆରବିଏଫସିକୁ ୬-୫ରେ ପରାସ୍ତ କରିଥିଲା । ରେଫେରି ଭାବେ ଆରତି ମହାନ୍ତି,ବିଣାପାଣି ବିରୁଆ,ସୀତା ମାରାଣ୍ଡି ଖେଳ ପରିଚାଳନା କରିଥିଲେ । ଶିକ୍ଷକ ବିଶ୍ୱନାଥ ସିଂଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୁର୍ବତନ ଏମପି ପ୍ରସନ୍ନ ପାଟ୍ଟଶାଣୀ,ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଶିଶୁ ରୋଗ ବିଶେଷଜ୍ଞ ଡା ବ୍ରଜ ସୁନ୍ଦର ସ୍ୱାଇଁ,ସମିତି ସଭ୍ୟା ପ୍ରିୟତମା ମୁଦୁଲି,ଯୁବନେତା ନୀଳମାଧବ ପଣ୍ଡା,ମଣ୍ଡଳ ସଭାପତି ପତିତପାବନ କର,କୁପାରୀ ସମିତିସଭ୍ୟ ଅକ୍ଷୟ ଜେନା,ଶଙ୍କର୍ଷଣ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥି ମାନେ ବିଜୟୀ ଓଡିଶାର ଠାକୁରମୁଣ୍ଡା ଟିମକୁ ୪୦ହଜାର ଟଙ୍କା ଓ ରନର୍ସଅପ ଝାଡଖଣ୍ଡ ଦଳକୁ ୩୦ହଜାର ଟଙ୍କା ପ୍ରଦାନ କରିଥିଲେ । ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଭ୍ୟ ଶିବଶଙ୍କର ଖିଲାର, ବୁଲୁ ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ,ସହଦେବ ବେହେରା,ମାନସ ସ୍ୱାଇଁ,ଭୀମସେନ ନାଇକି,ବିଶ୍ୱନାଥ ଜେନା,ଦୀପକ ମହାରଣା,ମହାବିର ସିଂ, ଶ୍ରୀକାନ୍ତ ଦେଉରୀଙ୍କ ସମେତ ବିଏମବି କ୍ଲବର ସମସ୍ତ ସଭ୍ୟ ତଥା ଶିକ୍ଷକ ସନ୍ତୋଷ ଦକ୍ଷିଣରାୟ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ଛତିଆ ସାମ୍ବାଦିକ ସଂଘ-ବୈରୀ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ଛତିଆ/ଚଣ୍ଡିଖୋଲ, ୧୧/୧୧(ସବ୍ୟୁ): ଯାଜପୁର ଜିଲ୍ଲାର ଛତିଆ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ପ୍ରଶିଦ୍ଧ ଅମାରାବତୀ ପୀଠ ଖେଳପଡିଆରେ ରବିବାର ଦିନ ପୋଲିସ ଓ ସାମ୍ବାଦିକ ସଂଘ ସଦସ୍ୟଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆୟୋଜିତ ହୋଇଥିଲା । ଏଥିରେ ବୈରୀ ଥାନା ଓ ଛତିଆ ବିଟ ହାଉସ ପୋଲିସ ଏବଂ ଛତିଆ ସାମ୍ବାଦିକ ସଂଘର ସଦସ୍ୟମାନେ ଭାଗ ନେଇଥିଲେ । ବନ୍ଧୁବପୂର୍ଣ୍ଣ ଏହି ମ୍ୟାଚରେ ଟସ ଜିତି ପୋଲିସ ଟିମ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ ହରାଇ ୯୪ ରନ୍ କରିଥିଲେ । ଏହାର ଜବାବରେ ଛତିଆ ସାମ୍ବାଦିକ ସଂଖ୍ୟା ୧୦ ଓଭରରେ ୫ ୱିକେଟ ବିନିମୟରେ ୮୬ ରନ୍ କରିଥିଲା । ୮ରନ ବ୍ୟବଧାନରେ ପୋଲିସଟିମ ବିଜୟୀ ହୋଇଥିଲା । ଛତିଆ ବିଟ୍



ହାଉସ ଅଧିକାରୀ ମହେନ୍ଦ୍ର କୁମାର ସେଠୀ ସର୍ବାଧିକ ୪୪ ରନ୍ କରିଥିଲେ । ଶିତୁଆ ସଂଧ୍ୟାରେ ମ୍ୟାଚ ସରିବା ପରେ ଛତିଆ ସାମ୍ବାଦିକ ସଂଘ ସଭାପତି କମଳାକାନ୍ତ ପାଲଙ୍କ ଅଧକ୍ଷତାରେ ପୁରଷ୍କାର ବିତରଣି ସଭା ଆୟୋଜିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ପ୍ରଦୀପ୍ତ କୁମାର ପୃଷ୍ଟି, ମୋହନ ଖିଲାର, ଛତିଆ ସରପଞ୍ଚ ରମେଶଚନ୍ଦ୍ର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୀଜୟୀ ଓ ରନସ ଅପ ଦଳକୁ ପୁରଷ୍କାର ବିତରଣ କରିଥିଲେ । ପୋଲିସ ଟିମ ଅଧିନାୟକ ତଥା ବୈରୀ ଥାନାଧିକାରୀ ଶରତଚନ୍ଦ୍ର ନାୟକ ସଭାରେ ନିଜର ବକ୍ତବ୍ୟ ରଖିଥିଲେ । ଆଜିର ଏହି ବନ୍ଧୁବପୂର୍ଣ୍ଣ ଖେଳ ସାମ୍ବାଦିକ ଓ ପୋଲିସ ମଧ୍ୟରେ ଉତ୍ତମ ସଂପର୍କକୁ ଆହୁରି ଦୃଢ କରିବ ବୋଲି ଶ୍ରୀପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ । ଆଜିର ମ୍ୟାଚ ଓ ସଭାକୁ ଛତିଆ ସାମ୍ବାଦିକ ସଂଘର ଚନ୍ଦ୍ର ଶେଖର ପୃଷ୍ଟି, ସୌମ୍ୟରଞ୍ଜନ ସାହୁ, ପ୍ରଦ୍ୟୁମ୍ନ ଓଝା,ପ୍ରମୋଦ ଜେନାଙ୍କ ସହ ସଂଘର ସମସ୍ତ ସଦସ୍ୟ ପରିଚୋଳନା କରିଥିଲେ ।

# ମୋହନ ବାଗାନ ସହ ପଏଣ୍ଟ ବାଣ୍ଟିଲା ଓଡ଼ିଶା

ଭୁବନେଶ୍ୱର,୧୧।୧୧ (ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଓଡ଼ିଶା ଏଫ୍ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଚି । ଫଳରେ ଘରୋଇ ଦଳ ପଡ଼ୋଶୀ ମୋହନ ବାଗାନ ସହ ପଏଣ୍ଟ ବାଣ୍ଟିଛି । ମ୍ୟାଚର ଚତୁର୍ଥ ମିନିଟ୍ରେ ମହମ୍ମଦ ଜାହୋଉଙ୍କ ପାସକୁ ହୁଗୋ ବେମୋସ ଗୋଲରେ ପରିଣତ କରି ଘରୋଇ ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ । ଘରୋଇ ଦଳର ଏହି ଖୁସି ବେଶୀ ସମୟ ରହି ନଥିଲା । ୩୬ତମ ମିନିଟରେ ମୋହନ ବାଗାନ୍ ଗୋଲ୍କି ଶୁଝି ସ୍ଥିତି ମ୍ୟାଚ୍କୁ ସମାନ ସ୍ଥିତିକୁ ନେଇ ଆସିଥିଲା ।

ଦିମିତ୍ରି ପେଟ୍ରାଟସ୍ଙ୍କ ପାସରେ ମନବୀର ସିଂହ ଏହି ଗୋଲ୍ ଦେଇଥିଲେ । ଫଳରେ ପ୍ରଥମାର୍ଦ୍ଧ ୧-୧ ଗୋଲରେ ଶେଷ ହୋଇଥିଲା । ଦ୍ୱିତୀୟାର୍ଦ୍ଧ ଉଭୟ ଦଳ ଗୋଲ୍ ଦେବାକୁ ଚେଷ୍ଟା କରିଥିଲେ । ହେଲେ କେହି ଦେଇ ନପାରିବାରୁ ଉଭୟ ଦଳ ୧-୧ ପଏଣ୍ଟରେ ସନ୍ତୁଷ୍ଟ ରହିଥିଲା । ମ୍ୟାଚ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଏବଂ ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥତି ଥିଲେ ।




# ସିକେ ନାଇଡୁ ଟ୍ରଫି, କର୍ଣ୍ଣାଟକ ବିଜୟୀ

ବଲାଙ୍ଗିର୧୧।୧୧ (ସବ୍ୟୁ): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ କର୍ଣ୍ଣାଟକ ଦଳ ବିଜୟୀ ହୋଇଛି। ରବିବାରର ଅସମାପ୍ତ ଖେଳ ୬ ୱିକେଟ, ୨୭୪ ରନରୁ ଆରମ୍ଭ କରି ଓଡିଶା ସମୁଦାୟ ୩୪୬ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ଓଡିଶା ଦଳ ତରଫରୁ ସଫଳ ବ୍ୟାଟ୍ସମ୍ୟାନ ଭାବରେ ସାୱାନ ପହରିଆ ସର୍ବାଧିକ ୧୨୧ ରନ ସଂଗ୍ରହ କରିଥିଲେ। ଫଳରେ କର୍ଣ୍ଣାଟକକୁ ବିଜୟୀ ହେବାପାଇଁ ୧୪୩ ରନର ଆବଶ୍ୟକ ଥିଲା। ଏହି ୧୪୩ ରନକୁ କର୍ଣ୍ଣାଟକ ଦଳ ୧ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। କର୍ଣ୍ଣାଟକ ଦଳ ତରଫରୁ ହରସଲ ଧିମାନୀ ୫୪ ରନ ଓ ପ୍ରକାର ଚର୍ତୁବେଦୀ ୭୨ ରନ ସଂଗ୍ରହ କରିଥିଲେ। ଚାରିଦିନର ମ୍ୟାଚରେ କର୍ଣ୍ଣାଟକ ଦଳ ପ୍ରଥମ ପାଳିରେ ୩୮୯ ରନ ସଂଗ୍ରହ




କରି ଅଲଆଉଟ ହୋଇଥିଲା। ଦ୍ୱିତୀୟ ପାଳିରେ ୧ ୱିକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା । ସେହିଭଳି ଓଡିଶା ଦଳ ତାର ପ୍ରଥମ ପାଳିରେ ୧୮୫ ରନ୍ ସଂଗ୍ରହ କରି ଅଲଆଉଟ ହୋଇଥିବାବେଳେ ଦ୍ୱିତୀୟ ପାଳିରେ ୩୪୬ ରନ ସଂଗ୍ରହ କରିଥିଲା। ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରିକର ମିଶ୍ରଙ୍କ ଅକ୍ଷତାରେ ଓ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଉଦଯାପନୀ ଉତ୍ସବ କରାଯାଇଥିଲା। ଏଥିରେ ବଲାଙ୍ଗିର ପୌରପରିଷଦର ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର ଓ ଯୁବନେତା ଗୋପାଳଜୀ ପାଣିଗ୍ରାହୀ ଅତିଥି ଭାବରେ ଯୋଗଦାନ କରିଥିଲେ। ମ୍ୟାଚରେ କର୍ଣ୍ଣାଟକ ଦଳର ମନଭତ୍ କୁମାରଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ମହିଳା କ୍ରିକେଟ କୋଚ୍ ଅରୁଣ କୁମାର ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବାଟ ଉଗାଳିଲେ ଟ୍ରିଷ୍ଟାନ ଷ୍ଟବ୍ସ

ନୂଆଦିଲ୍ଲୀ,୧୧।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ହାରି ଯାଇଛି ଭାରତ । ଦକ୍ଷିଣ ଆଫ୍ରିକା ଠାରୁ ୩ ୱିକେଟରେ ପରାସ୍ତ ହୋଇଛି ଭାରତୀୟ ଦଳ । ଏହା ସହିତ ୪ଟି ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ବରାବର ସ୍ଥିତିରେ ଅଛନ୍ତି । ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଭାରତର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା । ଦଳ ପୂରା ୨୦ ଓଭର ଖେଳିବାକୁ ସମର୍ଥ ହୋଇଥିଲା ଓ ଅଲ୍ଆଉଟ୍ ବି ହୋଇ ନଥିଲା, କିନ୍ତୁ ସ୍କୋର ୧୨୪ରେ ଅଟକି ଯାଇଥିଲା । ଦକ୍ଷିଣ ଆଫ୍ରିକାକୁ ମାତ୍ର ୧୨୫ ରନରେ ବିଜୟ ଟାର୍ଗେଟ ମିଳିଥିବା ବେଳେ ସେମାନେ ଏହାକୁ ଅତି ସହଜରେ ହାସଲ କରି ନେବେ ବୋଲି କୁହାଯାଉଥିଲା । କିନ୍ତୁ ସେମିତି ହୋଇ ନଥିଲା । ଦକ୍ଷିଣ ଆଫ୍ରିକାର ବ୍ୟାଟରଙ୍କ ବାଟ ଓଗାଳିଥିଲେ ବରୁଣ ଚକ୍ରବର୍ତ୍ତୀ । ଗୋଟିଏ ସମୟ ଆସିଥିଲା ଯେତେବେଳେ ଭାରତ ହାତକୁ ମ୍ୟାଚ୍ ଚାଲି ଯାଇଥିବା ଭଳି ମନେ ହୋଇଥିଲା । ୧୫.୪ ଓଭରରେ ୮୬ ରନରେ ୭ଟି ୱିକେଟ ହରାଇଥିଲା ଦକ୍ଷିଣ ଆଫ୍ରିକା । ଓପନର ରୟାନ ରିକେଲଟନ ୧୩ ରନ୍ କରି ଅର୍ଶଦୀପ ସିଂହଙ୍କ ବଲରେ ରିଙ୍କୁ ସିଂହଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ । ଏହା ସହିତ ଝଡ଼ିଥିଲା ଘରୋଇ ଦଳର ପ୍ରଥମ ୱିକେଟ୍ । ଆଉ ତା'ପରେ ଜଲୱା ଦେଖାଇଥିଲେ ବରୁଣ ଚକ୍ରବର୍ତ୍ତୀ । ଅଳ୍ପ ଅଳ୍ପ ରନ୍ ବ୍ୟବଧାନରେ ସେ ନେଇ ଚାଲିଲେ ଦକ୍ଷିଣ ଆଫ୍ରିକାର ବଡ଼ ବଡ଼ ବ୍ୟାଟରଙ୍କ ୱିକେଟ୍ । ରେଜା ହେଣ୍ଡ୍ରିକ୍ସ ୨୪ ରନ୍ କରିଥିବା ବେଳେ ବରୁଣଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ । ଅଧିନାୟକ ଏଡେନ ମାର୍କମ ମାତ୍ର ୩ ରନ୍ କରିଥିବା ବେଳେ ବରୁଣଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ । ମାର୍କୋ ୟାନସେନ ମାତ୍ର ୭ ରନ୍ କରିଥିଲେ । ତାଙ୍କୁ ବି ପ୍ୟାଭିଲିୟନ ପଠାଇଥିଲେ ବରୁଣ । ସେ ବରୁଣଙ୍କ ବଲରେ ବୋଲ୍ଡ ହୋଇଥିଲେ । ହେନରିଚ କ୍ଲାସେନ ୨ ରନ୍ କରିଥିବା ବେଳେ ବରୁଣଙ୍କ ବଲରେ ରିଙ୍କୁ ସିଂହଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ । ଡାଭିଡ ମିଲର ଖାତା ଖୋଲି ପାରି ନଥିଲେ । ତାଙ୍କୁ ବୋଲ୍ଡ କରିଥିଲେ ବରୁଣ । ଡାଭିଡ ଆଉଟ ହେବା ସହିତ ଦକ୍ଷିଣ ଆଫ୍ରିକା ୧୨.୨ ଓଭରରେ ୬୬ ରନରେ ୬ଟି ୱିକେଟ୍ ହରାଇ ସାରିଥିଲା ।



# ରାଜକନିକା କପ ଫୁଟବଲ: ପପୁଲାରକୁ ହରାଇ କିଶୋର କ୍ଲବ ଚାମ୍ପିଅନ

ରାଜକନିକା,୧୧।୧୧ (ସବ୍ୟୁ): ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୪୩ ତମ ରାଜକନିକା କପ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳରେ କିଶୋର କ୍ଲବ ଭୁବନେଶ୍ୱର ପପୁଲାର କ୍ଲବ ଢେଙ୍କାନାଳକୁ ଭେଟିଥିଲା ଏଥିରେ କିଶୋର କ୍ଲବ ଭୁବନେଶ୍ୱର ପପୁଲାର କ୍ଲବ ଢେଙ୍କାନାଳ କୁ ୪-୩ ଟ୍ରାଇବ୍ରେକର ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳଟି ୧-୧ ଗୋଲରେ ଅମୀମାଂଶିତ ରହିବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା ଆଜିର ରାଜା ସାହେବ ଦିବଂଗତ ଶରତ କୁମାର ଦେବ ଓ ରାଣୀ ସୁଶ୍ରୀ ଦେବୀଙ୍କୁ ସମର୍ପିତ କରାଯାଇଥିବା ଏହି ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଜି ବିଧାୟକ ପ୍ରତାପ କେଶରୀ ଦେବ, ସ୍ୱତନ୍ତ୍ର ଅତିଥି ଭାବେ ଚମ୍ପୁଆ ର ପୂର୍ବତନ ବିଧାୟକ ଧନୁର୍ଯ୍ୟୟ ସିଧୁ ଓ ମୁଖ୍ୟ ବକ୍ତା ଭାବେ ଓଡିଶା ଅଲମ୍ପିକ ସଂଘର ସମ୍ପାଦକ ତଥା ଫୁଟବଲ ଆସୋସିଏସନର ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଖଗେଶ୍ୱର ନାୟକ ପ୍ରମୁଖ




ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ୩୦ ହଜାର ଟଙ୍କା ଓ ୨୦ ହଜାର ଟଙ୍କା ସହିତ ହାରାମଣି ଟ୍ରଷ୍ଟ ପ୍ରଦତ୍ତ ଟ୍ରଫି ପ୍ରଦାନ କରିଥିଲେ । ଅନୁଷ୍ଠାନର ସଭାପତି ଦୋଳ ଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣୀ ଉତ୍ସବରେ ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ଅତିଥି ପରିଚୟ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସଭାପତି କପିଳେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନ୍ୟତମ ଉପସଭାପତି ବୈକୁଣ୍ଠ ନାଥ ପରିଡ଼ା ଓ ସଞ୍ଜୟ ଚନ୍ଦ୍ର ଦାସ , ଯୁଗ୍ମ ସମ୍ପାଦକ ଇଂ. ପ୍ରଶାନ୍ତ କୁମାର ବିଶ୍ୱାଳ, ଡ଼. ଫକୀର ଚନ୍ଦ୍ର ପ୍ରଧାନ ଓ ପ୍ରାଣବନ୍ଧୁ ରାଉତ, କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ ଓ ଉପଦେଷ୍ଟା ସଦସ୍ୟ ଆଦିକନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥି ମାନେ ବିଜେତା ଦଳର ମଳୟ ସ୍ୱାଇଁଙ୍କୁ ଯୁଧିଷ୍ଠିର ମଥାନ ସ୍ମାରକୀ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଓ ଉପବିଜେତା ଦଳର ପ୍ରଶାନ୍ତ ବାରିକ୍ଙ୍କୁ ରାମଚନ୍ଦ୍ର ମହାନ୍ତି ସ୍ମାରକୀ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରିଥିଲେ ସୁବ୍ରତ ପୁରୋହିତ, ଶଶୀକାନ୍ତ ଦାସିଆ,ଏମ. ଡି. ସାକଲିନ ଓ ଭୋଳାନାଥ ମହାକୁଡ଼ ଖେଳ ପରିଚାଳନା କରିଥିବାବେଳେ ଗୋଲକ ବିହାରୀ ମଲ୍ଲିକ ମ୍ୟାଚ କମିଶନର ଏବଂ ସୌମ୍ୟକାନ୍ତ ନାୟକ ଓ ପ୍ରଶାନ୍ତ ସାହୁ ଧାରା ବିବରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ । ଅକ୍ଷୟ ନାଥ, ବେଣୁଧର ପରିଡ଼ା, ବାସୁଦେବ ବେହେରା, ବିଜୟ ଭୂୟାଁ, ଶରତ ଜେନା, ମିର୍ଜା ଇବ୍ରାହିମ ବେଗ, ଅମିତାଭ କରଣ,, ସୁଶାନ୍ତ ମହାପାତ୍ର, ନିତ୍ୟାନନ୍ଦ ବେହେରା, ବିଶ୍ୱନାଥ ଦାଶ, କୂଳମଣି ବେହେରା, ତ୍ରିଲୋଚନ ପାଣି, ରାଜକିଶୋର ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।



## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଦ୍ୱାଦଶାହ ଉପଲକ୍ଷେ

"ନୈନଂ ଛିନ୍ଦନ୍ତିଶସ୍ତ୍ରାଣି ନୈନଂ ଦହତିପାବକଃ
ନଚୈନଂ କ୍ଲେଦୟନ୍ତ୍ୟାପୋ ନଶୋଷୟତିମାରୁତଃ"



ଡଃ. ଅରୁଣ କୁମାର ରାୟ
(ପୂର୍ବତନ ପ୍ରାଧ୍ୟାପକ ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ)
ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ
ଆବିର୍ଭାବ - ୧୧.୦୬.୧୯୪୭
ତିରୋଧାନ - ୦୧.୧୧.୨୦୨୪

ଚାହୁଁ ଚାହୁଁ ୧୨ ଦିନ ବିତି ଗଲାଣି । ଆପଣ ଆମ ଆଖିରୁ ଦୂରେଇ ଯାଇଛନ୍ତି ସତ ! ମାତ୍ର ଆପଣଙ୍କର ହସ ହସ ମୁହଁ ଆମ ଆଖିରେ ସଦା ଉଜ୍ଜୀବିତ । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଉତ୍ସାହ, ପ୍ରେରଣା, ଦିଗ୍ଦର୍ଶନ ଓ ଅନୁଶାସନକୁ ପାଥେୟ କରି ଆମେ ନିଶ୍ଚୟ ଆଗକୁ ବଢ଼ିବୁ । ଆପଣଙ୍କର ଅମର ଆତ୍ମାର ସଦ୍ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

**ଶୋକସନ୍ତପ୍ତ :** ପତ୍ନୀ-କବିତା, ଝିଅ-ମୌସୁମୀ, ଚୈତାଲି, ମିତାଲୀ, ସୋନାଲୀ, ଜୋଇଁ-ପଲାସ୍, ଶ୍ରୀବତ୍ସ, ରାଜା, ନିଳାଦ୍ରୀ ।



**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି